Daily Edition:
RNI No.ODIODI/2010/33791

ବୁଧବାର, ୧୭ ଜାନୁଆରୀ ୨୦୧୮
ଭାଗ ୮ ସଂଖ୍ୟା ୧୫୫

Wednesday, 17 January 2018
Volume VIII, Issue No 155

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମକର ୪ ; ମାଘ
୧୯୩୯ ଶକାବ୍ଦ, ୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

## ଗୁଜରାଟ ଓ ରାଜସ୍ଥାନ ପରେ ହରିୟାଣାରେ 'ପଦ୍ମାବତ' ରିଲିଜ ଉପରେ କଟକଣା



ବିବାଦୀୟ ଚଳଚ୍ଚିତ୍ର ପଦ୍ମାବତ'ର ରିଲିଜ ଉପରେ କଟକଣା ଲଗାଇଛନ୍ତି ହରିୟାଣା ସରକାର । ମଙ୍ଗଳବାର ହରିୟାଣା ସରକାରଙ୍କ କ୍ୟାବିନେଟରେ ଏହି ନିଷ୍ପତ୍ତି ହୋଇଛି । ଏଥି ପୂର୍ବରୁ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କହିଥିଲେ ଯେ, ଏହି ଚଳଚ୍ଚିତ୍ରକୁ ସେନସର ବୋର୍ଡ ଅନୁମତି ଦେଇଥିବାରୁ ଏହାକୁ ନେଇ ଆମର କୌଣସି ଆପତ୍ତି ନାହିଁ । ତେବେ ରାଜ୍ୟମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ । ପୂର୍ବରୁ ରାଜସ୍ଥାନ ଓ ଗୁଜରାଟ ସରକାର ଏହାର ରିଲିଜ ଉପରେ କଟକଣା ଲଗାଇସାରିଛନ୍ତି । ଏହି ଚଳଚ୍ଚିତ୍ର ଆସନ୍ତା ୨୫ରେ ରିଲିଜ କରାଯିବ ।

### ପ୍ରସଙ୍ଗ

Email : srutimedia@gmail.com

ବ୍ୟକ୍ତିଗତ ଆୟ ଉପରେ ସମ୍ପୂର୍ଣ୍ଣ ଆୟକର ଛାଡ କରାଯିବା ଉଚିତ କି ?

୧୫/୧/୧୮

ବିଚାରପତିମାନେ ସର୍ବସାଧାରଣରେ ନିଜ କ୍ଷୋଭ ବ୍ୟକ୍ତ କରିବା ଉଚିତ କି ?

ନା ୯୪%

ହଁ ୬%

### ଭିତର ପୃଷ୍ଠାରେ...



ତାଜମହଲ ପରିଦର୍ଶନ କଲେ ନେତନ୍ୟାହୁ

# ଯୁବପୀଢ଼ିର ଦୟନୀୟ ସ୍ଥିତି

## କୁଆଡୁ ମିଳିବ ଯୁବଜନସଂଖ୍ୟାର ଫାଇଦା !



ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେସନ୍ ସର୍ଭେର ରିପୋର୍ଟ

୨୫% ଯୁବକ ସାମାନ୍ୟ ହରଣଗୁଣନ କରିବାରେ ଅସମର୍ଥ

୪୨% ଯୁବକ ମାନଚିତ୍ରରେ ସେମାନଙ୍କ ରାଜ୍ୟକୁ ଦର୍ଶାଇ ପାରୁନାହାନ୍ତି

ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ଭାରତ ସରକାର ଦେଶର ଯୁବ ସଂଖ୍ୟାକୁ ନେଇ ଗର୍ବ ଅନୁଭବ କରୁଛନ୍ତି । ସମଗ୍ର ବିଶ୍ୱରେ ଭାରତ ଏକ ଯୁବ ଦେଶ ବୋଲି ଖୋଦ୍ ପ୍ରଧାନମନ୍ତ୍ରୀ ଗର୍ବର ସହ କୁହନ୍ତି । ପ୍ରଧାନମନ୍ତ୍ରୀଙ୍କ ମତରେ ଏହି ଯୁବକମାନେ ହିଁ ଦେଶର ଭବିଷ୍ୟତ । ସେମାନେ ଦେଶକୁ ନୂଆ ଦିଗ୍‌ଦର୍ଶନ ଦେବେ । ସେମାନଙ୍କୁ ଆଧାର କରି ଦେଶ ଆଗକୁ ବଢ଼ିବ ବୋଲି କୁହାଯାଉଥିବାବେଳେ ଯୁବକମାନଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭାରତ ବିଶ୍ୱରେ ଡେମୋଗ୍ରାଫିକ୍ ଡିଭିଡେଣ୍ଡର ଫାଇଦା ପାଇବ ବୋଲି କୁହାଯାଏ । କିନ୍ତୁ ବାସ୍ତବତା କ'ଣ ଜାଣିଲେ ଆପଣ ଚକିତ ହେବେ । ୨୦୧୭ରେ ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେସନ୍ ସର୍ଭେର ରିପୋର୍ଟ ମୁତାବକ ଭାରତର ୧୪ରୁ ୧୮ ବର୍ଷର ଯୁବକଯୁବତୀଙ୍କ ମଧ୍ୟରୁ ୨୫ ପ୍ରତିଶତ ନିଜ ଭାଷାରେ ମଧ୍ୟ ଧାଡ଼ିଟିଏ ପଢ଼ିପାରନ୍ତି ନାହିଁ । ହରଣ ଗୁଣନ କ'ଣ ତାହା ଜାଣନ୍ତି ନାହିଁ । ଏହି ସର୍ଭେ ମୁତାବକ ୮୬ % ଯୁବକ ଦେଶର ମାନଚିତ୍ର ଚିହ୍ନଟ କରିପାରୁଥିବାବେଳେ ବାକି ୧୪% ଙ୍କର ଦେଶର ମାନଚିତ୍ର ସମ୍ପର୍କରେ ଧାରଣା ନାହିଁ । ୩୬% ଯୁବକ ଦେଶର ରାଜଧାନୀର ନାମ ନୂଆଦିଲ୍ଲୀ ବୋଲି ଜାଣିନଥିବାବେଳେ ୨୧% ଯୁବକ ସେମାନଙ୍କ ରାଜ୍ୟର ନାମ ମଧ୍ୟ କହିପାରୁନାହାନ୍ତି । ୪୨ ପ୍ରତିଶତ ଯୁବକ ଭାରତ ମାନଚିତ୍ରରେ ସେମାନଙ୍କ ରାଜ୍ୟକୁ ଦର୍ଶାଇ ପାରୁନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ ହେଉଛି ଯେ, ୨୫% ଯୁବକ ସାମାନ୍ୟ ହରଣଗୁଣନ କରିବାରେ ଅସମର୍ଥ । ୧୭ପ୍ରତିଶତ ଯୁବକ ଏତେ ଅଜ୍ଞ ଯେ, ଘଣ୍ଟା ଦେଖି ସମୟ କହିବାକୁ ଅସମର୍ଥ । ୧୦ ପ୍ରତିଶତ ଯୁବକ ଟଙ୍କା ଗଣି ଜାଣିନାହାନ୍ତି । ୪୪ ପ୍ରତିଶତ ଯୁବକ ୧ କିଲୋ ଓଜନର ମାପ କେତେ ସେ ସମ୍ପର୍କରେ ସଚେତନ ନାହାଁନ୍ତି । ୧୦୦ ଗ୍ରାମରେ କେତେ ଗ୍ରାମ୍ ମିଶାଇଲେ ୧ କିଲୋ ହେବ ତାହା କହିପାରୁ ନାହାନ୍ତି । ୪୦% ଯୁବକ ଘଣ୍ଟା ମିନିଟ୍ ଓ ସେକେଣ୍ଡର ହିସାବ ଜାଣନ୍ତି ନାହିଁ । ଆମ ଦେଶର ଯୁବକମାନଙ୍କ ଶିକ୍ଷାଗତ ବିଜ୍ଞତା ଓ ଦକ୍ଷତା ଏଥିରୁ ପ୍ରମାଣିତ ହେଉଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଯଦି ସେମାନଙ୍କୁ ନିଯୁକ୍ତି ମିଳେ ତା'ହେଲେ ସେମାନେ କେଉଁ ପ୍ରକାରର ଦକ୍ଷତା ପ୍ରଦର୍ଶନ କରିବେ ତାହା ଏଥିରୁ ସହଜରେ ଅନୁମେୟ । ଏହି ଯୁବପୀଢ଼ିକୁ ଦକ୍ଷ କରିବା ପାଇଁ କେନ୍ଦ୍ର ସରକାର 'ଦକ୍ଷତା ବିକାଶ' ଅଭିଯାନ ଚଳାଇଛନ୍ତି । କିନ୍ତୁ ଦକ୍ଷତା ବିକାଶ ପୂର୍ବରୁ ଆମର ଯୁବବର୍ଗର ବାସ୍ତବିକ ସ୍ଥିତି ଯେ ଏତେ ଦୟନୀୟ ତାହା ଏବେ ସରକାରଙ୍କ ଦୃଷ୍ଟିକୁ ଆସିଛି ।

# ହଜ୍ ସବ୍‌ସିଡି ବନ୍ଦ

## ପାଣି ଜାହାଜରେ ଭାରତୀୟ ହଜ୍‌ଯାତ୍ରୀମାନଙ୍କୁ ସାଉଦୀ ଆରବ ଆସିବାକୁ ମିଳିବ ସୁଯୋଗ



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଅବାସ ନକ୍‌ଭୀ କହିଛନ୍ତି ଯେ, ଚଳିତ ବର୍ଷରୁ ହଜ୍ ତୀର୍ଥଯାତ୍ରାରେ ଯାଉଥିବା ମୁସଲମାନ ଧର୍ମାବଲମ୍ବୀଙ୍କୁ କେନ୍ଦ୍ର ସରକାର ଦେଉଥିବା ହଜ୍ ସବସିଡି (ଆର୍ଥିକ ସହାୟତା) ବନ୍ଦ କରାଯିବ । ସବ୍‌ସିଡି ବନ୍ଦ ସତ୍ତ୍ୱେ ଚଳିତ ବର୍ଷ ୧.୭୫ ଲକ୍ଷ ମୁସଲିମ୍ ମକ୍କା ଓ ମଦିନାକୁ ହଜ୍‌ଯାତ୍ରା କରିବାକୁ ଯିବେ । ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ହଜ୍ ଯାତ୍ରା ପାଇଁ ପୂର୍ବରୁ ତୀର୍ଥଯାତ୍ରୀମାନଙ୍କୁ କେବଳ ବିମାନରେ ଯିବାକୁ ପଡୁଥିବାବେଳେ ସାଉଦିଆରବ ସରକାର ପାଣି ଜାହାଜରେ ଭାରତୀୟ ହଜ୍‌ଯାତ୍ରୀମାନଙ୍କୁ ଆସିବା ପାଇଁ ଅନୁମତି ଦେବାକୁ ରାଜି ହୋଇଛନ୍ତି । ତେବେ ଏହାର ମୋଡାଲିଟି ପ୍ରସ୍ତୁତି ପାଇଁ ଉଭୟ ଦେଶର କର୍ତ୍ତୃପକ୍ଷ ଖୁବ୍ ଶୀଘ୍ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି । ବିଭାଗୀୟ ମନ୍ତ୍ରୀ ମୁକ୍ତାର ଅବାସ କହିଛନ୍ତି ଯେ, କେନ୍ଦ୍ରରେ ଉପା ସରକାର କ୍ଷମତାରେ ଥିବାବେଳେ ୨୦୧୨ରେ ମାନବ୍ୟର ସୁପ୍ରିମ୍‌କୋର୍ଟଙ୍କ ଏକ ସାମ୍ବିଧାନିକ ପୀଠ ହଜ୍ ସବ୍‌ସିଡି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ର ସରକାର ଦେଉଥିବା ହଜ୍ ସବସିଡି (ଆର୍ଥିକ ସହାୟତା) ନୀତି ଅନ୍ତର୍ଗତ ସରକାର ଦେଉଥିବା ଆର୍ଥିକ ସହାୟତାକୁ କ୍ରମଶଃ ହ୍ରାସ କରି ୧୦ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ଉଚ୍ଛେଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏଭଳି ନୀତି ବନ୍ଦ ହେବାର ଆବଶ୍ୟକତା ଥିବା ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ । ତତକାଳୀନ ଉପା ସରକାର ଏହି ପ୍ରସଙ୍ଗକୁ ଅଯଥା ରାଜନୀତିକରଣ କରୁଥିବାରୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା ମଧ୍ୟ କରିଥିଲେ । ଧାର୍ମିକସ୍ଥଳ ପରିଦର୍ଶନ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବା ଅସଙ୍ଗତ ଓ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ନିଜ ପକ୍ଷକୁ ଆଣିବାର ହୀନଉଦ୍ୟମ ବୋଲି କୋର୍ଟ ସମାଲୋଚନା କରିଥିଲେ । ଏପରିକି ହଜ୍ ପ୍ରତିନିଧିମଣ୍ଡଳୀ ସଂଖ୍ୟାକୁ ହ୍ରାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଅତୀତ ଭଳି ପ୍ରଧାନମନ୍ତ୍ରୀଙ୍କ ସଦିଚ୍ଛାମୂଳକ ହଜ୍ ପ୍ରତିନିଧି ଦଳ ଏକ ବିଶାଳ ଯାତ୍ରା ବା ପଟୁଆରରେ ପରିଣତ ନକରିବାକୁ ପରାମର୍ଶ ଦିଆଯାଇଥିଲା । ଯଦି ସରକାର ପ୍ରତିବର୍ଷ ହଜ୍ ପ୍ରତିନିଧି ଦଳଙ୍କୁ ପଠାଇବାକୁ ଚାହେଁ; ତେବେ ଅତିବେଶୀରେ ଦୁଇଜଣ ସଦସ୍ୟଙ୍କୁ ପଠାଯାଇପାରେ ବୋଲି କୋର୍ଟ ତାଙ୍କ ଆଦେଶରେ କହିଥିଲେ । ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ ଭାରତର ହଜ୍ କମିଟିର କାର୍ଯ୍ୟକଳାପ ଓ ହଜ୍ ପାଇଁ ତୀର୍ଥଯାତ୍ରୀଙ୍କୁ ଏହି କମିଟି କିଭଳି ମନୋନୟନ କରୁଛି ତାହାର ଅନୁଧ୍ୟାନ ଓ ଯାଞ୍ଚ କରାଯିବା ଦରକାର । ପୂର୍ବରୁ ପ୍ରତି ପାଞ୍ଚବର୍ଷରେ ଥରେ ଜଣେ ବ୍ୟକ୍ତିଙ୍କୁ ହଜ୍ ଯାତ୍ରା ପାଇଁ ସରକାର ଆର୍ଥିକ ସହାୟତା ଦେଉଥିଲେ । ପରେ ନୀତିରେ ପରିବର୍ତ୍ତନ କରି ଜଣେ ମୁସଲମାନ ବ୍ୟକ୍ତିଙ୍କ ତାଙ୍କ ଜୀବନକାଳରେ ଥରେ ଆର୍ଥିକ ସହାୟତା ଦେବା ପାଇଁ କେନ୍ଦ୍ର ସରକାର ତାଙ୍କ ନୀତିରେ ପରିବର୍ତ୍ତନ କରିଥିଲେ ।

## ସ୍ପିନିଂ ମିଲ୍ ପରିସରରୁ ମିଳିଲା ୫ ଖପୁରୀ

ଆଠଗଡ, ୧୬/୧(ଶ୍ରୁମି): ଆଠଗଡ଼ ତିଗିରିଆ ଥାନା ନୂଆପାଟଣା ସ୍ପିନିଂ ମିଲ୍ ପରିସରରୁ ମିଳିଛି ୫ ଖପୁରୀ । ଦୀର୍ଘ ଦିନ ଧରି ବନ୍ଦ ହୋଇପଡ଼ିଥିବା ଏହି ସ୍ପିନିଂ ମିଲ୍‌ର ଅଳିଆଗଦାରୁ ଏହି ୫ଟି ମଣିଷ ଖପୁରୀ ମିଳିଛି । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ୫ଟି ଯାକ ଖପୁରୀକୁ ଜବତ କରିଛି । ବୁଧବାର ଏଗୁଡ଼ିକର ପରୀକ୍ଷା ପାଇଁ ଲାବେରେଟୋରୀକୁ ପଠାଯିବ ।

# କ୍ୟାମ୍ପସ ହେବ 'ଅପରାଧ ଶୂନ୍ୟ କ୍ଷେତ୍ର'

ଭୁବନେଶ୍ୱର, ୧୬/୧(ଶ୍ରୁମି) : ରାଜ୍ୟ ସରକାର ରାଜ୍ୟର ସବୁ ଶିକ୍ଷାନୁଷ୍ଠାନର କ୍ୟାମ୍ପସକୁ 'କ୍ରାଇମ ଫ୍ରି ଜୋନ' କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ୟାମ୍ପସରେ ନିଶାସେବନ, ଅସଦାଚାରଣ, ଦୁଷ୍କର୍ମ, ହତ୍ୟା , ଯୁବତୀଙ୍କୁ ପିଛା କରିବା ଓ କମେଣ୍ଟ ମାରିବା ଭଳି ଘଟଣାକୁ ସମ୍ପୂର୍ଣ୍ଣ ବନ୍ଦ ହେବା ସୁନିଶ୍ଚିତ କରିବାକୁ ମଙ୍ଗଳବାର ପୁଲିସ ଡିଜି ଆରପି ଶର୍ମା ସବୁ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ଜିଲ୍ଲା, ପୁଲିସ ଜିଲ୍ଲା ପ୍ରଶାସନ. ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି । କ୍ୟାମ୍ପସ ଭିତରେ ଯେଭଳି କୌଣସି ପ୍ରକାରର ହିଂସ୍ର ଆଚରଣ ପ୍ରଦର୍ଶନ କରାନଯାଏ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି । କ୍ୟାମ୍ପସରେ ଯଦି ▶୩ ପୃଷ୍ଠାରେ

## ସାମାନ୍ୟକଥାରୁ ହତ୍ୟାକାଣ୍ଡ



ଜଗତସିଂହପୁର, ୧୬/୧ (ଶ୍ରୁମି) : ଝିମିଟି ଖେଳରୁ ମହାଭାରତ ଭଳି ସାମାନ୍ୟ କଥା କଟାକଟିରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ରାହାଣ ପଞ୍ଚାୟତର ମୁରୁଣିଆ ଗ୍ରାମରେ ଘଟିଯାଇଛି ଏକ ହତ୍ୟାକାଣ୍ଡ । ଅଭିଯୁକ୍ତ ବାବୁ ଖଟୁଆ (୨୮) ତାଙ୍କ ପଡ଼ୋଶୀ ବିବେକ ରାଉତ (୩୮)ଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା କୁହାଯାଇଛି । ସୋମବାର ରାତିରେ ଭୋଗେଶ୍ୱର ମନ୍ଦିର ନିକଟରେ ଏକ ମେଲୋଡି ଆୟୋଜିତ ହୋଇଥିଲା । ଏହାକୁ ନେଇ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହାପରେ ବାବୁ ଏକ ଛୁରୀ ଆଣି ବିବେକଙ୍କ ମୁଣ୍ଡ ଓ ପେଟକୁ ଆକ୍ରମଣ କରିଥିଲା । ଏଥିରେ ବିବେକ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ହସ୍ପିଟାଲ୍‌କୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଅପରପକ୍ଷେ ଅଭିଯୁକ୍ତ ବାବୁ ଓ ତା' ପିତା ଗଜେନ୍ଦ୍ର ଖଟୁଆ ଫେରାର୍ ହୋଇଯାଇଛନ୍ତି । ଆଜି ବାଲିକୁଦା ଥାନା ପୋଲିସ ଓ ଅନନ୍ତପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଝଗଡ଼ାବେଳେ ଉଭୟ ନିଶାସକ୍ତ ଥିଲେ ।

# ଅଭିଯୋଗକାରୀ ବିଚାରପତିଙ୍କୁ ଭେଟିଲେ ପ୍ରଧାନ ବିଚାରପତି

ନୂଆ ସାମ୍ବିଧାନିକ ପୀଠରେ ବରିଷ୍ଠଙ୍କୁ ଉପେକ୍ଷା

ବୁଧବାର ଠାରୁ ସଂଖ୍ୟାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିବ ନୂଆ ସାମ୍ବିଧାନିକ ପୀଠ



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟର ୪ ଜଣ ବରିଷ୍ଠ କାର୍ଯ୍ୟରତ ବିଚାରପତି ଜଷ୍ଟିସ ଜେ. ଚେଲମେଶ୍ୱର, କୁରିୟନ ଯୋଶେଫ, ରଂଜନ ଗୋଗୋଇ ଓ ମଦନ ଲୋକୁର ବିଦ୍ରୋହ କରିବା ସହ ଗତ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏକାଧିକ ପ୍ରସଙ୍ଗରେ ନିଜର ଅସନ୍ତୋଷ ଜାହିର କରିଥିଲେ । ଏହାକୁ ନେଇ ବିବାଦ ଏବେବି ଥମି ନାହିଁ । ଏହି ପରିପ୍ରେକ୍ଷୀରେ ୪ ଅଭିଯୋଗକାରୀ ବିଚାରପତିଙ୍କୁ ମଙ୍ଗଳବାର ପ୍ରଧାନ ବିଚାରପତି ଦୀପକ ମିଶ୍ର ଭେଟିବା ସହ ସେମାନଙ୍କ ସହିତ କେତେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି । ତେବେ ଆଲୋଚନା ପରେ ଉକ୍ତ ପ୍ରସଙ୍ଗରେ କୌଣସି ସହମତି ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ତେବେ ଅଭିଯୋଗକାରୀ ଉପରୋକ୍ତ ୪ ବିଚାରପତି ଆଜି ମଧ୍ୟ ବିଶେଷ କଥାବାର୍ତ୍ତା କରିନଥିଲେ । ଗଣମାଧ୍ୟମ ସମ୍ମୁଖରେ ଚୁପ୍ ରହିଥିଲେ । ସେମାନଙ୍କ ଚେହେରାରେ ଅସନ୍ତୋଷ ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା । ପୂର୍ବରୁ ପ୍ରଧାନ ବିଚାରପତି ଓ ଏହି ୪ ଜଣ ବିଚାରପତିଙ୍କ ସହ ଭିନ୍ନ ଭିନ୍ନ ଭାବେ ସୁପ୍ରିମ୍‌କୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବିକାଶ ସିଂହଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲା । ତେବେ ଏହି ଆଲୋଚନାରୁ ସେଭଳି କୌଣସି ସୁଫଳ ମିଳିନଥିବା କୁହାଯାଉଛି । କାରଣ ପ୍ରଧାନ ବିଚାରପତି ଦୀପକ ମିଶ୍ର ସୋମବାର ଆଉ ଏକ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିଛନ୍ତି ଯେଉଁଥିରେ ଅଭିଯୋଗକାରୀ ଜଷ୍ଟିସ୍ ଚେଲମେଶ୍ୱର, ରଞ୍ଜନ ଗୋଗଇ, ଏମ୍.ବି.ଲୋକୁର କିମ୍ବା କୁରିଅନ ଯୋଶେଫଙ୍କ ମଧ୍ୟରୁ କେହି ଏଥିରେ ସ୍ଥାନ ପାଇନାହାନ୍ତି । ଏହି ସାମ୍ବିଧାନିକ ଖଣ୍ଡପୀଠର ଅଧ୍ୟକ୍ଷ ନିଜେ ଦୀପକ ମିଶ୍ର ଥିବାବେଳେ ତାଙ୍କ ପସନ୍ଦର ଅନ୍ୟ ୪ ଜଣ ଜୁନିୟର ବିଚାରପତି ଏ.କେ.ସିକ୍ରୀ, ଏ.ଏମ୍.ଖାନୱିଲ୍‌କର, ଡି.ୱାଇ. ଚନ୍ଦ୍ରଚୂଡ଼ ଓ ଅଶୋକ ଭୂଷଣ ସ୍ଥାନ ପାଇଛନ୍ତି । ଏହି ଖଣ୍ଡପୀଠ ଆସନ୍ତା ବୁଧବାର ଠାରୁ ୮ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଆରମ୍ଭ କରିବ । ଏହି ଖଣ୍ଡପୀଠରେ ଆଧାର ଆଇନ୍ ୨୦୧୩ର ସାମ୍ବିଧାନିକ ବୈଧ୍ୟତା, ୨ ପ୍ରାପ୍ତ ବୟସ୍କଙ୍କ ସହମତି ଭିତ୍ତିରେ ସମଲିଙ୍ଗୀ ଯୌନ ସମ୍ପର୍କ, କେରଳର ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ହେବ । ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି ହେବାକୁ ଥିବା ସାମ୍ବିଧାନିକ ଖଣ୍ଡପୀଠରେ ବରିଷ୍ଠ ବିଚାରପତିଙ୍କୁ ସ୍ଥାନ ନଦେଇ ଚିଫ୍ ଜଷ୍ଟିସ୍ ଦୀପକ ମିଶ୍ର ତାଙ୍କ ଜିଦ୍‌ରେ ଅଟଳ ଥିବା କୁହାଯାଉଛି ।

ପ୍ରକାଶଥାଉ କି, ଗତବର୍ଷ ଅକ୍ଟୋବର ୧୦ ତାରିଖରେ ଉକ୍ତ ୫ ଜଣ ବିଚାରପତିଙ୍କୁ ନେଇ ଗଠିତ ହୋଇଥିବା ଖଣ୍ଡପୀଠ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ମଧ୍ୟରେ କ୍ଷମତା ବିବାଦର ଅତି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିଥିଲେ ।

## ସିଙ୍ଗଲ ୱିଣ୍ଡୋରେ ୩୨୮କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ

### କଟକରେ ପ୍ରତିଷ୍ଠା ହେବ ଏକ ୪ ତାରକା ହୋଟେଲ



ଭୁବନେଶ୍ୱର ,୧୬/୧(ଶ୍ରୁମି) : ସିଙ୍ଗଲ ୱିଣ୍ଡୋର ୭୬ତମ ବୈଠକରେ ୩୨୮କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ବୈଠକରେ ଏହି ପ୍ରକଳ୍ପଗୁଡିକୁ ଅନୁମୋଦନ କରାଯାଇଛି । ଏଥି ମଧ୍ୟରେ ଅନୁଗୁଳରେ ୭୫ କୋଟି ଟଙ୍କା ବ୍ୟୟରେ ଏକ ଆଲୁମିନିୟମ ତାର , ରଡ ଓ ଆଲଏଡ ନିର୍ମାଣ ପ୍ଲାଣ୍ଟ ପ୍ରକଳ୍ପ , ଅନୁଗୁଳ ଆଲୁମିନିୟମ ପାର୍କରେ ୫୬.୮୭ କୋଟି ଟଙ୍କା ବ୍ୟୟରେ ଏକ ଡାଉନଷ୍ଟ୍ରିମ ନିର୍ମାଣ ପ୍ଲାଣ୍ଟ, ୫୦.୨୭ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାର ଶିଳ୍ପାଞ୍ଚଳରେ ଏକ କୁକୁଡା ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ଗୋଟିଏ କୁକୁଡା ଖାଦ୍ୟ ପ୍ଲାଣ୍ଟ, ୯୧.୪୫ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାର ଶିଳ୍ପାଞ୍ଚଳରେ ଏକ ଖାଇବା ତେଲ ପ୍ଲାଣ୍ଟ, ୫୪.୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ହେବାକୁ ଥିବା କଟକରେ ଏକ ୪ ତାରକା ହୋଟେଲ ପ୍ରକଳ୍ପ ସାମିଲ ରହିଛି ।

# ୨ଟି ଗାଁ ମଧ୍ୟରେ ସଂଘର୍ଷ, ଗ୍ରାମବାସୀଙ୍କ ମାଡରେ ଏସ୍‌ଆଇ ଗୁରୁତର



ବାଲେଶ୍ୱର, ୧୬/୧ (ଶ୍ରୁମି) : ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲା ସୀମା କଳମା ଏବଂ ବାଙ୍କତିରା ଗ୍ରାମ ମଧ୍ୟରେ ସଂଘର୍ଷ ଘଟି ତୁମୁଳ କାଣ୍ଡ ଘଟିଛି । ଏଥିରେ ହଳଦୀପଦର ଫାଣ୍ଡିର ମୁଖ୍ୟ ଏସ୍‌ଆଇ ରାଜେନ୍ଦ୍ର ନାୟକ ଗୁରୁତର ଆହତ ହୋଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ତାଙ୍କର ମୁଣ୍ଡ ଫାଟିଯାଇଛି । ବାଙ୍କତିରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୋକାନ କଳମା ବଜାରରେ ଥିଲା । ପ୍ରାୟ ୮ଦିନ ତଳେ ଏଥିରେ ନିଆଁ ଲାଗିଯାଇଥିଲା । ଏହାକୁ ନେଇ ଉଭୟ ଗ୍ରାମବାସୀ ମୁହାଁମୁହିଁ ସ୍ଥିତିକୁ ଆସିଥିଲେ । ଏଥିଯୋଗୁଁ ମଙ୍ଗଳବାର ସମ୍ପୃକ୍ତ ଗ୍ରାମବାସୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଘଟଣା ମୟୁରଭଞ୍ଜ ଜିଲ୍ଲା ପୋଲିସ ଅଧିନରେ ହୋଇଥିଲେ ମଧ୍ୟ ମୟୁରଭଞ୍ଜ ପୋଲିସ ନିଷ୍କ୍ରିୟ ହୋଇ ବସି ରହିଥିଲା । ଫଳରେ ଘଟଣା ଉଗ୍ରରୂପ ନେଇଥିଲା । ରାସ୍ତା ଅବରୋଧରୁ ଗ୍ରାମବାସୀଙ୍କୁ ହଟାଇବା ପାଇଁ ବାଲେଶ୍ୱର ଜିଲ୍ଲାର ହଳଦୀପଦର ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ନାୟକ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ । ହେଲେ ଓଲଟା ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରି ବିଲ ମଧ୍ୟକୁ ଠେଲି ଦେଇ ଏଥିରେ ନିଆଁ ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ଏସ୍‌ଆଇ ରାଜେନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ମୟୁରଭଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଏବେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ଉଭୟ ଜିଲ୍ଲାର ପୋଲିସ ସେଠାରେ ମୁତୟନ ହୋଇଛନ୍ତି ।

## କେନ୍ଦ୍ର ଖଣିମନ୍ତ୍ରୀଙ୍କୁ ଭେଟିଲେ ଖଣି ଲିଜଧାରୀ



ନୂଆଦିଲ୍ଲୀ ,୧୬/୧(ଏଜେନ୍ସି) : ୨୦୦୦-୨୦୧୦ ବର୍ଷ ମଧ୍ୟରେ ବିଭିନ୍ନ ଅନିୟମିତତା କରି ଖଣିଜ ଉତ୍ତୋଳନ କରିଥିବା ଖଣି ଲିଜ୍‌ଧାରୀମାନଙ୍କୁ ଗତ ମାସ ୩୧ ସୁଦ୍ଧା ୧୦୦% ଜୋରିମାନା ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଲିଜ ଧାରୀଙ୍କ ମଧ୍ୟରୁ କିଛି ଲିଜ ଧାରୀ ଜୋରିମାନା ଦେଇନପାରିବାରୁ ସେମାନଙ୍କ ଖଣିରୁ ଖଣିଜ ଉତ୍ତୋଳନ ବନ୍ଦ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜୋରିମାନା ଦେଇଥିବା ଓ ଜୋରିମାନା ନଦେଇଥିବା ଉଭୟ ଲିଜ ଧାରୀ ଆଜି ନୂଆଦିଲ୍ଲୀରେ ଖଣିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମରଙ୍କୁ ୨ଟି ପର୍ଯ୍ୟାୟରେ ଭେଟି ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖଣିମନ୍ତ୍ରୀ ଜୋରିମାନା ନଦେଇଥିବା ଲିଜ ଧାରୀଙ୍କୁ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ ଦେଇଛନ୍ତି । ତେବେ ଯେଉଁ ଖଣିଗୁଡିକ ଏବେ କାର୍ଯ୍ୟକ୍ଷମ ଅଛି ସେଗୁଡିକରେ ଖଣିଜ ଉତ୍ତୋଳନ ବୃଦ୍ଧି କରିବା ପାଇଁ ସେ କହିଛନ୍ତି । ଖଣି କ୍ଷେତ୍ରରେ ସୃଷ୍ଟ ମାନ୍ଦାବସ୍ଥାରୁ ମୁକ୍ତି ପାଇଁ ଖଣିଜ ଉତ୍ତୋଳନ ବୃଦ୍ଧି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ଉଚ୍ଚପ୍ରଶାସନିକ ସ୍ତରରେ ବଡ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୬/୧ (ଶ୍ରୁମି) : ରାଜ୍ୟରେ ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି । ୨୦୦୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶାଳିନୀ ପଣ୍ଡିତଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା, ୨୦୦୨ ଆଇଏଏସ୍ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକଙ୍କୁ ସିଏମ୍‌ଜିଆଇର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ଏବେରାଜ୍ୟ ମେଡିକାଲ୍ କର୍ପୋରେସନ୍‌ର ପରିଚାଳନା ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଛନ୍ତି । ୨୦୦୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପ୍ରଭାତ କୁମାର ଲେଙ୍କାଙ୍କୁ ଲୋକ ଉଦ୍ୟୋଗ (ପବ୍ଲିକ୍ ଏଣ୍ଟରପ୍ରାଇଜ)ର ନୂତନ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି । ୨୦୦୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଭୁପେନ୍ଦ୍ର ସିଂ ପୁନିଆଙ୍କୁ ଓପେପାର ନୂଆ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ୨୦୧୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଧାଂଶୁ ମୋହନ ସାମଲଙ୍କୁ ଉଦ୍ୟାନ ବିଭାଗର ନିର୍ଦ୍ଦେଶକ, ୨୦୧୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରଶ୍ମିତା ପଣ୍ଡାଙ୍କୁ ରାଉରକେଲା ସ୍ମାର୍ଟ ସିଟିର ନୂଆ ସିଇଓ ଭାବେ ଦାୟିତ୍ୱ ଦିଆଯାଇଛି । ଏଥିସହ ସେ ରାଉରକେଲା ନଗର ନିଗମର କମିଶନର ଭାବେ ମଧ୍ୟ କାର୍ଯ୍ୟ ତୁଲାଇବେ । ସେହିପରି ୮ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି ।

୨୦୦୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତିରୁମାଲା ନାୟକଙ୍କୁ ବଲାଙ୍ଗୀର ଜିଲ୍ଲାପାଳ, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଆଶିଷ ଠାକରେଙ୍କୁ କେନ୍ଦୁଝର ଜିଲ୍ଲାପାଳ, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ କୋରାପୁଟ୍ ଜିଲ୍ଲାପାଳ, ୨୦୧୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅନୁପମ ଶାହାଙ୍କୁ ଗଜପତିର ଜିଲ୍ଲାପାଳ, ୨୦୧୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମନୀଷ ଅଗ୍ରୱାଲଙ୍କୁ ମାଲକାନାଗିରି ଜିଲ୍ଲାପାଳ, ୨୦୧୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ନିଖିଲ ପୱନ କଲ୍ୟାଣଙ୍କୁ ଢେଙ୍କାନାଳ ଜିଲ୍ଲାପାଳ ଏବଂ ଓଡ଼ିଶା ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କୁ ବାଲେଶ୍ୱର ଜିଲ୍ଲପାଳ, ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଜୟ କୁମାର ପରିଡ଼ାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ, ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ଦାସଙ୍କୁ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ, ଓପିଏସିର ନୂଆ ଅଧ୍ୟକ୍ଷ ଭାବେ ବ୍ରିଗେଡିୟର ଲକ୍ଷ୍ମୀଚରଣ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି ।

# ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରା ମ୍ୟାନ୍‌ଙ୍କୁ ସଚିବାଳୟ ମନା

ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ଯାହାର ପାସ୍ ଅଛି ସେହିମାନେ ହିଁ ସଚିବାଳୟକୁ ପ୍ରବେଶ କରିପାରିବେ । ସାଂସଦ ବୈଜୟନ୍ତ ପଣ୍ଡାଙ୍କ ବିବାଦୀୟ ବକ୍ତବ୍ୟକୁ ନେଇ ତୃତୀୟ ମହଲାରୁ ଗୃହ ବିଭାଗକୁ ଏଭଳି କଡା ନିର୍ଦ୍ଦେଶ ଦିଆଯାଇଛି । ଏପରିକି ବିନା ପାସ୍‌ରେ ଆସିଥିବା ବୈଦ୍ୟୁତିକ ଗଣମାଧ୍ୟମର ଚାରିଚକିଆ ଯାନକୁ ମଧ୍ୟ ସଚିବାଳୟକୁ ପ୍ରବେଶ କରିବାର ଅନୁମତି ମିଳିନାହିଁ । ସୋମବାର ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏକ ଘଣ୍ଟା ମଧ୍ୟରେ ସଚିବାଳୟ ପ୍ରବେଶ ପାସ୍‌ର ବ୍ୟବସ୍ଥା କରିବାକୁ କୁହାଯାଇଥିଲା । କିନ୍ତୁ ମଙ୍ଗଳବାର ସକାଳୁ ପାସ୍ ନଥିବା ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କୁ ସଚିବାଳୟ ପ୍ରବେଶକୁ ଅନୁମତି ମିଳିନଥିଲା । ସଚିବାଳୟ ସୁରକ୍ଷାକର୍ମୀମାନେ ପ୍ରବେଶ ପଥର ଦ୍ୱାରା ମୁହଁରୁ ଚାରିଚକିଆ ଯାନରୁ ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କୁ ଗାଡିରେ ଉହ୍ଲାଇ ଦେଇ ଚାରି ନମ୍ବର ଗେଟ୍‌ର ଆବ୍ୟର୍ଥନା କକ୍ଷ ଦ୍ୱାର ପଟେ ଯିବାକୁ କହିଥିଲେ । ଯେଉଁମାନଙ୍କର ସଚିବାଳୟ ପ୍ରବେଶ ପାସ୍ ଥିଲା ସେମାନଙ୍କୁ ଛଡାଗଲା ବାକି ଯେଉଁମାନଙ୍କର ପାସ ନଥିଲା ସେମାନଙ୍କୁ ଛଡାଗଲା ନାହିଁ । ପାସ୍ ଥିବା କିଛି ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ତୃତୀୟ ମହଲାରେ ଯାଇ କଥାବାର୍ତ୍ତା କରିବାରୁ ଗୋଟିଏ ଦିନ ପାଇଁ ବିନା ପାସ୍‌ଧାରୀ ସାମ୍ବାଦିକ ଓ କ୍ୟାମେରାମ୍ୟାନ୍‌ଙ୍କୁ ଏକ କାଗଜରେ ଦସ୍ତଖତ କରାଯାଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ସଚିବାଳୟର ସବୁ ସରକାରୀ କାର୍ଯ୍ୟକ୍ରମର ତଥ୍ୟ ସଂଗ୍ରହ କରିବା ପାଇଁ ସବୁ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରାମ୍ୟାନ ପହଞ୍ଚିପାରିନଥିଲେ । ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ସୁକାନ୍ତ କୁମାର ପଣ୍ଡାଙ୍କ ନିକଟରେ ଫେରାଦ୍ ହୋଇଥିଲେ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ । ୨ରୁ ଅଧିକ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କୁ ସଚିବାଳୟ ପ୍ରବେଶ ପାସ୍ ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ ସକରାତ୍ମକ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଲୋକସମ୍ପର୍କ ଅଧିକାରୀ ।

ଉଲ୍ଲେଖଥାଉ କି ଗତ ସପ୍ତାହରେ କେନ୍ଦ୍ରାପଡାର ବିଜେଡି ସାଂସଦ ବୈଜୟନ୍ତ ପଣ୍ଡା ମାହାଙ୍ଗାରେ ଏକ ପାଣିଟାଙ୍କି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ତୃତୀୟ ମହଲାକୁ ଟାର୍ଗେଟ୍ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ପ୍ରତି କଟୂ ମନ୍ତବ୍ୟ ପ୍ରଦାନ କରିଥିଲେ । ସାଂସଦଙ୍କ ମାଲିକାନାରେ ଥିବା ବୈଦ୍ୟୁତିକ ଗଣମାଧ୍ୟମ 'ଓଟିଭି' ଲଗାତାର ଭାବେ ସେହି ଦିନ ଠାରୁ ସମ୍ପୃକ୍ତ ଆଇଏଏସ୍ ଅଧିକାରୀ ଶ୍ରୀ ପାଣ୍ଡିଆନ୍ ଓ ତୃତୀୟ ମହଲାକୁ ଟାର୍ଗେଟ୍ କରି ଖବର ମାନ ପ୍ରସାରଣ କରିଆସୁଛି । ଏହାକୁ ନେଇ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି ।

# ମହିଳାଙ୍କ ଆତ୍ମହତ୍ୟା

କଟକ, ୧୬/୧ (ଶ୍ରୁମି) : ଜଗତପୁର ଥାନା ଅନ୍ତର୍ଗତ ରାମେଶ୍ୱରସ୍ଥିତ ଟା'ପଡା ଗ୍ରାମର ପ୍ରଦୀପ ନାୟକଙ୍କ ପତ୍ନୀ ବିନୋଦିନୀ ନାୟକ(୩୮) ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଜଗତପୁର ଥାନା ପୁଲିସ ଏ ସଂପର୍କରେ ଏକ ଅପମୃତ୍ୟୁ ମାମଲା ୩/୧୮ ରୁଜୁ କରି ଶବ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି । ସୂଚନାରୁ ଜଣାଯାଇଛି, ପ୍ରଦୀପର ପ୍ରଥମ ପତ୍ନୀ ମୃତ୍ୟୁ ହେବା ପରେ ପ୍ରାୟ ୧୦ ବର୍ଷ ପୂର୍ବେ ବିନୋଦିନୀକୁ ଦ୍ୱିତୀୟ ପତ୍ନୀ ଭାବେ ଗ୍ରହଣ କରିଥିଲେ । ପ୍ରଥମ ପତ୍ନୀର ଗୋଟିଏ ଝିଅ ଓ ଗୋଟିଏ ପୁଅ ରହିଛନ୍ତି । ଝିଅଟି ପିଜି କରୁଥିଲା ବେଳେ ପୁଅ ଡିପ୍ଲୋମା କରୁଛି । ବିନୋଦିନୀ ୭ ମାସର ଗର୍ଭ ଥିବାର ଜଣାପଡିଛି । କେଉଁ କାରଣରୁ ବିନୋଦିନୀ ଆତ୍ମହତ୍ୟା କଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ ।

## ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସି

ମୋହନା, ୧୬/୧ (ଶ୍ରୁମି) : ମୋହନା ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମ ବୁଲାଣି ରାସ୍ତାରେ ଏକ ଟାଟା ଏସି ଗାଡ଼ି ଓଲଟି ପଡ଼ିଛି । ଦୁର୍ଘଟଣାରେ ଗାଡ଼ିର ଡ୍ରାଇଭର ବୁଲୁ ସ୍ୱାଇଁ ଓ ମାଲିକ ଗାନ୍ଧିଜୀ ପାତ୍ର ଆହତ ହେଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି । ଦୁର୍ଘଟଣା ପରେ ମୋହନା ପାରଳାଖେମୁଣ୍ଡି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଗାଡ଼ିଟି ପାଇପ୍ କେବୁଲ୍ ନେଇ ବ୍ରହ୍ମପୁର ପ୍ରହ୍ଲାଦନଗରରୁ ଆର.ଉଦୟଗିରି ଯାଉଥିବାବେଳେ ଡ୍ରାଇଭର ପ୍ରବଳ ମଦ୍ୟପାନ କରି ମାତାଲ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି । ଏଥିନେଇ ଚନ୍ଦଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି ।

# ଦୁର୍ଦ୍ଧାନ୍ତ ମାଓବାଦୀ ରାମେଶ୍ୱରର ଆତ୍ମସମର୍ପଣ



ରାଉରକେଲା, ୧୬।୧ (ଶ୍ରୁ.ମି) : ଓଡ଼ିଶା-ଝାରଖଣ୍ଡ ସୀମାନ୍ତରେ ଥିବା ସରଣ୍ଡା ଜଙ୍ଗଲ ସମେତ ସମ୍ବଲପୁର ଜିଲ୍ଲାର ଦାଣ୍ଡଟୋକା ଅଞ୍ଚଳରେ ବିଭିନ୍ନ ମାଓ କାର୍ଯ୍ୟକଳାପରେ ସଂପୃକ୍ତ ଥାଇ ଆତଙ୍କ ମଚାଇଥିବା ଦୁର୍ଦ୍ଧାନ୍ତ ମାଓବାଦୀ ରାମସାଇ ଓରଫ ରାମେଶ୍ୱର ମୁଣ୍ଡା ଆଜି ରାଉରକେଲା ପୋଲିସ ତଥା ସିଆରପିଏଫ୍‌ର ୧୯ ବାଟାଲିୟାନ ନିକଟରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି । ଜିଲ୍ଲା ପୋଲିସ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଝାଡଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲାର ବାଣ୍ଟୁ ଥାନା ଅଞ୍ଚଳରେ ଥିବା ଗୋବାଡି ଗ୍ରାମର ବଡଟୋଲା ମୂଳ ବାସିନ୍ଦା ପାହଡସିଂହ ମୁଣ୍ଡାଙ୍କ ପୁଅ ରାମେଶ୍ୱର ୮ ବର୍ଷ ବୟସରେ ୨୦୧୨ ମସିହାରେ ମାଓବାଦୀ ସଂଗଠନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପୋଲିସ ସହ ହୋଇଥିବା ଗୁଳି ବିନିମୟ ଘଟଣାରେ ସାମିଲ ଥିଲା । ମାଓବାଦୀ ଅନମୋଲ ସହିତ କାର୍ଯ୍ୟକରୁଥିବା ମାଓବାଦୀ ରାମେଶ୍ୱର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅର୍ଥ ପାଇବା ଆଶାରେ ମାଓବାଦୀ ସଂଗଠନରେ ଭର୍ତ୍ତି ହେବା ପରେ ନିଜ ଆଶା ପୂରଣ ନହେବା ଯୋଗୁ ସେ ପୁଣି ଥରେ ମୁଖ୍ୟ ସ୍ରୋତକୁ ଫେରିଆସିବା ନିଷ୍ପତ୍ତି ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କଥା କୁହାଯାଇଛି । ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ରାମେଶ୍ୱରଙ୍କୁ ସମସ୍ତ ପ୍ରକାର ସାହାର୍ଯ୍ୟ ଦିଆଯିବବୋଲି ବିଜ୍ଞପ୍ତିରେ ଦର୍ଶା ଯାଇଛି ।

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଲାଇନ୍‌ମ୍ୟାନ୍ ଓ ଠିକାଦାର

କଟକ, ୧୬/୧ (ଶ୍ରୁମି) : ଆଜି ଭିଜିଲାନସ ଜାଲରେ ଜଣେ ଲାଂଚଖୋର ବିଦ୍ୟୁତବିଭାଗୀୟ ଲାଇନମ୍ୟାନ ପଡିଛନ୍ତି । ତାଙ୍କର ନାମ ହେଉଛି ଜୀବନଜୟ ଲେଙ୍କା ଏବଂ ସେ ଏବେ ଗଂଜାମ ଜିଲ୍ଲା ବୁଗୁଡାସ୍ଥିତ ସାଉଥକୋ ଅଫିସରେ ଲାଇନମ୍ୟାନ-ବି ଭାବରେ କାର୍ଯ୍ୟରତ ଅଛନ୍ତି । ତାଙ୍କ ସହିତ ବିଦ୍ୟୁତ ଠିକାଦାର ବିଭୁ ପ୍ରସାଦ ସାହୁ ମଧ୍ୟ ଭିଜିଲାନସ ଜାଲରେ ପଡି ଗିରଫ ହୋଇଛନ୍ତି । ବୁଗୁଡା ଗ୍ରାମ ର କୁଂଜ ବିହାରୀ ବେହେରା ଙ୍କ ୱେଲଡିଂ ଦୋକାନକୁ ବିଦ୍ୟୁତ ସଂଯୋଗ ଦେବା ନିମନ୍ତେ ଏହି ଲାଂଚ କାରବାର ହେଉଥିଲା । ଆଜି ଶ୍ରୀ ବେହେରା ଙ୍କ ଠାରୁ ୧୦ ହଜାର ଟଙ୍କା ଲାଂଚ ନିଆଯାଉଥିବା ବେଳେ ବ୍ରହ୍ମପୁର ଭିଜିଲାନସ ଡିଭିଜନ ଅଫିସରମାନେ ଉପରୋକ୍ତ ୨ ଜଣ ଙ୍କୁ ଗିରଫ କରିଛନ୍ତି । ଶ୍ରୀ ଲେଙ୍କା ଙ୍କ କହିବାନୁସାରେ ସେହି ଲାଂଚ ଟଙ୍କା ଶ୍ରୀ ସାହୁଙ୍କୁ ଦିଆଯିବା ସମୟରେ ଉଭୟ ଧରାପଡିଥିଲେ । ଏସମ୍ପର୍କରେ ବ୍ରହ୍ମପୁର ଭିଜିଲାନସ ଥାନା ରେ ୨/୨୦୧୮ ନମ୍ବର ମକଦ୍ଦମା ରୁଜୁ କରାଯାଇଛି ।

# ୩୦ ହଜାର ଲାଞ୍ଚ ନେଇ ଜୁନିୟର ଇଂଜିନିୟର ଗିରଫ

କଟକ, ୧୬/୧ (ଶ୍ରୁମି) : ଚାଷଜମିରେ ବୋରୱେଲ ବସାଇବା ନିମନ୍ତେ ୩୦ ହଜାର ଟଙ୍କା ଲାଂଚ ଦାବିକରିବା ଓ ଗ୍ରହଣ କରିବା ଅଭିଯୋଗରେ ଆଜି ଜଣେ ଜୁନିୟର ଇଂଜିନିଅର ଭିଜିଲାନସ ଜାଲରେ ପଡଛନ୍ତି । ତାଙ୍କର ନାମ ହେଉଛି ଦେବାଶିଷ ମହାନ୍ତି ଏବଂ ସେ ଏବେ କେଉଁଝରସ୍ଥିତ ଉଠାଜଳସେଚନ ଡିଭିଜନ ଏକଜିକ୍ୟୁଟିଭ ଇଂଜିନିଅର ଙ୍କ ଅଫିସରେ ଜୁନିଅର ଇଂଜିନିଅର(ଠିକାଭିତ୍ତିକ) ଭାବେ କାର୍ଯ୍ୟରତ ଅଛନ୍ତି । କେଉଁଝର ଜିଲ୍ଲା ପାଟନା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ରଂଜିତ ମହାନ୍ତି ଙ୍କ ଚାଷଜମିରେ ବିଜୁ କୃଷକ ବିକାଶ ଯୋଜନା ରେ ବୋରୱେଲ ବସାଇବା ନିମନ୍ତେ ଶ୍ରୀ ମହାନ୍ତି ଏହି ଲାଂଚ ବାବଦରେ ୩୦ ହଜାର ଟଙ୍କା ଦାବି କରିଥିଲେ । ଆଜି ଏହି ଲାଂଚ ଟଙ୍କା ଦେଣନେଣ ହେଉଥିବା ବେଳେ ଶ୍ରୀ ମହାନ୍ତି ବାଲେଶ୍ୱର ଭିଜିଲାନସ ଡିଭିଜନ ଅଫିସରମାନଙ୍କ ହାତରେ ଧରାପଡିଥିଲେ । ତାଙ୍କୁ ଗିରଫ କରାଯାଇଥିବା ବେଳେ ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନସ ଥାନା ରେ ୪/୨୦୧୮ ନମ୍ବର ମକଦ୍ଦମା ରୁଜୁ କରାଯାଇଛି ବୋଲି ଭିଜିଲାନସ ବିଭାଗ ସୂତ୍ରରୁ ଜଣାପଡିଛି ।

# ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

କଟକ, ୧୬/୧ (ଶ୍ରୁମି) :ପ୍ରଥମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାକୁ ଜଣେ ବିବାହିତ ପଡୋଶୀ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଗତପୁର ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନଜରପୁର ବେହେରା ବସ୍ତିର ଟିକିନା ସାହୁ(୩୫) । ପୁଲିସ ସୂତ୍ରରୁ ପ୍ରକାଶ, ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ତା'ର ପିଲାମାନଙ୍କୁ ନେଇ ବେହେରା ବସ୍ତିରେ ଭଡାରେ ରହି ଘରୋଇ କମ୍ପାନୀରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ ଶନିବାର ଦିନ ମହିଳା ଜଣକ କମ୍ପାନୀକୁ କାମ କରିବାକୁ ଯାଇଥିବା ବେଳେ ପ୍ରଥମ ଶ୍ରେଣୀରେ ପଢୁଥିବା ତାଙ୍କର ୬ ବର୍ଷର ଝିଅ ଶନିବାର ଥିବାରୁ ୧୧ଟା ବେଳେ ସ୍କୁଲ ଛୁଟି ହେବାରୁ ଘରକୁ ଫେରିଆସିଥିଲା । ଘରେ ଝିଅଟି ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଟିକିନା ମୋବାଇଲରେ ଫିଲ୍ମ ଦେଖିବା ଓ କୁରକୁରି ଖାଇବ ଲୋଭ ଦେଖାଇ ଝିଅକୁ ପାଖକୁ ଡାକି ତା ସହିତ ଦୁଷ୍କର୍ମ କରିବାପରେ କାହାରିକୁ ନ କହିବା ପାଇଁ ଧମକ ଦେଇଥିଲା । ସନ୍ଧ୍ୟାରେ ପୀଡିତାର ମା' ଫେରିବା ପରେ ଏସଂପର୍କରେ ଝିଅ କିଛି ନ କହି ଭୟାତୁର ଅବସ୍ଥାରେ ଥିବାର ମା ଜାଣିବାକୁ ପାଇଥିଲା । ପର ଦିନ ଝିଅଟି ଯନ୍ତ୍ରଣା ପାଇବାରୁ ମା' ତାକୁ ସବୁକଥା ପଚାରିବାରୁ ସେ ସମସ୍ତ ଘଟଣା କହିଥିଲା । ମହିଳାଟି ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ଅଭିଯୋଗ ପାଇଁ ସାହସ ଜୁଟାଇ ପାରିନଥିଲା । ଉକ୍ତ ବସ୍ତିରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ କହିବାରୁ ସେମାନଙ୍କ ସହ ଜଗତପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ । ପୁଲିସ ଏ ସଂପର୍କରେ ୧୪/୧୮ ମାମଲା ରୁଜୁ କରି ଆଇପିସିର ଧାରା ୩୭୬(୨)(ଆଇ) ୪ ପୋକ୍ସୋ ଆକ୍ଟ ଅନୁଯାୟୀ ଅଭିଯୁକ୍ତ ଟିକିନାକୁ ଗିରଫ କରିବା ସହ ଆଜି ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି । ଆସନ୍ତା କାଲି ଅଭିଯୁକ୍ତ ଟିକିନାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ ।

## ମିଛ ଗାଡ଼ି ଦୁର୍ଘଟଣା ମାମଲା; ଡାକ୍ତର, ପୋଲିସ ଏବଂ ଓକିଲଙ୍କ ଅସାଧୁ ମେଣ୍ଟ

# ଜାଲ ଅଭିଯୋଗକାରୀଙ୍କ ଏତଲା ଆଧାରିତ ମୋକଦ୍ଦମାର ଚାର୍ଜସିଟ୍ ଦାଖଲ

କଟକ, ୧୬/୧ (ଶ୍ରୁମି) : ଗତକିଛିଦିନ ହେଲା ସାରା ରାଜ୍ୟ ରେ ମିଛ ଗାଡି ଦୁର୍ଘଟଣା ନେଇ ହଇଚଇ ସୃଷ୍ଟି ହୋଇଛି । ବିଶେଷକରି ପୋଲିସ ଡିଜି ଡାଃ ଆର.ପି.ଶର୍ମା ଗାଡି ଦୁର୍ଘଟଣା ମାମଲା ଗୁଡିକର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ ଅସାଧୁ ପୋଲିସ ଅଫିସର, ଓକିଲ ଏବଂ ଡାକ୍ତର ଙ୍କର ନିଦ ହଜିଯାଇଛି । କ୍ରାଇମବ୍ରାଂଚ ର ତଦନ୍ତ ଯେତେ ଭିତରକୁ ଭିତରକୁ ଯାଉଛି ସେତେ ନୂଆ ନୂଆ ତଥ୍ୟ ସାମନାକୁ ଆସିବାରେ ଲାଗିଛି । ଗୋଟିଏ ଗୋଟିଏ ଗାଡି ବର୍ଷକ ମଧ୍ୟରେ ଏକାଧିକ ଦୁର୍ଘଟଣା ର ଶିକାର ହେବା କଥା ପଦାକୁ ଆସିଥିବା ବେଳେ ଏବେ ପୁଣି ଆଉ ଏକ ନୂଆ ତଥ୍ୟ ସାମନା କୁ ଆସିଛି । ଦୁର୍ଘଟଣା ବୀମା ଅର୍ଥ ହାତେଇବା ଲକ୍ଷ୍ୟରେ କେତେକ ପୋଲିସ ଅଫିସର, ଓକିଲ ଏବଂ ଡାକ୍ତର ସବୁ ପ୍ରକାର ନୀତିନିୟମ କୁ ପଛରେ ପକାଇ ଯାବତ ପ୍ରକାର ବେନିୟମ କାମ କରିଥିବାର ଗଦା ଗଦା ପ୍ରମାଣ କ୍ରାଇମବ୍ରାଂଚ ହାତକୁ ଆସୁଛି ।

ଗାଡି ଦୁର୍ଘଟଣା ଘଟିନାହିଁ, ଏତଲାକାରୀ ବୋଲି ଯାହାକୁ ଦର୍ଶାଯାଇଛି, ସେ ଏତଲା ଦେଇ ନାହାନ୍ତି, ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନେ ଆଦୌ ଦୁର୍ଘଟଣାର ଶିକାର ହୋଇ ନ ଥିବାର ସ୍ୱୀକାର କରିଛନ୍ତି । ପୁଣି ଗାଡି ଟି ଗ୍ୟାରେଜ ରେ ଥିବା ବେଳେ ତାକୁ ଦୁର୍ଘଟଣା ଘଟାଇଥିବାର କାଗଜକଲମ ରେ ଦର୍ଶାଯାଇଛି । ସ୍ଥାନୀୟ ଡାକ୍ତର ଆହତ ମାନଙ୍କୁ କଟକ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ସେମାନେ ଏସସିବି ମେଡିକାଲକୁ ଆସିନାହାନ୍ତି କି ଚିକିତ୍ସିତ ମଧ୍ୟ ହୋଇ ନାହାନ୍ତି । ଏମିତି ବହୁ ବେନିୟମ କାମ ହୋଇଥିବାର ଜଣାପଡିଛି । ଅସାଧୁ ମାନଙ୍କର ମେଂଟ କେତେ ଗମ୍ଭୀର ତାହା ଏହି ଘଟଣାରୁ ସୁସ୍ପଷ୍ଟ । ମିଳିଥିବା ଖବର ଅନୁସାରେ ଗତ ୨୦୧୫ ମସିହା ଜାନୁଆରୀ ୨୫ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ରେ ଆଇପିସି ର ୨୭୯/୩୩୭/୩୩୮ ଦଫାରେ ଏକ ଗାଡି ଦୁର୍ଘଟଣା ମାମଲା ସଂଖ୍ୟା ୧୪/୨୦୧୫ ଫଂଜୀକୃତ ହୋଇଥିଲା । କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଶିଶୁଆ ଅଂଚଳର କଲ୍ୟାଣପୁର ଗ୍ରାମ ର ସୂର୍ଯ୍ୟମଣି ସାହୁ ଦେଇଥିବା ଏତଲା ଆଧାରରେ ଏହି ମାମଲା ରୁଜୁ କରାଯାଇଥିଲା । ଏତଲା ରେ ଉଲ୍ଲେଖ କରାଯାଇଥିଲା ଯେ ସୂର୍ଯ୍ୟମଣିଙ୍କ ଭାଇ ମୋହନ କୁମାର ସାହୁ ଏକ ଟ୍ରାକ୍ଟର(ଓଆର୦୫ଏୟୁ-୨୯୬୧) ରେ କାମ କରୁଥିଲେ । ସେହି ଟ୍ରାକ୍ଟରରେ ଓଆର୦୫ଏୟୁ-୨୯୬୨ ନମ୍ବର ର ଟ୍ରେଲର(ଡାଲା) ଲାଗିଥିଲା । ୨୦୧୫ ମସିହା ଜାନ୍ୟାରୀ ୨୪ ତାରିଖ ଅପରାହ୍ନ ପ୍ରାୟ ୪ ଟା ସମୟରେ ସେହି ଟ୍ରାକ୍ଟର ଟି ସହିତ ଗୋଟିଏ ଟ୍ରାକ(ଓଆର୦୪ଏନ-୫୪୪୬) ର ପାଟକୁରା ଥାନା ଅନ୍ତର୍ଗତ କୁଦାନଗରୀ ଫାଣ୍ଡି ଅଂଚଳର ଗଡିଜଂଗା ଠାରେ ଧକ୍କା ହେବାରୁ ମୋହନ ସାହୁ ଙ୍କର ଗୋଡ ଭାଙ୍ଗି ଯାଇଥିଲା । ସେହି ଦୁର୍ଘଟଣାରେ ଟ୍ରାକ୍ଟର ଡ୍ରାଇଭର ଭାଗିରଥୀ ବେହେରା ଏବଂ ଅନ୍ୟ ୨ ଜଣ ଶ୍ରମିକ ହରିକ୍ରୁଷ୍ଣ ମହାପାତ୍ର ଓ କ୍ଷୀରୋଦ କୁମାର ରାଉତରାୟ ମଧ୍ୟ ଆହତ ହୋଇଥିଲେ । ସମ୍ପୃକ୍ତ ଟ୍ରକ ଡ୍ରାଇଭର ସାଲେପୁର ଥାନା ଅନ୍ତର୍ଗତ ମନୋହରପୁର ର ଉମାନାଥ ମିଶ୍ର ଙ୍କର ପୁତ୍ର କାମାକ୍ଷା ପ୍ରସାଦ ମିଶ୍ର ଏବଂ ହେଲପର ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଅନ୍ତର୍ଗତ ଦେଓଗାଁ ର ସର୍ବେଶ୍ୱର ପତି ମଧ୍ୟ ଆହତ ହୋଇଥିଲେ । କୁଦାନଗରୀ ଫାଣ୍ଡି ର ଏଏସଆଇ ଗୋବିନ୍ଦ ଚନ୍ଦ୍ର ସାମଲ ତା ୨୫.୧.୨୦୧୫ ରିଖ ଅପରାହ୍ନ ପ୍ରାୟ ୧ ଟା ସମୟରେ ଏହି ଘଟନା ସମ୍ପର୍କିତ ଏତଲା ପାଇ ମାମଲା ଫଂଜୀକରଣ ପାଇଁ ପାଟକୁରା ଥାନାକୁ ପଠାଇଥିଲେ । ତାପରେ ପାଟକୁରା ଥାନା ରେ ସେହି ୨୫ ତାରିଖ ସଂଧ୍ୟା ୭ ଟା ସମୟରେ ଉପରୋକ୍ତ ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଦାୟିତ୍ୱ ନେବାକୁ ଫାଣ୍ଡିବାବୁ ଏଏସଆଇ ଶ୍ରୀ ସାମଲ ଙ୍କୁ ଆଇଆଇସି ନିର୍ଦ୍ଦେଶ ଦେଇଥିଲେ । ମାମଲାର ତଦନ୍ତ ପରିପ୍ରେକ୍ଷୀରେ ଏଏସଆଇ ଶ୍ରୀ ସାମଲ ଘଟଣାରେ ଆହତ ଭାଗିରଥୀ, ହରେକୃଷ୍ଣ, କ୍ଷୀରୋଦ, ମୋହନ, କାମାକ୍ଷା, ସର୍ବେଶ୍ୱର ଆଦି ଙ୍କର ଦୁର୍ଘଟଣା ଜନିତ କ୍ଷତ ସମ୍ପର୍କିତ ରିପୋର୍ଟ ମଧ୍ୟ କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ମଧୁଶାସନ(ଏନ) ର ମେଡିକାଲ ଅଫିସର ଡାକ୍ତର ଭାବଗ୍ରାହୀ ସାହୁ ଙ୍କ ଠାରୁ ହାସଲ କରିଥିଲେ । ସମସ୍ତେ ଗୁରୁତର ଭାବେ ଆହତ ହୋଇଥିବାର ରିପୋର୍ଟ ରେ ଦର୍ଶାଯାଇଥିଲା । କେବଳ ସେତିକି ନୁହେଁ ସେମାନଙ୍କୁ ମଧ୍ୟ ଉନ୍ନତ ମାନର ଚିକିତ୍ସା ପାଇଁ ଡାକ୍ତର କଟକ ସ୍ଥିତ ଏସସିବି ମେଡିକାଲକୁ ପଠାଇଥିଲେ । ତଦନ୍ତକାରୀ ଅଫିସର ଶ୍ରୀ ସାମଲ ମଧ୍ୟ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ଟ୍ରାକ୍ଟର କୁ ସମ୍ପୃକ୍ତ ଡ୍ରାଇଭର ଦୁହିଙ୍କ ଠାରୁ ଜବତ କରି ଜିମାନାମା କରିଥିଲେ । ଦୁଇ ଡ୍ରାଇଭର ଙ୍କର ଡ୍ରାଇଭିଂ ଲାଇସେନସ ମଧ୍ୟ ଉଭୟ ମାଲିକଙ୍କ ଉପସ୍ଥିତିରେ ଜବତ କରାଯିବା ସହ ଜିମାନାମା କରାଯାଇଥିଲା । ସେହି ୨୦୧୫ ମସିହା ଫେବ୍ରୁଆରୀ ୨୨ ତାରିଖରେ ମାତ୍ର ୧ ମାସ ର ବ୍ୟବଧାନ ରେ ପାଟକୁରା ଥାନା ଚାର୍ଜସିଟ ସଂଖ୍ୟା ୧୫/୨୦୧୫ ରେ ମାମଲାର ଚାର୍ଜସିଟ ମଧ୍ୟ କୋର୍ଟକୁ ପଠାଇଦିଆଯାଇଥିଲା ।

ମାତ୍ର ଏବେ ଏମିତି ଅନେକ ମିଛଗାଡି ଦୁର୍ଘଟଣା ସମ୍ପର୍କିତ ଖୋଳତାଡ ଚାଲିଥିବା ପରିପ୍ରେକ୍ଷୀରେ ଏହି ମାମଲାର ସତ୍ୟତା ନେଇ କ୍ରାଇମବ୍ରାଂଚ କର୍ତ୍ତୃପକ୍ଷ ଙ୍କର ସନ୍ଦେହ ଜାତ ହୋଇଥିଲା । ଫଳରେ ଏହି ମାମଲାର ଆମୂଳଚୂଳ ଖୋଳତାଡ କରାଯାଇଥିଲା । ଆଉ ସେଥିରୁ ଯାହା ମିଳିଲା ତାହା ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ହୋଇଛି । ଏତଲାକାରୀ କ୍ରାଇମବ୍ରାଂଚ କର୍ତ୍ତୃପକ୍ଷ ଙ୍କୁ ସଫା ସଫା ଲେଖିଦେଇଛନ୍ତି ଯେ ସମ୍ପୃକ୍ତ ଏତଲା ସେ ଦେଇ ନାହାନ୍ତି କିମ୍ବା ସେଥିରେ ଥିବା ଦସ୍ତଖତ ତାଙ୍କର ନୁହେଁ । ଗାଡି ମାଲିକ ମଧ୍ୟ ଜଣାଇଦେଇଛନ୍ତି ଯେ ତାଙ୍କ ଗାଡି ସେଦିନ ଦୁର୍ଘଟଣାର ଶିକାର ହୋଇ ନ ଥିଲା । ଏମିତି କି ଆହତ ମାନେ ମଧ୍ୟ ସେହି ଗାଡି ଦୁର୍ଘଟଣାରେ ଆହତ ହୋଇଥିବା କଥା କୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି । ସ୍ଥାନୀୟ ଡାକ୍ତର ସେମାନଙ୍କୁ ଚିକିତ୍ସା କରିଥିବାର ଦର୍ଶାଇ ନିଜ ମେଡିକାଲ ରେଜିଷ୍ଟରରେ ସେମାନଙ୍କ ନାମ ଉଲ୍ଲେଖ କରିଥିବା ବେଳେ ତାଙ୍କ ପରାମର୍ଶକ୍ରମେ ଆହତ ମାନେ ଏସସିବି ମେଡିକାଲକୁ ଆଦୌ ଆସି ନ ଥିବାର କ୍ରାଇମବ୍ରାଂଚ ତଦନ୍ତରୁ ସ୍ପଷ୍ଟ ହୋଇଛି । ଏହି ଘଟଣା ଏକ ଉଦାହରଣ ମାତ୍ର । ତେବେ ଏମିତି ମିଛ ଗାଡି ଦୁର୍ଘଟଣା ରାଜ୍ୟ ର ବିଭିନ୍ନ ଥାନା ଫାଣ୍ଡି ରେ ଗତ କିଛି ବର୍ଷ ମଧ୍ୟରେ କେତେ ସଂଖ୍ୟା ରେ ରୁଜୁ କରାଯାଇଛି ତାହା ମଧ୍ୟ ଏଯାବତ ସ୍ଥିର ହୋଇପାରି ନାହିଁ । ଅନ୍ୟପକ୍ଷରେ ଏମିତି ମିଛ ମାମଲା ଜରିଆରେ କେତେ ପରିମାଣ ର ଟଙ୍କା ଆତ୍ମସାତ କରାଯାଇଛି ତାହା ଏଯାବତ ଜନାପଡି ନ ଥିବା ବେଳେ କୋଟିକୋଟି ଟଙ୍କା ଦୁର୍ଘଟଣା ବୀମାରାଶି ନାମରେ ପୋଲିସ-ଓକିଲ-ଡାକ୍ତର ମେଂଟ ଜରିଆରେ ଚଳୁ କରାଯାଇଥିବାର ସ୍ପଷ୍ଟ ଆଭାସ କ୍ରାଇମବ୍ରାଂଚ ତଦନ୍ତ ରୁ ସ୍ପଷ୍ଟ ହେବାରେ ଲାଗିଛି ।

# ବିନା ଥଇଥାନରେ ଝାଡୁବସ୍ତି ଉଚ୍ଛେଦ ଧମକର ପ୍ରତିବାଦରେ ବିକ୍ଷୋଭ

କଟକ, ୧୬/୧ (ଶ୍ରୁମି) : କଟକର ଜଗତପୁରଠାରେ ପୂର୍ବତଟ ରେଳ ବିଭାଗ ପକ୍ଷରୁ ଯେଉଁ ସ୍ଥାନରେ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି, ସେଇ ସ୍ଥାନରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ଧରି ଝାଡୁବସ୍ତି ସମେତ ଅନ୍ୟାନ୍ୟ ବସ୍ତି ଗଢ଼ି ଉଠିଛି, ସେହି ବସ୍ତିମାନଙ୍କରେ ରହୁଥିବା ବାସିନ୍ଦାମାନେ ଦିନ ମଜୁରିଆ ଭାବେ ଖଜୁରି ଝାଡୁ ପ୍ରସ୍ତୁତ କରି ନିଜର ଗୁଜୁରାଣ ମେଣ୍ଟାଇ ପରିବାର ପ୍ରତିପୋଷଣ କରିଥାନ୍ତି । ରେଲୱେ ବିଭାଗ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଗଲେ ସେଇ ଅସହାୟ ନିସ୍ୱ ପରିବାରଗୁଡ଼ିକ ପିଲାଛୁଆ ଧରି ରାସ୍ତାକଡ଼ରେ ପଡ଼ି ରହିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହି ପରିପ୍ରେକ୍ଷୀରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ନେତୃତ୍ୱରେ ଝାଡୁବସ୍ତିର ବାସିନ୍ଦାମାନେ ଏହାର ପ୍ରତିବାଦ କରି କଟକ ଷ୍ଟେସନ ମ୍ୟାନେଜରଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ତାଙ୍କ ଜରିଆରେ ପୂର୍ବତନ ରେଳ ବିଭାଗ ଜେନେରାଲ ମ୍ୟାନେଜରଙ୍କ ନିକଟକୁ ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ର ନକଲ ରେଳମନ୍ତ୍ରୀ, ରେଳ ବିଭାଗ ସର୍ବଭାରତୀୟ ଚେୟାରମ୍ୟାନ ନୂଆଦିଲ୍ଲୀ, ପୂର୍ବତଟ ରେଳ ବିଭାଗ ଡ଼ି.ଆର୍.ଏମ୍, ଖୋର୍ଦ୍ଧା ଓ ରେଳବାଇ କମିଟିର ମେମ୍ବରମାନଙ୍କୁ ଡ଼ାକଯୋଗେ ଦିଆଯାଇଛି । ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି ଦେଶର ନାଗରିକ ଭାବେ ବଞ୍ଚିବା ଓ ମୁଣ୍ଡ ଗୁଞ୍ଜିବାର ଯେଉଁ ମୌଳିକ ଅଧିକାର ତାକୁ ରକ୍ଷା କରାଯାଉ, ବିକଳ୍ପ ବ୍ୟବସ୍ଥା ନ କରି ବସ୍ତି ଉଚ୍ଛେଦ କାର୍ଯ୍ୟକ୍ରମ ବାତିଲ କରାଯାଉ । ରାଜ୍ୟ ସରକାରଙ୍କ ୨୦୧୭ ଆଇନ ବଳରେ ବସ୍ତିବାସିନ୍ଦାମାନଙ୍କୁ ବିକଳ୍ପ ସ୍ଥାନରେ ବାସଗୃହ ଯୋଗାଇ ଦିଆଯାଉ ପ୍ରଭୃତି ଦାବି କରାଯାଇଛି । ବସ୍ତି ବାସିନ୍ଦା ମିଳିତ ମଞ୍ଚର ଯୁଗ୍ମ ଆବାହକ ସେକ୍ ଅବଦୁଲ୍ଲା, ଖଗେଶ୍ୱର ସେଠୀ, ବସ୍ତିନେତା ଦୀପକ ଦାସ, ସସ୍ମିତା ମହାନ୍ତି, ଭାନୁମତି ମଲ୍ଲିକ, ଜୀନତ ମଣ୍ଡଳ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ବିଜେପୁରରେ ବିଜେପିର ଦୁଇ ଦିନିଆ ଗଣତନ୍ତ୍ର ବଞ୍ଚାଓ ପଦଯାତ୍ରା

ଭୁବନେଶ୍ୱର, ୧୬/୧ (ଶ୍ରୁମି) : ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଶାସକ ବିଜେଡିର ଅପାରଗତା କାରଣରୁ ଦିନକୁ ଦିନ ଆହୁରି ଖରାପ ହେବାରେ ଲାଗିଛି । ବିଶେଷ କରି ଗତ ପଂଚାୟତ ନିର୍ବାଚନ ପରେ ନିଜ ଲୋକପ୍ରିୟତା ହ୍ରାସରେ ଅସହିଷ୍ଣୁ ହୋଇ ପଡି ରକ୍ତମୁଖା ସାଜି ହିଂସା ପରାୟଣ ହୋଇ ପଡିଥିବା ପୋଲିସ ଓ ପ୍ରଶାସନକୁ ନିଜ ହାତବାରିସୀ କରି ରାଜନୈତିକ ବିରୋଧୀଙ୍କୁ ଦମନ କରିବାକୁ ଅପପ୍ରୟାସ କରୁଛି । ହିଂସାପରାୟଣ ହୋଇ ରକ୍ତମୁଖା ସାଜି ଶାସକ ବିଜେଡି ବରଗଡ ଜିଲ୍ଲା ପଡା ଗ୍ରାମର ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଗୁଳିମାଡ ସମଗ୍ର ରାଜ୍ୟବାସିଙ୍କୁ ଆଚମ୍ବିତ କରିଛି । ନିର୍ବାଚନ ଅବ୍ୟହତ ପୂର୍ବରୁ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ହାତକୁ ନେଇ ନିରୀହ ଭୋଟରଙ୍କୁ ଭୟଭୀତ କରୁଛି । ଏହା ପ୍ରତିବାଦରେ ବରଗଡ ଜିଲ୍ଲା ପଡା ଗ୍ରାମରୁ ବିଜେପି ଦୁଇ ଦିନିଆ ଗଣତନ୍ତ୍ର ବଂଚାଓ ପଦଯାତ୍ରା ଆରମ୍ଭ କରୁଛି । ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ସମେତ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ପ୍ରଦୀପ ପୁରୋହିତ, ରବି ନାଏକ, ବିଧାୟିକା ରାଧାରାଣୀ ପଣ୍ଡା, ରାଷ୍ଟ୍ରୀୟ ସଂପାଦକ ସୁରେଶ ପୁଜାରୀ, ପୂର୍ବତନ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ରାଜ୍ୟ ଉପ ସଭାପତି ଅଶ୍ୱିନୀ ଷଡଙ୍ଗୀ, ରାଜ୍ୟ ପ୍ରବକ୍ତା ଗୋଲକ ପ୍ରସାଦ ମହାପାତ୍ର, ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହେବେ ।

ଏହି ପଦଯାତ୍ରା ୧୬ ତାରିଖରୁ ପଡା ଗ୍ରାମ ସ୍ଥିତ ଗୁଳି ମାଡରେ ଶିକାର ହୋଇଥିବା ମନୋରଂଜନ ମେହେରଙ୍କ ଘର ସମ୍ମୁଖରୁ ଆରମ୍ଭ ହୋଇ ୧୭ ତାରିଖ ଦିନ ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲିରେ ସମାପ୍ତ ହେବ ବୋଲି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ସୁଚନା ଦେଇଛନ୍ତି ।

# ବଗଦିଆ ଠାରେ ଆଉ ଏକ ପାସେଞ୍ଜର ଟ୍ରେନର ରହଣି

ଭୁବଶ୍ୱେର, ୧୬।୧ : କଟକ-ପାରାଦ୍ୱୀପ ରେଳ ସେକ୍ସନର ବଡ଼ବନ୍ଧ ଓ ପାରାଦ୍ୱୀପ ଷ୍ଟେସନ ମଧ୍ୟରେ ବଗଦିଆ ପାସେଞ୍ଜର ହଲ୍ଟଠାରେ ୫୮୪୦୫/୫୮୪୦୬ କଟକ-ପାରାଦ୍ୱୀପ-କଟ ପାସେଞ୍ଜର ଟ୍ରେନକୁ ପରୀକ୍ଷାମୂଳକ ଭିତିରେ ତିନି ମାସ ପାଇଁ ରହଣିର ବ୍ୟବସ୍ଥା କରାଯାଇଅଛି । ୫୮୪୦୫ କଟକ-ପାରାଦ୍ୱୀପ ପାସେଞ୍ଜର ବଗଦିଆଠାରେ ଅପରାହ୍ନ ୪ଘ. ୨୨ମି.ରେ ପହଞ୍ଚି ୪ ଘ. ୨୩ ମି.ରେ ପାରାଦ୍ୱୀପ ଯାତ୍ରା କରିବ । ଫେରିବା ପଥରେ ୫୮୪୦୬ ପାରାଦ୍ୱୀପ-କଟକ ପାସେଞ୍ଜର ବଗଦିଆଠାରେ ପୂର୍ବାହ୍ଣ ୧୦ ଘ. ୫୦ ମି.ରେ ପହଞ୍ଚି ୧୦ ଘ. ୫୧ ମି.ରେ କଟକ ଯାତ୍ରା କରିବ । ଏହି ଟ୍ରେନ ପାଇଁ ଅନ୍ୟ ସ୍ଥାନମାନଙ୍କରେ ରହଣି ସ୍ଥାନ ଓ ସମୟ ସାରଣୀ ଅପରିବର୍ତ୍ତିତ ରହିବ । ବର୍ତ୍ତମାନଠାରୁ କଟକ-ପାରାଦ୍ୱୀପ ମଧ୍ୟରେ ଚଳାଚଳ କରୁଥିବା ତିନି ଯୋଡା ପାସେଞ୍ଜର ଟ୍ରେନ ବଗଦିଆ ପାସେଞ୍ଜର ହଲଟଠାରେ ରହଣି କରିବ ।

# ବିଳମ୍ବରେ ପହଞ୍ଚିବ ଭୁବନେଶ୍ୱର-ରାଜଧାନୀ ଏକ୍ସପ୍ରେସ୍

ଉତ୍ତର ଭାରତରେ ଘନ କୁହୁଡି ଯୋଗୁଁ ଟ୍ରେନଗୁଡିକ ବିଳମ୍ବରେ ଚଳାଚଳ କରୁଥିବାରୁ ଆସନ୍ତା କାଲି (୧୭.୦୧.୧୮) ବୁଧବାର ଭୁବନେଶ୍ୱର ଛାଡ଼ିବାକୁ ଥିବା ୨୨୮୧୧-ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ସକାଳ ଘ. ୧୧.୪୦ ମି. ପରିବର୍ତ୍ତେ ଅପରାହ୍ନ ଘ. ୪.୩୦ ମି.ରେ ଛାଡ଼ିବ ।

## ଇମ୍ଫା ପକ୍ଷରୁ ଖେଳ ଉପକରଣ ବଣ୍ଟନ

କଟକ, ୧୬/୧ (ଶ୍ରୁମି) : ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଓ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଓ ଖେଳ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଇା ଷ୍ଟାଫ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବରିଷ୍ଠ ଉପସଭାପତି ବିଜୟାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲା ବେଳେ ସ୍ଥାନୀୟ ଅଂଚଳର ଶୁଭେନ୍ଦୁ ସାମଲ, କାଉନସିଲର କରୁଣାକର ସାହୁ, ସୁବ୍ରତ ସାମଲ ଓ ପୂର୍ବତନ ନଗରପାଳ ଅଜୟ କୁମାର ବେହେରା ଉପସ୍ଥିତ ଥିଲେ । ଏହି ଅଂଚଳରେ ଥିବା ୧୩ରୁ ଅଧିକ ସ୍କୁଲଗୁଡିକର ପ୍ରଧାନଶିକ୍ଷକ , ଶିକ୍ଷୟିତ୍ରୀ, ସହ ଶିକ୍ଷକ ଏବଂ ସ୍କୁଲ ମ୍ୟାନେଜମେଣ୍ଟର ସଭାପତି ଓ ସଂପାଦକମାନଙ୍କ ଉପସ୍ଥିତିରେ ୭ ଲକ୍ଷ ଟଙ୍କା ବ୍ୟୟରେ ୨୦୦ ଯୋଡା ବେଂଚ ଓ ଡେସ୍କ, ୪ କମ୍ପ୍ୟୁଟର ଓ ୪ଟି ସେଟ୍ ଖେଳ ଉପକରଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇା ଗୋଷ୍ଠୀ ପକ୍ଷରୁ ମାନସ ପ୍ରଧାନ, ଆଶିଷ ଦାସ, ସମ୍ଭ୍ରାନ୍ତକେଶରୀ ଲେଙ୍କା ସହଯୋଗ କରିଥିଲେ । ଇମ୍ଫାର ବରିଷ୍ଠ ଲୋକସଂପର୍କ ଅଧିକାରୀ ଧ୍ରୁବଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

# କ୍ୟାମ୍ପସ ହେବ..

କୌଣସି ପ୍ରକାରର ଆପରାଧିକ କାର୍ଯ୍ୟ ହୁଏ ତେବେ ଏଥିନେଇ ଛାତ୍ରଛାତ୍ରୀମାନେ କି ପ୍ରକାରର ଆଇନଗତ କାର୍ଯ୍ୟାନୁଷ୍ଠାନ କରିପାରିବେ ଓ କାହାର ସହାୟତା ନେବେ ସେଥିନେଇ ସେମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି । ଶିକ୍ଷାନୁଷ୍ଠାନ ଗୁଡିକ ନିଜର ସବୁ ପିଲାଙ୍କ ଡାଟାବେସ ପ୍ରସ୍ତୁତ କରିବାକୁ କୁହାଯାଇଛି । କ୍ୟାମ୍ପସରେ ସିସିଟିଭି ଲଗାଇବାକୁ କୁହାଯାଇଛି । ନିୟମିତ ବ୍ୟବଧାନରେ ଅଭିଭାବକଙ୍କ ସହ ବୈଠକ ଓ ପିଲାମାନଙ୍କ ସହ ପରାମର୍ଶ କରିବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । କଲେଜ କ୍ୟାମ୍ପସରେ ଏଣିକି ପିସିଆର ଭ୍ୟାନ ଦ୍ୱାରା ପାଟ୍ରୋଲିଂ କରିବାକୁ କୁହାଯାଇଛି ।

# ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି କର : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୬/୧ (ଶ୍ରୁମି) : ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ସହାୟତା ରାଶି ତୁରନ୍ତ ପହଞ୍ଚାଇବା ଦିଗରେ ସମ୍ପୃକ୍ତ ବିଭାଗଗୁଡ଼ିକ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ନେବା ନିମନ୍ତେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ସଚିବାଳୟ ଠାରେ ଅନୁଷ୍ଠିତ ବିପର୍ଯ୍ୟୟ ପରିଚାଳନା ଆଇନ - ୨୦୦୫ ଅନ୍ତର୍ଗତ ଗଠିତ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ମରୁଡି, ପୋକ ଆକ୍ରମଣ ଏବଂ ଅଦିନିଆ ଲଘୁଚାପ ବର୍ଷା ଯୋଗୁଁ ଖରିଫ ଫସଲ କ୍ଷତି ବାବଦକୁ ଦିଆଯାଉଥିବା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ପ୍ରକ୍ରିୟାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସହାୟତା ପାଇଁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଚଳିତ ବର୍ଷ ଜାନୁଆରୀ ୧୧ ତାରିଖ ସୁଦ୍ଧା ୯୧୯୮୮.୦୮୦ ଲକ୍ଷ ଟଙ୍କ ଇନ୍‌ପୁଟ୍ ସବ୍‌ସିଡି ଏବଂ ଅନ୍ୟାନ୍ୟ ସହାୟତା ଏବଂ ଭିତ୍ତିଭୂମିକର ମରାମତି ପାଇଁ ଯୋଗାଇ ଦିଆଯାଇଛି । ଏଥିମଧ୍ୟରୁ ୮୫୩୨୧୫.୫୫୨ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ଜିଲ୍ଲା ଏବଂ ୬୭୭୨.୫୨୮ ଲକ୍ଷ ବିଭିନ୍ନ ବିଭାଗକୁ ଯୋଗାଇ ଦିଆଯାଇଛି । ଏଥିମଧ୍ୟରେ ମରୁଡ଼ି ସହାୟତା ନିମନ୍ତେ ୨୧୯୩୬.୪୯୬ ଲକ୍ଷ ଟଙ୍କା, ଅଦିନିଆ ଲଘୁଚପଜନିତ ବର୍ଷା ଯୋଗୁଁ ଫସଲ କ୍ଷତି ନିମନ୍ତେ ୩୭୪୭୪.୧୮୬ ଲକ୍ଷ ଟଙ୍କା ଏବଂ ପୋକ ଆକ୍ରମଣ ଯୋଗୁଁ ଫସଲ କ୍ଷତି ନିମନ୍ତେ ୧୪୮୦୩.୫୪୪ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଏଥିସହିତ ବଜ୍ରପାତ, ଅଗ୍ନିକାଣ୍ଡ, ସାପକାମୁଡ଼ା, ପାଣିରେ ବୁଡ଼ି ମୃତ୍ୟୁବରଣ ଆଦି ନିମନ୍ତେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ଯୋଗାଇ ଦିଆଯାଇଛି । ବୈଠକରେ ବିପର୍ଯ୍ୟୟ ସୁପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହିତ ମରୁଡ଼ି ସେଲ୍‌କୁ ଅଧିକ ସୁଦୃଢ଼ କରି ମରୁଡ଼ିର ମୁକାବିଲା କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ବୈଠକରେ 'ସ୍କୁଲ୍ ସେଫ୍ଟି ପଲିସି -୨୦୧୬' ଆଧାରରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ବିଦ୍ୟାଳୟ ନିରାପତ୍ତା ଉପଦେଷ୍ଟା କମିଟି ଗଠନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିସହିତ ବୈଠକରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ଓ ରାଜ୍ୟ ତଥା ଜିଲ୍ଲାସ୍ତରରେ ଡିଜାଷ୍ଟାର ମ୍ୟାନେଜମେଣ୍ଟ ଡିସିସନ୍ ସପୋର୍ଟ ସିଷ୍ଟମ୍ ସ୍ଥାପନ ସମ୍ପର୍କରେ ଆଲୋଚନ ହୋଇଥିଲା ।

ବୈଠକରେ ଅର୍ଥ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ; ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର; କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ; ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଡି.କେ.ସିଂହ; ପୂର୍ତ୍ତ ବିଭାଗର ଶାସନ ସଚିବ ବୀରବିକ୍ରମ ଯାଦବଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ନୀତିଶ୍ଳୋକ

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିଧୈଃ ପୃଥକ୍ ।
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଭିର୍ବିନିଶ୍ଚିତୈଃ ॥

ଏହି କ୍ଷେତ୍ର-କ୍ଷେତ୍ରଜ୍ଞର ତତ୍ତ୍ୱ ଋଷିମାନଙ୍କ ଦ୍ୱାରା ବିସ୍ତୃତ ଭାବେ କୁହାଯାଇଛି ଓ ବେଦର ଋଚାମାନଙ୍କ ଦ୍ୱାରା ବିବିଧ ପ୍ରକାରରେ ପୃଥକ୍ ପୃଥକ୍ ବର୍ଣ୍ଣିତ ହୋଇଛି ଏବଂ ଯୁକ୍ତିଯୁକ୍ତ ତଥା ନିର୍ଣ୍ଣିତ ବ୍ରହ୍ମସୂତ୍ରର ପଦମାନଙ୍କ ଦ୍ୱାରା ମଧ୍ୟ ବର୍ଣ୍ଣନା କରାଯାଇଛି ।

# ଯୁବ ଉଚ୍ଛୃଙ୍ଖଳତାକୁ ରୋକାଯାଉ

ସେଦିନ ଜଣେ ଶିକ୍ଷକ କହୁଥିଲେ ବେଶ୍ କ୍ଷୋଭର ସହିତ । ତାଙ୍କ ସ୍କୁଲର ଅଷ୍ଟମ ନବମ ଶ୍ରେଣୀ ପିଲାଏ ନିଜନିଜ ଭିତରେ ନିହାତି ଅପଶବ୍ଦ କୁହାକୁହି ହେଉଛନ୍ତି । ପୁଅଝିଅ ମଧ୍ୟରେ ପ୍ରେମପତ୍ର ମଧ୍ୟ ଦିଆନିଆ ଚାଲୁଛି । ସାର୍‌ମାନଙ୍କୁ ବି ଆଉ ମାନୁ ନାହାନ୍ତି । କାନ୍ଥ ବାଡରେ, ଖାତା ବହିରେ ଆଉ କଥାକଥାରେ ଅଶ୍ଳୀଳ ଶବ୍ଦ ।

ଆଉ ଜଣେ ପ୍ରଧାନଶିକ୍ଷକଙ୍କ କୋହଭରା କଥା । ନିଜ ଅଞ୍ଚଳରେ ଏକ ଆଦର୍ଶ ଶିକ୍ଷକ ଭାବେ ପରିଚିତ ବେଶ୍ ସମ୍ମାନାସ୍ପଦ ଉକ୍ତ ଶିକ୍ଷକ ସେ ଦିନ ଏ କଥାଟି କହୁକହୁ ତାଙ୍କ ଅଜାଣତରେ ତାଙ୍କ ଆଖିରୁ ଲୁହ ଦି'ଟୋପା ଝରି ପଡ଼ିଥିଲା । କଥାଟି ଏହିପରି । ସାର୍‌ଙ୍କ ବିଦ୍ୟାଳୟର କିଛି ପିଲାଏ ନିକଟସ୍ଥ ଦୋକାନରୁ ମିଳୁଥିବା ପାଉଚ୍ ପାଣି ଆଣି ପିଇ ଜରିଗୁଡ଼ିକୁ ସ୍କୁଲ ହତା ମଧ୍ୟରେ ଏଣେତେଣେ ପକାଉଥିଲେ । କର୍ତ୍ତବ୍ୟରେ ଭେଦାଭେଦ ରଖୁନଥିବା ଉକ୍ତ ପ୍ରଧାନଶିକ୍ଷକ ନିଜେ ନିଜ ହାତରେ ଜରିଗୁଡ଼ିକୁ ତଳୁ ଗୋଟାଉଗୋଟାଉ ପିଲାଙ୍କୁ କହିଲେ -ଆରେ, ମାଠିଆରେ ପରା ପାଣି ଥୁଆ ହୋଇଛି । ସେ ପାଣିକୁ ନ ପିଇ ଏ ପାଉଚ୍ ପାଣିକୁ କାହିଁକି ପିଉଛ ? ଏତକ କହି ନିଜ ଅଫିସ୍ ଭିତରକୁ ପଶି ଯାଉଯାଉ ସମବେତ ଛାତ୍ରମାନଙ୍କ ମେଳରୁ ଏକ ଅସ୍ପଷ୍ଟ ବାକ୍ୟଟିଏ ଭାସି ଆସିଲା- ପାଉଚ ପାଣି ପିଇବୁ ନାହିଁ, ଆଉ କ'ଣ ମଦ ପିଇବୁ ?

ସାର୍ ଠଉରାଇ ପାରିଲେ ଯେ କୁହାଯାଉଥିବା ବାକ୍ୟର କଣ୍ଠ ଶବ୍ଦ କାହାର । ହେଲେ ନାଚାର ସେ । ଏବେ ପରା ଚୋର ହାତରେ ଚାବିକାଠି । ଷ୍ଟୁଡେଣ୍ଟ ହେଲ୍ପ ଲାଇନ୍‌ର ଭୟ । 'ଆଲୋ ସଖୀ, ଆପଣା ମହତ ଆପେ ରଖ୍' ନ୍ୟାୟରେ ସେଦିନ ଶିକ୍ଷକ ନିରବ ରହିବାକୁ ଉଚିତ୍ ମଣିଥିଲେ । ପିଲାଏ ଏବେ ବାପା-ମା'ଙ୍କୁ ମାନୁନାହାନ୍ତି । ଶିକ୍ଷକମାନଙ୍କୁ ଭୟ କରୁଥିଲେ; ହେଲେ ସେ ଅବସ୍ଥା ଏବେ ଆଉ ନାହିଁ । ଏବେ ମାଷ୍ଟର ଡରିଲେଣି ଛାତ୍ରମାନଙ୍କୁ । ଏମାନେ ଶିକ୍ଷିତ ହେଉଛନ୍ତି, କିନ୍ତୁ ଅସଭ୍ୟ । ଏହି ଶିକ୍ଷିତ ଅସଭ୍ୟମାନଙ୍କୁ ନେଇ ଭବିଷ୍ୟତ କିପରି ତିଷ୍ଠିବ ?

ଆମ ଦେଶର ନେତୃତ୍ୱ ଯେଉଁ ସମୟରେ ନିଜର ଯୁବଶକ୍ତି ପାଇଁ ସାରା ପୃଥିବୀରେ ଗର୍ବ କରିଚାଲିଛି, ସେହି ସମୟରେ ଯୁବକଯୁବତୀମାନେ ଉଚ୍ଛୃଙ୍ଖଳତା ପ୍ରଦର୍ଶନ କରୁଛନ୍ତି ତାହା ଚିନ୍ତାର ବିଷୟ ହୋଇଛି । ଭାରତର ପ୍ରାଚୀନ ସଂସ୍କୃତି, ପରମ୍ପରା, ସଂଯମ, ଶୃଙ୍ଖଳିତ, ଅଧ୍ୟାତ୍ମବାଦ ଉପରେ ପର୍ଯ୍ୟବସିତ ଥିଲା । ଏଠାରେ ଗୌତମବୁଦ୍ଧ, ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ମହାମାନବ ମହାତ୍ମା ଗାନ୍ଧିଙ୍କ ପର୍ଯ୍ୟନ୍ତ ମଣିଷମାନେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିଛନ୍ତି । ଦର୍ଶନ ଓ ବିଜ୍ଞାନକୁ ଗୁରୁତ୍ୱ ଦେଇ ବହୁ ପ୍ରାଚୀନ ଲେଖକ ନିଜନିଜର କୃତି ଓ କୀର୍ତ୍ତି ପାଇଁ ଆଦର୍ଶ ପାଲଟିଛନ୍ତି । ଏହି ଦେଶର ସଂସ୍କୃତି ନୈତିକତାସଂପନ୍ନ ଥିବାର ସୂଚନା ବହୁ ବିଦେଶୀ ପର୍ଯ୍ୟଟକ ତାଙ୍କ ବିବରଣୀରେ ଲେଖି ଯାଇଛନ୍ତି । ଭାରତର ପ୍ରାଚୀନ ପରମ୍ପରା ଏତେ ଉଚ୍ଚକୋଟୀର ଥିଲାବେଳେ ବର୍ତ୍ତମାନ ବିଶୃଙ୍ଖଳା, ଅସଂଯମ, ମିଥ୍ୟା, ପ୍ରତାରଣା ଭଳି ଘଟଣା ଦେଶରେ ବୃଦ୍ଧି ପାଇବା ପରିତାପର ବିଷୟ । ଶିକ୍ଷା, ସଭ୍ୟତା କ୍ଷେତ୍ରରେ ପ୍ରତିଷ୍ଠିତ ବୋଲି ମଣିଷ ଚିତ୍କାର କରୁଥିବାବେଳେ ମାନସିକ ବିକୃତ କାର୍ଯ୍ୟମାନ ଦେଶର ମେରୁଦଣ୍ଡକୁ ଦୋହଲାଇ ଦେଉଛି ।

ଏଭଳି ସମୟରେ ଓଡିଶାରେ ମଧ୍ୟ ଯୁବ ବିଶୃଙ୍ଖଳତାର ଚରମ ପରିଣତି ଦେଖିବାକୁ ମିଳୁଛି । ଏଭଳି ଉଚ୍ଛୃଙ୍ଖଳତା ଯୋଗୁଁ ଗତ ସଂକ୍ରାନ୍ତି ଅବସରରେ ଜନ୍ମ ଦିନର ମଉଜମସ୍ତି ପରେ ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ କାର ରେସିଂରେ ବାହାରିଥିବା ଭୁବନେଶ୍ୱରର କିଛି ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି । ପୁରୀ କୋଣାର୍କ ମେରାଇନ ଡ୍ରାଇଭ ଆଡେ ବୁଲିବାକୁ ଯାଇ ରେସିଂ ପାଇଁ ମନ ବଳାଇବା ସହ କାରକୁ ସ୍ପୋର୍ଟିଂ ମୋଡକୁ ଆଣି ରେସ କରିଥିଲେ । ଫଳରେ ଭୟଙ୍କର ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଅପରପକ୍ଷରେ ଅନ୍ୟ ୨ଟି ଘଟଣାକ୍ରମରେ କଳାହାଣ୍ଡି ଜିଲ୍ଲା କଳାହାଣ୍ଡି ଡଙ୍ଗରୀଗୁଡ଼ା ଗ୍ରାମରେ ଏକତରଫା ପ୍ରେମକୁ ନେଇ ଜଣେ ଯୁବତୀଙ୍କ ଉପରେ ଏସିଡ୍ ମାଡ଼ କରି ଫେରାର ହୋଇଯାଇଛନ୍ତି ଜଣେ ଉଦଭ୍ରାନ୍ତ ଯୁବକ । ଅନ୍ୟ ଏକ ଘଟଣାକ୍ରମରେ ହରିୟାଣାର ଛିନ୍ଦ ଜିଲ୍ଲାରେ ଜଣେ ୧୫ ବର୍ଷୀୟ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର କରି ଭୀବତ୍ସ ଭାବେ ହତ୍ୟା କରାଯାଇଛି । ଯୁବକମାନଙ୍କ ଏଭଳି ଉଚ୍ଛୃଙ୍ଖଳତା ସମାଜ ପାଇଁ ବଡ ବିପଦ ଭାବେ ଉଭା ହେଲାଣି । ଯୌବନରେ ଧନ ସମ୍ପତ୍ତି, କ୍ଷମତା ଓ ଅବିବେକିତା ଯୁବକମାନଙ୍କ ପାଇଁ ଘାତକ ହେଉଛି ।

ଯୌବନମ୍, ଧନ ସମ୍ପତ୍ତିଃ, ପ୍ରଭୁତ୍ୱମ୍, ଅବିବେକିତା ।
ଏକୈକମ୍ ଅପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ ! ॥

ସଂସ୍କୃତରେ ଥିବା ଏହି କଥନର ପ୍ରତିଫଳନ ଏବେ ସମାଜରେ ବୃଦ୍ଧିପାଉଥିବା ଉଚ୍ଛୃଙ୍ଖଳତାରେ ଦୃଶ୍ୟମାନ ହେଉଛି । ଲକ୍ଷ୍ୟ କରିବାର କଥା ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ କେବଳ ପୃଥିବୀର ଅନ୍ୟ ଦେଶ ନୁହେଁ, ଭାରତରେ ମଧ୍ୟ ମଣିଷ ଜୀବନର ଆଚାରବ୍ୟବହାରରେ ଆମୂଳଚୂଳ ଆଖିଦୃଶିଆ ପରିବର୍ତ୍ତନ ହେବାରେ ଲାଗିଛି । ଆଧୁନିକତା ନାଁରେ ଆମେ ଏତେ ବସ୍ତୁକେନ୍ଦ୍ରିକ ଓ ସ୍ୱାର୍ଥସର୍ବସ୍ୱ ହୋଇପଡ଼ିଛୁ ଯେ ଜୀବନର ପ୍ରତି ମୁହୂର୍ତ୍ତ ଚିନ୍ତା ଓ ଅବସାଦରେ ଭରିଯାଉଛି । ଏହି ଦୁଃସ୍ଥିତିର ସବୁଠୁ ବେଶି ଶିକାର ହେଉଛନ୍ତି କିଶୋର ଓ ଯୁବପିଢ଼ି । ବାପାମାଆ ଓ ସମାଜ ସେମାନଙ୍କଠାରୁ ଏତେ ଅଧିକ ସଫଳତା ଆଶା କରୁଛି ଯେ ବିଫଳତାକୁ ସହଜରେ କେହି ଗ୍ରହଣ କରୁନାହାନ୍ତି; ଏପରିକି ସେମାନଙ୍କ ନିଜର ଉଚ୍ଚାଭିଳାଷ ବି ଏତେ ବୃଦ୍ଧି ପାଉଛି ଯେ ନିଜ ଅକାଙ୍‌କ୍ଷିତ ସଫଳତା ନ ମିଳିଲେ ସେମାନେ ହତାଶ ହୋଇ ବିପଥଗାମୀ ହେଉଛନ୍ତି ।

ଶିକ୍ଷିତ ପିଲାଙ୍କ ମୁହଁରେ ବାଡ଼ବତା ନାହିଁ । ଏମାନଙ୍କ ଠାରୁ ଗାଈ ଚରାଉଥିବା ଅଶିକ୍ଷିତ ଗାଈଆଳ ପିଲାଟି ବରଂ ଶତଗୁଣେ ଭଲ । ଏଇ ଶିକ୍ଷିତ ଅସଭ୍ୟମାନଙ୍କ ସକାଶୁ ଏ ଦେଶ ଆଜି ରସାତଳଗାମୀ । ବ୍ୟାଙ୍କ ଡକାୟତି କରୁଛନ୍ତି କେଉଁମାନେ ? କ'ଣ ଗାଁର କାକୁଡ଼ି ଚୋର, କଖାରୁ ଚୋରମାନେ ଏ କାମ କରୁଛନ୍ତି ? ଆଦୌ ନୁହେଁ । ଏ କାମ କରନ୍ତି ତଥାକଥିତ ଶିକ୍ଷିତ ଅସଭ୍ୟମାନେ । ଦୁର୍ନୀତି, ଦେଶପାଣ୍ଠି ଲୁଣ୍ଠନ, କମ୍ପ୍ୟୁଟର ଚୋରି, ଖଣି ଦୁର୍ନୀତି, ଟୁଜି ସ୍ପେକ୍ଟ୍ରମ୍ ଦୁର୍ନୀତି, ଚିଟ୍‌ଫଣ୍ଡ ଠକେଇ ଏବଂ ସେକ୍ସ ର‍୍ୟାକେଟ୍ ଆଦି ସବୁଥିରେ ଏହି ଶିକ୍ଷିତ ଅସଭ୍ୟମାନଙ୍କର ସଂପୃକ୍ତି । ଦିନକୁ ଦିନ ଛତୁ ଫୁଟିଲା ପରି ସ୍କୁଲ କଲେଜମାନ ଗଢ଼ିଉଠୁଛି । ଏଥିସହ ସହ ତାଳ ଦେଇ ଶିକ୍ଷିତ ଅସଭ୍ୟମାନଙ୍କର ସଂଖ୍ୟା ବି ବଢ଼ି ଚାଲିଛି । କ'ଣ ଏହାର କାରଣ ? କିଏ ଦୋଷ ଦେଉଛନ୍ତି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ତ ଆଉ କିଏ ଦୋଷ ଦେଉଛି ସାଂପ୍ରତିକ ପରିବେଶ, ପରିସ୍ଥିତି ତଥା ଶିକ୍ଷକମାନଙ୍କର ଶିକ୍ଷାଦାନକୁ । ସଂସ୍କୃତରେ ଶ୍ଳୋକଟିଏ ଅଛି- ଦୁଃଶୀଳଃ ମାତୃ ଦୋଷେଣ ପିତୃ ଦୋଷେଣ ମୂର୍ଖତା, ଅଦାତା ବଂଶ ଦୋଷେଣ ଆତ୍ମ ଦୋଷାତ୍ ଦରିଦ୍ରତା ।

ପ୍ରତ୍ୟେକ ମଣିଷ ଶିଶୁ ଅବସ୍ଥାରୁ ତା' ବାପମାଆଙ୍କଠାରୁ , ପରିବାରରୁ, ବିଦ୍ୟାଳୟରୁ, ସାଙ୍ଗସାଥୀଙ୍କଠାରୁ ଏବଂ ସମାଜରୁ ଶିଖିଥାଏ ଶୃଙ୍ଖଳା ଓ ଗ୍ରହଣ କରିଥାଏ ଚରିତ୍ର ଗଠନର ସତମାର୍ଗ । ଦିନଥିଲା ଆମ ଭାରତୀୟ ପରିବାର ବ୍ୟବସ୍ଥା ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ମଣିଷପଣିଆ ଶିଖାଇବାର ଏନ୍ତୁଡ଼ିଶାଳ ଭାବରେ ବିବେଚିତ ହେଉଥିଲା । କିନ୍ତୁ ଆଜି ପିଲାମାନେ ନା ତା ପରିବାରରୁ ସେସବୁକୁ ଶିଖିବାର ସୁଯୋଗ ପାଉଛନ୍ତି ନା ବିଦ୍ୟାଳୟରୁ । ଆଗଭଳି ଏକାନ୍ନବର୍ତ୍ତୀ ପରିବାର ନାହାନ୍ତି ବା ସମ୍ପ୍ରସାରିତ ପରିବାର ଅର୍ଥାତ୍ କାକା, ବଡ଼ ବାପା, ମାମୁଘର, ଅଜାଘର ସହିତ ସମ୍ପର୍କ ନାହିଁ । ପିଲା ନିଜ ମାଆ ପେଟର ଭାଇଭଉଣୀଙ୍କ ଛଡ଼ା ଅନ୍ୟ ରକ୍ତ ସମ୍ପର୍କକୁ ଚିହ୍ନିବାର ଓ ଆଗେଇ ନେବାର ସୁଯୋଗ ପାଉନି । ପ୍ରତ୍ୟେକ ପରିବାର କେବଳ ନିଜ ଭିତରେ ସୀମିତ ରହୁଛି । ବାପା ମା' ଚବିଶଘଣ୍ଟା ନିଜ ପିଲାକୁ ସ୍କୁଲରେ ବା ପଢ଼ାଘର ଭିତରେ ବାନ୍ଧିରଖିଛନ୍ତି ନହେଲେ ଛାଡ଼ିଦେଉଛନ୍ତି ହଷ୍ଟେଲରେ । ପରୀକ୍ଷାରେ ପିଲାର କେତେ ନମ୍ବର ଆସିଲା ସେ ଚିନ୍ତା ଛଡ଼ା ଅଧିକାଂଶ ବାପାମାଆଙ୍କର ପିଲାର ଚରିତ୍ର ଗଠନର ଚିନ୍ତା ନାହିଁ । ବିଦ୍ୟାଳୟ, ଯାହାକି ପିଲାଟିକୁ ମଣିଷ କରି ଗଢ଼ିବାର ଦାୟିତ୍ୱ ନେଇଥାଏ ତାହା ରାଜନୀତି ବିଜଡ଼ିତ ଅଥବା ଅଶିକ୍ଷା, ଅପସଂସ୍କୃତି ଏବଂ ଅଯୋଗ୍ୟ/ଅସନ୍ତୁଷ୍ଟଙ୍କ ମେଳିରେ ନିଜ ଚରିତ୍ର ହରାଇ ସାରିଛି । ତା' ହେଲେ ପିଲା ମଣିଷପଣିଆ ଓ ଶୃଙ୍ଖଳା ଶିଖିବ କେଉଁଠି ?

ଆମ ଦେଶର ସାମାଜିକ-ଆର୍ଥନୀତିକ ଢାଞ୍ଚା ମଧ୍ୟ ଅନେକ ଭାବରେ ଦାୟୀ ରହୁଛି । ଆମ ସମାଜରେ ଅତିଶୟ ଶିକ୍ଷିତ, ଅତିଶୟ ଧନୀ, ଅତିଶୟ ଜ୍ଞାନୀ ଏବଂ ମାନୀ ବ୍ୟକ୍ତି ରହିଛନ୍ତି । ସେମାନଙ୍କ ସଂଖ୍ୟାଠାରୁ ବହୁତଗୁଣ ଅଧିକ ବିପରୀତ ଯୋଗ୍ୟତାର ବ୍ୟକ୍ତି ମଧ୍ୟ ରହିଛନ୍ତି । ଥିଲାବାଲାଙ୍କ ପ୍ରତି ନଥିଲାବାଲାଙ୍କ ମାନସିକ ନ୍ୟୂନ ଭାବ, ଅସୂୟା ଭାବ ଏବଂ ଈର୍ଷାର ମାତ୍ରା ଯଥେଷ୍ଟ ଅଧିକ । ଏହି ବିଶାଳ ବ୍ୟବଧାନ ଯଦି ନକମିବ ତେବେ ସମାଜରେ ଅପରାଧ, ଦୁଷ୍କର୍ମ ଏବଂ ଅନାଚାର କମିବାର ସମ୍ଭାବନା ନାହିଁ । ତେଣୁ ଯୁବସମାଜକୁ ସତମାର୍ଗରେ ପରିଚାଳିତ କରିବା ଓ ସେମାନଙ୍କୁ ଶୃଙ୍ଖଳିତ କରି ଉତ୍ତମ ଚରିତ୍ର ସମ୍ପର୍କରେ ସଚେତନ କରାଇ ଭଲ ମଣିଷ କରି ଗଢ଼ି ତୋଳିବା ପାଇଁ କଥାରେ, କାମରେ ଏବଂ ଆଚରଣରେ ସଂଯମ ଲୋଡ଼ା ।

# ଓଢ଼ଣା ତଳେ ମନ ଘୋଡ଼ିଆ ରୀତି

ବ୍ରହ୍ମରୂପୀ ସମୟ, ବଦଳେଇ ଚାଲିଛି ଆପଣା ରୂପ, ଭେକ, ତା' ସାଙ୍ଗରେ ବଦଳି ଚାଲିଛି ସମାଜ । ବଦଳୁଛି, ରୀତି, ନୀତି, ଆଚାର, ବିଚାର ସବୁକିଛି । ଏଥିରୁ ବୁଢ଼ିଆ ମଣିଷମାନେ ବି ବାଦ୍ ପଡୁନାହାନ୍ତି । ଠିକ୍ ସେମିତି ସେମାନଙ୍କ ହାବ, ଭାବ, ଚାଲି ଚଳଣି । ନୂଆ ପୁରୁଣା ହଉଚି, ପୁରୁଣା ରହଣିଆ, ଆଜି ସଜ କାଲିକି ବାସି, ଠିକ୍ ସେମିତି ସମାଜ, ସଂସ୍କୃତି । ପୁରୁଣା କଥାକୁ ବାଘ ଖାଇଲାଣି, ସବୁ ନୂଆ ନୂଆ, ନକଲି ନକଲି, ବେଙ୍ଗି ପିତଳ ଉପରେ ସୁନାର କୋଟିଙ୍ଗ୍ । ପାଠୁଆମାନଙ୍କ ରୁଚି ପାଶ୍ଚାତ୍ୟ ଜୀବନଧାରା ଆଡ଼େ । ରିକ୍ତ ଅଭିମାନ, ଆତ୍ମବଡ଼ିମା, ଅହଂକାର, କଥା କଥାକେ କଳି ତକରାଳ, ମାଲି ମୁକଦ୍ଦମା । ସେବେକା ଲୋକ ଆଜିକାଲିକା ପରି ନଥିଲେ । ସ୍ନେହ, ଶ୍ରଦ୍ଧାରେ ପରସ୍ପରକୁ ଆପଣେଇ ନେଉଥିଲେ । ମେଳା ମଉଛବ । ପୁନିଅଁ, ପର୍ବ-ସବୁଠି ସଦ୍‌ଭାବନ, ଏକତାର କଥା, ହସଖୁସି ଆନନ୍ଦ । ଆଜିକାଲି ତ ଆଉ ଲୀଳା, ସୁଆଙ୍ଗ, ଫାର୍ସ ନାହିଁ, ତା' ଜାଗାରେ ଯାତ୍ରା-ନାଟକ । ଏଥିରେ ବି ନାନା ପରୀକ୍ଷା ନିରୀକ୍ଷା । ନାଟ୍ୟକାର ଟିଏ ସଂଳାପ ଯୋଡ଼େ, କେତେ ଭାବ ବିଚାର କରେ, କଥା ପଦକେ ସ୍ଥିତି ବଦଳିଯିବ, ସୃଷ୍ଟି ହେବ ସାମ୍ପ୍ରଦାୟିକତା, ଦଙ୍ଗା, ହାଙ୍ଗାମା । ସେବେ ରାଗରୁଷା ଏତେ ନଥିଲା, ଥିଲା ସ୍ୱାଭିମାନ, ଏବେ ଖାଲି 'ଓଢ଼ଣା ତଳେ ମନ ଘୋଡ଼ିଆ ରୀତି ।' ଏକଥାଟି ଲେଖିଛନ୍ତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ତଟସ୍ଥ ଭାବେ ଆଙ୍କି ଦେଇଛନ୍ତି ବଦଳା ସମାଜକୁ । ଏସବୁ ଲିପିବଦ୍ଧ ତାଙ୍କ ଆତ୍ମଲିପି 'କୁମ୍ଭାର ଚକ'ରେ ।

ସେବେକା କଥା । ସୁଆଙ୍ଗ, ଲୀଳା, ନାଟକ, ନାଁ ଅନୁସାରେ ନାଟକ-ତାମସା । ସେଥିରେ ନଥିଲା ଜାତିଆଣ ଅବା ହୀନ ସାମ୍ପ୍ରଦାୟିକତା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକେ ନାଟ ଦେଖୁଥିଲେ । ଭିଡ଼ ଢେର ଜମୁଥିଲା । କେଳା କେଲୁଣୀ ଅବା ଭାଲୁନାଚ, ଆଉ ଆଉ ଯାତ୍ରା ସୁଆଙ୍ଗ, ଲୋକଙ୍କ ମନକୁ ଛୁଉଁଥିଲା । ଆସେ ପଣା ସଂକ୍ରାନ୍ତି, ଖରାକାଳ, ଦେବୀଙ୍କ ପଣାଯାତ୍ରା । ଏ ଦିନ ଝାମୁଆମାନେ ଏକାଠି ମିଳନ୍ତି, ଠାକୁରାଣୀ ପୀଠରେ ଆରମ୍ଭ ହୁଏ ଝାମୁଯାତ୍ରା । ଝାମୁଆଁଙ୍କ ହାତରେ ନହକା ପାଣି ବେତ । ଦାନ୍ତରେ ତିରଣ, ହଳଦୀ ବୋଳା ଦେହ, ଆଖି କଜଳମଖା । ହଳଦିଆ ଲୁଗା, ସାତଆଠ ହାତଠାରୁ ୧୨୦ ହାତ ପର୍ଯ୍ୟନ୍ତ ଡହକ ନିଆଁ ଗୋହିରୀ । ତା'ରି ଉପରେ ଝାମୁଆଁ ଚାଲନ୍ତି । ହଜାର ହଜାର ଲୋକ, ଦେଖଣାହାରୀଏ ତାଜୁବ୍ । ଡହଡହ ନିଆଁ, ଝାମୁଆଙ୍କ ଖାଲିପାଦ । ହରିବୋଲ ହୁଳହୁଳି ଧ୍ୱନି, କମ୍ପିଯାଏ ମା' ଚର୍ଚ୍ଚିକା ପୀଠ । ବହୁତ ଆଗରୁ ଲୋକେ ବେଉସା ପାଇଁ ଆସନ୍ତି । ଭଲ କାରବାର ଚାଲେ । ଯାତ୍ରା ମାସେକାଳ ବସେ । ଏକାଧିକ ଯାତ୍ରାଦଳ ବାଙ୍କି ଆସନ୍ତି, ବିଶେଷ କରି ତଳଘଟି (କଟକର ପୂର୍ବତଟ) ଆଡୁ ଆସନ୍ତି । ଏକେତ ଖରାଦିନ । ଗରମରେ ରାତିଦିନ ଉଣା । ସମସ୍ତଙ୍କ କମରରେ କଞ୍ଚା ପଇସା । ଲୋକଙ୍କର ଯାତ୍ରା ଦେଖା ସଉକି ବଢ଼େ । ଯାତ୍ରାଦଳକୁ ବହୁ ଆଗରୁ ବଇନା ମିଳେ । ବେଳେବେଳେ କୋଉ ଦିନ ଅଟକାର (ଅଗ୍ରିମ) ଫେରସ୍ତ କରିଦିଅନ୍ତି । ପଣାସଂକ୍ରାନ୍ତି ଓଡ଼ିଆର ନବବର୍ଷ । ସମସ୍ତ ଶକ୍ତିପୀଠ ଭକ୍ତିଭାବରେ ଉଚ୍ଛୁଳି ଉଠେ । ଏବେ ଅଛି ସେଇ ଶକ୍ତିପୀଠ, ଚାଲିଛି ପଣାଯାତ୍ରା, ନାହିଁ ପୂର୍ବ ସରାଗ ଅନୁରାଗ । କ୍ରମେ ସାଂସ୍କୃତିକ ଜୀବନଚର୍ଯ୍ୟାରେ ଭଟ୍ଟା । ଦୁଃଖ ଦେଉଛି ସଂସ୍କୃତ ପ୍ରେମୀଙ୍କୁ ।


ଡକ୍ଟର ସର୍ବେଶ୍ୱର ସେଣ

କାଳୀଚରଣଙ୍କର ଆଉ ଏକ ଅନୁଭୂତି, ଗାଁକୁ ଯାତ୍ରାଦଳଟିଏ ଆସିଲା । ସବୁ ନାଟକ ତ ପୌରାଣିକ, ସେଦିନ ଚାଲିଲା 'ଉଷାହରଣ' ଲୀଳା । ଆ ତା' ଦୁଆରରେ କାଳୀଙ୍କୁ ନାଚଦେଖା ମନା, କାଳୀ ତ ଚତୁର । ବୋଉର ମନନେଲେ, ତାଙ୍କୁ ପାକଳା ପାକଳି କଲେ, ତାଙ୍କ ଦୁଆରେ ସେଇ ସମାଜଟି ଅଭିନୟ ପାଇଁ ସ୍ଥିରୀକୃତ ହେଲା । ଚାଲିଲା ସାଜସଜା, ଛାମୁଣ୍ଡିଆ ବନ୍ଧା, ଚାନ୍ଦୁଆଟଣା, ଆଲୁଅ ଯୋଗାଡ଼, ଗୋଡ଼ ତଳେ ଲାଗୁ ନଥାଏ । ଥରକୁ ଥର ଘଣ୍ଟା ଦେଖା ଚାଲିଛି, ଅପେକ୍ଷାର ମୁହୂର୍ତ୍ତ ଗୁଡ଼ାକ ଭାରି ଲମ୍ବା । ସମସ୍ତଙ୍କ ନଜର ହାତୀମୁଣ୍ଡିଆ ପାହାଡ଼ ଉପରେ, ସୂର୍ଯ୍ୟ କେତେବେଳେ ଆସନ ପାତିବେ ? ଚାହୁଁ ଚାହୁଁ ସଞ୍ଜ ଆସେ । ଯାତ୍ରା ବାଲାଏ ବେଶଘରେ, ସେତେବେଳେ ପୁରଦିଆ କାକରା ପଟକ ଅଢ଼େଇ ପଇସା, ବାଙ୍କି ବଜାରର ବିନୋଦ ପୃଷ୍ଟି, ସେଇଠୁ ଆସେ କାକରା, ଗାଁରେ ଖଲିଆ ମା' ଘର, ସେଠାରୁ ଅଣାଯାଏ ବଗଡ଼ା ଚୁଡ଼ାର ଦୁଧିଭଜା, ତା' ସାଙ୍ଗକୁ ନଡ଼ିଆ । ଗୁଡ଼ ଇତ୍ୟାଦି ଇତ୍ୟାଦି । ଏଇ ହେଲା ଯାତ୍ରାବାଲାଙ୍କ ଜଳଖିଆ । ପିଲେ ବୋହି ଆଣନ୍ତି । କିଏ ପାନ, କିଏ ପାଣି, କିଏ ବଡ଼ି - ଯାତ୍ରାବାଲାଙ୍କ ବାର ଫରମାସୀ । ତେଣେ ବେଶବନ୍ଧା ଚାଲିଥାଏ । ରାଜା ବେଶ, ବଡ଼ ଚମତ୍କାର । ହାତରେ ଖଡ୍ଡୁ, ବାହାରେ ବାହୁଟି, ଗଳାରେ ସାତ ନହରୀ ହାର, କାନକୁ ଗୋଖରା, ମୁଣ୍ଡରେ ମୁକୁଟ । ରାଜାଙ୍କର ନାଲି ପାଟ, କଳା କୁରୁତା, ସେଥିରେ ଜରି, ଚୁମୁକି ଖଞ୍ଜା । ନାଲିଆ ପାଟ ପିନ୍ଧାକୁ କଳା ମଖମଲ କୁରୁତା - ଅହୋରୂପ ମହୋଧ୍ୟନି ପରି ଅପୂର୍ବ ସାଜ ! ପାଟକୁ କାଛିକରି ପିନ୍ଧାଯାଏ । କୁରୁତା ମଡ଼େଇ, ହାତରେ କଳାରଙ୍ଗର ବାଡ଼ି (ବୋଧହୁଏ ଶିଙ୍ଗର) ଧରନ୍ତି ରାଜା । ଆଖିରେ କଳାଡିମା ପରଚକ୍ଷୁ, କପାଳରେ ଅଧଲାପରି ଗୋଲ ସିନ୍ଦୂରଟୋପା, ଆଖିରେ କଜ୍ଜ୍ୱଳ ଘିନିଲେ ବେଶ ଶେଷ । ରାଜକୀୟ ଠାଣି । ଏବେ ଷ୍ଟେଜ୍ ଯିବାର ବେଳ, ତା' ଆଗରୁ ରାଜା ଥରେ ଅଧେ ଚାଲନ୍ତି ବେଶଘରେ । ତା' ପରେ ଦର୍ପଣ ଆଗରେ, ନିଜ ବେଶକୁ ଦେଖନ୍ତି, ସଳଖା ସଳଖି କରନ୍ତି । ନାକ ତଳେ ଲମ୍ବା ନିଶ ପିନ୍ଧନ୍ତି । ଏବେକା ନାଟକରେ ଆଉ ରାଜା ବାହରନ୍ତିନି । ତାଙ୍କ ଜାଗାରେ ମନ୍ତ୍ରୀ, ଯନ୍ତ୍ରୀ, ଜମିଦାର, କୋଟିପତି - ଏମାନଙ୍କର ବେଶ ଖୁବ୍ ଦାମୀ, ଦିହରେ ଫରେନ୍ କୋଟ, ସୁଟ୍, ଟାଇ, ସବୁ ନାଟକ ତ ସାମାଜିକ । ନାୟକ ନାୟିକା, ପ୍ରସାଧନ ନିଅନ୍ତି, ହେଲେ ପୋଷାକ ପିନ୍ଧା, ଏବେକା ଶୈଳୀରେ । ଆଜି ନାହିଁ ରାଜତନ୍ତ୍ର, ନାହାନ୍ତି ରାଜଛତ୍ରଧାରୀ ରାଜାଏ । କାଳୀଚରଣଙ୍କ ଏସବୁ ବର୍ଣ୍ଣନା ମନେ ପକେଇ ଦିଏ, ପୁନଃ ସ୍ମୃତିକି ଆସିଯାଆନ୍ତି ରାଜା ମହାରାଜା ।

ରାଜାଙ୍କ ପରେ ରାଣୀ, ଜେମାଦେଈ, ମୁଦୁସୁଲିଙ୍କ ବେଶ, ହାତରେ ଖଡ୍ଡୁ, ପଇଞ୍ଚ, ଗଜରା ଖଡ୍ଡୁ, ଚୁଡ଼ି, କାଚ, ବାଜୁ, ଗୋଡ଼ରେ ବଳା, ଆଠ ବାଙ୍କୀ, ଅଣ୍ଟାରେ ଚନ୍ଦ୍ରହାର, ବେକରେ ହରିଡ଼ା ଫାଳିର ମାଳି, ତା' ସାଙ୍ଗକୁ ସୋରିଷିଆ ହାର, ମୁଣ୍ଡରେ ଚନ୍ଦ୍ର ଝୁମ୍ପି, ପିହାଣିଆ, କେତକୀ ରେଖ, ଚିତା, ଝରାକାଠି, ଚଉଁରା ଭୁଣ୍ଡି - ଏ ସବୁ ଓଡ଼ିଆଣୀ ଅଳଙ୍କାର, ରାଣୀ, ଜେମାଙ୍କର ହାତରେ ପାନଡିବା, ପାଟିରେ ଖିଲେ ପାନ, ଜଣେ ଅଧେ ପଣତ ଆଗରେ ଥୋଳାଏ କାଞ୍ଚିକାଠି ବାନ୍ଧି ସଜ ହୋଇ ପଡ଼ନ୍ତି । ତେଣେ ନାରଦ, ଦ୍ୱାରୀ, ମନ୍ତ୍ରୀଙ୍କ ବେଶ୍ ଭିଡ଼ା ଚାଲିଥାଏ ଆଜିକାଲିକା କଥା ଭିନ୍ନ, ଆଧୁନିକ ଅଳଙ୍କାର, ଆଗକାଳିଆ ଯାତ୍ରାବାଲାଙ୍କ ବେଶପୋଷାକ ଆକର୍ଷଣୀୟ ଥିଲା । ଏବେ ଏଗୁଡ଼ିକ ଅଚଳ, ସେକାଳର ଏସବୁ ପସନ୍ଦିଆ ଗହଣା, ପୋଷାକ, ଭାରି ବଢ଼ିଆ ବେଶ ।

ପାର୍ଟିଅର ସଜବାଜ, ତେଣେ କନ୍‌ସଟ୍ ବାଜା ବାଜେ । ଯାତ୍ରାରେ ଜମାଣ ଉଠିଆସେ । ନଈ କୂଳରେ ବୁଦିବୁଦିକିଆ ଲଟି, ତା'ରି ତଳେ ବିଲୁ ପାଧାନେ ସମୟ ଘଣ୍ଟ ବଜାନ୍ତି - 'ହୁକ୍‌କେ ହୋ' । ଦେଖଣାହାରୀଏ ଉଚ୍ଛନ୍ନ । ସେମାନଙ୍କ ଉତ୍‌କଣ୍ଠା ବଢ଼େ, କେହି କେହି ବେଶଘର ପାଖରେ ପଇଁତରା ମାରନ୍ତି । ଏପଟ ସେପଟ ଡୁଙ୍ଗନ୍ତି, ସଭାରେ ବନ୍ଦନା ଆରମ୍ଭ ହୁଏ - "ଜୟ ଜୟ ରାଧେକୃଷ୍ଣ କୁଞ୍ଜବିହାରୀ / ଶ୍ରୀରାଧା ଯୁଗଳ ମୂର୍ତ୍ତି ହୃଦରେ ଧରି / ବୃନ୍ଦାବନେ ହେ, ବୃନ୍ଦାବନେ / ବିହାର କରିଲେ ହରି ନାନା ସ୍ଥାନେ ।" ବନ୍ଦନା ସରେ, ଗହଳି ଆଡ଼େଇ ଆଡ଼େଇ ଆସନ୍ତି ହାଡ଼ି, ହାଡ଼ିଆଣୀ । ହାତରେ ଝାଡ୍ଡୁ, ଗୀତ ଗାଇଗାଇ ଝାଡୁମାରେ ହାଡ଼ି । ହାଡ଼ିଆଣୀର ପ୍ରଶ୍ନ, ହାଡ଼ିର ଉତ୍ତର - "ମୋ ନାଆଁଟି / ବାପା ଦେଇଥିଲେ ଜନମ କାଳେ / ଅନ୍ତୁଡ଼ି ଶାଳେ - ତାରିଣୀ ତରା / ତ୍ରିଲୋକ - ମୋହିନୀ ସୁଶିଳା ସାରା / ମୋ ନାଆଁ ସରଗ ତରା/ ଦିଅର ଥେଲା / ମୋ ନାଆଁକୁ ସେ ଗେଲରେ ଦେଲା / ଅଲୋ ମହୁଆ-ବୁନ୍ଦ ଫରୁଆ / ରୂପେଇ ଝୁମ୍ପେଇ କେତକୀ, କିଆ/ ମୋ ନାଆଁ ଚନ୍ଦ୍ରଉଦିଆ ଲୋ / ମୋ ନାଁ ଚନ୍ଦ୍ର ଉଦିଆ" - ଏମିତି ହାଡ଼ିଆଣୀ ନିଜ ପରିଚୟ ଦିଏ, ବଡ଼ ରସରସିଆ ନାଆଁ, ପୂରା ଗାଉଁଲୀ, ଗୀତ ଦର୍ଶକଙ୍କ ମନ ମୋହିନିଏ । ହାଡ଼ି, ହାଡ଼ିଆଣୀଙ୍କ ପରେ, ସଭାରେ ହାଜର ଦ୍ୱାରୀ । ଗୀତରେ ନିଜ ପରିଚୟ ଦିଏ - "ବାହାରେ ଦୁଆରୀ ଦୁଷ୍ଟ/ ଛାଡ଼ ଛାଡ଼ ବାଟ / ଯାଇଥିଲି ଘରେ, ଥିଲି ସିଂହ ଦ୍ୱାରେ'... ଏମିତି ଗାଏ, ଆସନ୍ତି ରାଜା, ଚାଲି ସାଙ୍ଗକୁ ବାଜା, ରାଜା ଗାଆନ୍ତି - "ସଭାକୁ ବାହର ଦେଲେ ବାଣାସୁର / ଇନ୍ଦ୍ରାଦି ଦେବତା ଯେତେ / ଥରି ଉଠିଲେ ସମସ୍ତେ / ଭୟରେ ମେଦିନୀ ହେଲା ଥରହର ।" ଏଥିରୁ ମିଳେ ରାଜାଙ୍କ ମହାପ୍ରତାପର ଦମ୍ଭୋକ୍ତି / ବାଣାସୁର ଡାକନ୍ତି ମନ୍ତ୍ରୀକି, ପୁଚ୍ଛା କରନ୍ତି ରାଜ୍ୟ ସୁଖ ଦୁଃଖ କଥା । ତା'ପରେ ନାରଦ ମହାମୁନି ସଭାରେ ହାଜର, ମୁଣ୍ଡରେ ଧଳା ଜଟା ବାଳ, ଧଳା ଦାଢ଼ି, ଗେରୁଆ ଲୁଗା, ବେକରେ ରୁଦ୍ରାକ୍ଷ ଭଳି ଫଳର ମାଳି, ହାତରେ ଗୋପୀଯନ୍ତ୍ର, ସେ ଆରମ୍ଭ କରନ୍ତି - "ତାକ ତିନାତିନି ତିନା ଲୋ / ନାରଦ ବଜାଏ ବୀଣା ଲୋ / ନାଉକା ତୁମ୍ଭା ସୁମଧୁର ବାଜେ / ଖିଟା ତାନା ନାନା ନାନାରେ" - ଏମିତି ଗୀତରେ କହନ୍ତି । ଯାତ୍ରା ଜମି ଉଠେ ଏଥର । ନାରଦଙ୍କ କଥା ବଙ୍କା, କେଉଁ ସଳଖ ସଳଖ କହନ୍ତିନି । ସେ ସ୍ୱର୍ଗପୁରୀର ଋଷି, ତୁମ ଆମ ପରି ତ ନୁହନ୍ତି । କଥାକୁ ଚୋବେଇ ଚୋବେଇ କହନ୍ତି, ଏବେ ଦେଖଣାହାରିଙ୍କୁ ସମ୍ଭାଳେ କିଏ ? ସମସ୍ତେ ହଜି ଯାଆନ୍ତି ଯାତ୍ରା ରସରେ, ତାଳି ଉପରେ ତାଳି ପଡ଼େ । ହସିହସି ଲୋକେ ବେଦମ । ଏଣେ ଦୁଆରୀର ମଜା ଦେଖେ କିଏ ? କେବେ ନାରଦଙ୍କ ଠେଙ୍ଗା, କେବେ ଜଟା ଭିଡ଼ି ଦିଏ । ଦୁଆରୀ ପିନ୍ଧେ ସଜନା ଛୁଇଁ, କେବେ ବାଛୁରୀ ବନ୍ଧା ଛନ୍ଦ ଦଉଡ଼ି, ନାରଦଙ୍କ ଉପମା ଦିଆଟା ଦେଖଣାହାରୀଙ୍କ ହାସ୍ୟକୁ ବହୁଗୁଣିତ କରେ । ସେତେବେଳକା ଲୋକଙ୍କ ରୁଚି ନେଇ ବେଶଭୁଷା, ଯାକୁ ଦେଖିବାକୁ ଲୋକଙ୍କ ଥାଟପଟାଳି । ସମୟ ସମୟେ କେତେକଙ୍କୁ ଠାବ ମିଳେନା, ଗଛ ଡାଳରେ ଚଢ଼ି, ରାତି ଚିଆଇଁ ଯାତ୍ରା ଦେଖନ୍ତି । ଏଇଟି ନାଟକର ଅନନ୍ୟ ସଫଳତା । ଏ ବି ଯାତ୍ରା ଚାଲିଛି, ହେଲେ ଢଙ୍ଗ ପୂରା ଅଲଗା, ଖୋଲା ପେଣ୍ଡାଲ ଯାତ୍ରା ନାହିଁ, ଯାହାବି ଚାଲେ ଟିକେଟ୍ ସେଲ୍, ଅଣ୍ଟାରେ ଧନ ନଥିଲେ ଦେଖିବାର ସୁଯୋଗ ନାହିଁ । ନଥିଲା ବାଲାଙ୍କ ମନ ଛଟପଟ, ଧାର ଉଧାର କରନ୍ତି, ମୂଲ ଲାଗି ରାତିଏ ଦି' ରାତି ଦେଖନ୍ତି । ୧୯୦୮-୦୯ କଥା, ସେତେବେଳେ ଲୋକେ ମନଇଚ୍ଛା ନାଟକ ଦେଖୁଥିଲେ । 'ଉଷାହରଣ' ନାଟକରୁ କାଳୀଚରଣ ଢେର ଶିଖିଲେ । ସେ ଅନୁଭୂତିକୁ କାମରେ ବି ଲଗାଇଲେ ।

ସେତେବେଳେ ଲୋକେ ନାଟ, ତାମସା ଦେଖୁଥିଲେ, ଆନନ୍ଦ ନେଉଥିଲେ । ସଦ୍‌ଭାବନା ଥିଲା, ନଥିଲା ସାମ୍ପ୍ରଦାୟିକତାର ଠାବ, କଥାଗୁଡ଼ାକ କେବଳ ରହସ୍ୟରେ ନେଉଥିଲେ, ରସବୋଧ କରୁଥିଲେ । କଥାଟାକୁ ଗଣ୍ଠିମୁଠିଆ ଧରି ବସୁନଥିଲେ । ବୋହୂ ସୁଆଙ୍ଗ, ପଠାଣ ଗଉଡୁଣୀଙ୍କ ଚଢ଼ାଉତ୍ତାର, ବଚନିକା, ଆଜିକାଲି ତାହା ଲେଖା ହେଉନି, ହେଉଥିଲେ ସଭାସ୍ଥଳରେ ରାମରାବଣ ଲଢ଼େଇ ଲାଗନ୍ତା, ମୁଣ୍ଡଫଟା ଫଟି, ରକ୍ତ ବୁହାବୁହି ଯାଏ ଯାଆନ୍ତା । ସେବେ ଲୋକେ ଖାଉଥିଲେ ଦେଶୀ ଗୁଆଘିଅ । ଏବେ ବାରମିଶା ଡାଲଡା ଘିଅ । କାଲେ କିଏ କହିବ, କ'ଣ ଭାବିବ, ରହସ୍ୟ ଲେଖିଲା ବେଳେ ଏମିତି ନାନାଦି ଚିନ୍ତା । ତେଣୁ 'ସବ୍ ସେ ଚୁପ୍ ଭଲା ।' ସେତେବେଳେ ନାଟ ଦେଖିବାକୁ ନାହିଁ ନଥିବା ଭିଡ଼, ଥାଟପଟାଳ, ନାଟ ଶେଷ, ସବୁ କଥାର ସେଇଠି ସମାପ୍ତି । ଆଜି ହଜିଗଲାଣି ଆମ ହୃଦୟର ଆରଖଣ୍ଡକ, ସବୁ ଆଡ଼େ ଖାଲି "ଓଢ଼ଣା ତଳେ ମନ ଘୋଡ଼ିଆ ରୀତି ।" ଯାତ୍ରା ଭିତରେ ବି ଅସ୍ତିତ୍ୱ ହରାଇଲାଣି, ଓଡ଼ିଶୀ ଢଙ୍ଗ, ରଙ୍ଗ ! ଚକ ଘୂରୁଛି ତ, ଏସବୁ ତା'ରି ଫଳ ।

ସା/ପୋ- ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

# ପୃଥିବୀ ବଞ୍ଚାଅ



ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଜାତିସଂଘ ପ୍ୟାନେଲ ନିକଟରେ ଏସିଆ ମହାଦେଶ ସମ୍ପର୍କରେ ଏକ ସତର୍କ ରିପୋର୍ଟ ପ୍ରକାଶ କରିଛି । ଏଥିଯୋଗୁ ଭାରତ, ପାକିସ୍ତାନ, ବାଙ୍ଗଲାଦେଶ ଓ ଚାଇନାରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି । ବିଶେଷକରି ଭାରତ ପାଇଁ ରହିଛି ଅନେକ ଦୁର୍ଶ୍ଚିନ୍ତା କଲାଭଳି ତଥ୍ୟ । ତାପମାତ୍ରା ବୃଦ୍ଧିକୁ ଏବେ ଠାରୁ ରୋକା ନଗଲେ କିଛିବର୍ଷ ତଳେ ଉତ୍ତରାଖଣ୍ଡରେ ଅଚାନକ ବନ୍ୟା ଏବଂ ଓଡ଼ିଶାରେ ଫାଇଲିନ୍ ବାତ୍ୟା ଭଳି ଅଧିକ ପାଣିପାଗ ସଂକ୍ରାନ୍ତ ଘଟଣା ବଢ଼ିଚାଲିବ ବୋଲି ପ୍ୟାନେଲ ଆକଳନ କରିଛି । ଗତବର୍ଷ ଫେବୃଆରୀ ମଧ୍ୟଭାଗରୁ ଓଡ଼ିଶାରେ ଯେଭଳି ଭାବେ ତାପମାତ୍ରା ବୃଦ୍ଧି ପାଇଥିଲା ପ୍ୟାନେଲର ଏଭଳି ଅନୁମାନ ଅନେକାଂଶରେ ସତ୍ୟ ହୋଇପାରେ । ରିପୋର୍ଟରେ ଆହୁରି କୁହାଯାଇଛି ଯେ ଜଳବାୟୁ ପରିବର୍ତ୍ତନ ଭବିଷ୍ୟତରେ ମଣିଷର ସ୍ୱାସ୍ଥ୍ୟ, ଜଳ ଭଳି ପ୍ରାକୃତିକ ସମ୍ପଦ, ଖାଦ୍ୟଶସ୍ୟ ଅମଳ ଉପରେ ଗଭୀର ପ୍ରଭାବ ପକାଇବ । ଏପରିକି ତାପମାତ୍ରା ବୃଦ୍ଧି ଭାରତ ସମେତ ୫୧ଟି ଦେଶର ବେଳାଭୂମି ପର୍ଯ୍ୟଟନକୁ ପ୍ରଭାବିତ କରିବ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦାରିଦ୍ର୍ୟ ହାର ବୃଦ୍ଧି ଘଟି ରାଷ୍ଟ୍ରଗୁଡ଼ିକୁ ଅର୍ଥନୈତିକ ଝଟ୍‌କା ଦେଲେ ବିଶ୍ୱସାରା ସଶସ୍ତ୍ର ସଂଘର୍ଷ ଘଟିବାର ଆଶଙ୍କା ରହିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି ।

ମୋହନ କୁମାର ଭଞ୍ଜ

ପୃଥିବୀରେ ପ୍ରଦୂଷଣ ମାତ୍ରା ବୃଦ୍ଧି ଲାଗି ବିକଶିତ ରାଷ୍ଟ୍ରଗୁଡ଼ିକ ମୁଖ୍ୟତଃ ଦାୟୀ । ଇତିହାସ କହେ ଯେ ପାଶ୍ଚାତ୍ୟରେ ମଣିଷର ଆବଶ୍ୟକତା ପୂରଣ ପାଇଁ ଅଧିକ ଉତ୍ପାଦନକୁ ପ୍ରାରମ୍ଭିକ ଅବସ୍ଥାରେ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ଧନ ପାଇଁ ଲୋଭ ବଢ଼ିବା ପରେ ପର୍ଯ୍ୟାପ୍ତ ଉତ୍ପାଦନ କରାଗଲା । ଫଳସ୍ୱରୂପ ଅଧିକ କଳକାରଖାନା ପ୍ରତିଷ୍ଠା ହେବାରେ ଲାଗିଲା । ପ୍ରାକୃତିକ ପ୍ରକ୍ରିୟାକରଣ ଅପେକ୍ଷା ରାସାୟନିକ ପ୍ରତିକ୍ରିୟା ପରିବେଶକୁ ପ୍ରଦୂଷଣ କରିବାରେ ସକ୍ରିୟ ଅଂଶ ଗ୍ରହଣ କଲା । ଆଜି ଆମେ ଯେଉଁ ଜଳବାୟୁ ପରିବର୍ତ୍ତନ ଦେଖୁଛେ ତାହାର ମୂଳରେ ରହିଛି ପୃଥିବୀରେ ଦୂଷିତ ବାଷ୍ପ ନିର୍ଗମନର ମାତ୍ରାତିରିକ୍ତ ବୃଦ୍ଧି । ବିକଶିତ ରାଷ୍ଟ୍ରଗୁଡ଼ିକର ପ୍ରତ୍ୟେକ ବିଷୟ ଓ ଶୈଳୀକୁ ଅନୁକରଣ କରୁଥିବା ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କ ପଛରେ ପଡ଼ି ଶିଳ୍ପ ବିକାଶରେ ମାତିଯିବାରୁ ଏବେ ସମଗ୍ର ବିଶ୍ୱ ଉତ୍ତପ୍ତ ପେଣ୍ଡୁର ଆକାର ନେବାକୁ ଯାଉଛି । ଏଭଳି ପରିସ୍ଥିତିରେ ଧନାଢ଼୍ୟ ଦେଶଗୁଡ଼ିକ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ସଜାଗ ହେବା ପାଇଁ ପରାମର୍ଶ ଦେଉଛନ୍ତି । ନିଶ୍ଚିତ ଭାବେ ଏହା ହାସ୍ୟାସ୍ପଦ । ଲୋଭ ସମ୍ବରଣ ନକରି ପୃଥିବୀକୁ ବିଦାରି ପକାଇଥିବା ସମୃଦ୍ଧିଶାଳୀ ରାଷ୍ଟ୍ରଗୁଡ଼ିକ ବର୍ତ୍ତମାନ ପରିପ୍ରେକ୍ଷୀରେ ସେମାନଙ୍କ ଭୁଲ କାର୍ଯ୍ୟର ପ୍ରାୟଶ୍ଚିତ କରିବାକୁ ଚାହିଁଲେ ପ୍ରଦୂଷଣ ସ୍ତର କମାଇବା ପାଇଁ ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକୁ ଉତ୍ତମ ପ୍ରଯୁକ୍ତିବିଦ୍ୟା ସହ ପାଣ୍ଠି ଯୋଗାଇବାର ଦାୟିତ୍ୱ ନେବା ଉଚିତ । କାରଣ ପ୍ରଥମେ ସେମାନେ ଆର୍ଥିକ ଲାଭବାନ ହେବାକୁ ଯାଇ ବିଶ୍ୱତାପନ ଓ ଜଳବାୟୁ ବିଗାଡ଼ି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

ବିପଦ ବା ବିପର୍ଯ୍ୟୟ ଧନୀ ନିର୍ଦ୍ଧନ ବାଛବିଚାର କରେ ନାହିଁ । ଏହାର କୁଫଳ ସମସ୍ତଙ୍କୁ ଭୋଗ କରିବାକୁ ପଡ଼େ । ପ୍ରକୃତିର କ୍ରୋଧ କିଭଳି ହୋଇପାରେ ନିକଟ ଅତୀତ ତାର ଝଲକ ଦେଖାଯାଇଛି । ଜାପାନର ୟୋକୋହାମାଠାରେ ରିପୋର୍ଟ ପ୍ରକାଶ କରିବା ବେଳେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆନ୍ତଃସରକାରୀସ୍ତରୀୟ ପ୍ୟାନେଲର ଅଧକ୍ଷ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଏହି ଗ୍ରହର କୌଣସି ବ୍ୟକ୍ତି ବାଦ ପଡ଼ିବେ ନାହିଁ । ଏହି ବିବୃତିର ଯଥାର୍ଥତା ରହିଛି । ଜୀବନକୁ ଆରାମଦାୟକ କରିବା ପାଇଁ ମଣିଷ ପ୍ରତିଟି ପଦକ୍ଷେପରେ ନେଉଥିବା ନିଷ୍ପତ୍ତି ତାକୁ କ୍ଷଣିକ ସୁଖ ଦେଇପାରେ, କିନ୍ତୁ ବାସ୍ତବରେ ତାହା ଦୀର୍ଘମିଆଦି କ୍ଷତି ପହଞ୍ଚାଇବ । ଗରମରୁ ରକ୍ଷା ପାଇବା ସକାଶେ ଶୀତତାପ ନିୟନ୍ତ୍ରିତ କୋଠରି ବା ଗାଡ଼ିରେ ବସି ବୁଲୁଥିବା ଲୋକ ଭାବିପାରନ୍ତି ଯେ ସେ ଗ୍ରୀଷ୍ମ ଦାଉରୁ ବର୍ତ୍ତିଯାଉଛନ୍ତି । ତେବେ ସେହି ବ୍ୟକ୍ତି ବଞ୍ଚିବା ପାଇଁ ଦରକାର କରୁଥିବା ଜଳ, ମୁକ୍ତ ବାୟୁ ଓ ଖାଦ୍ୟ ବିନା ତିଷ୍ଠିପାରିବେ କି ବୋଲି ପ୍ରଶ୍ନ ଉଠିଲେ ଉତ୍ତର ନିଶ୍ଚୟ ଆସିବ ନା । ଦେଖାଯାଉଛି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ଖାଦ୍ୟଶସ୍ୟ ଦିନକୁ ଦିନ କମିଯାଉଛି । ଶୀତତାପ ନିୟନ୍ତ୍ରିତ ପରିବେଶ ଭିତରେ ସର୍ବଦା ରହୁଥିବା ବ୍ୟକ୍ତି କମ୍ ମୁକ୍ତ ପବନ ପାଉଥିବାରୁ ତାହାଠାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଉଛି । ବାକି ରହିଲା ଜଳ । ଅଧିକାଂଶ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ରର ଲୁଣି ଜଳ ଭୂଭାଗକୁ ମାଡ଼ିଯାଉଛି । ବ୍ୟାପକ ଜଙ୍ଗଲକ୍ଷୟରୁ ଭୂପୃଷ୍ଠରେ କମ୍ ବର୍ଷା ହେବା ଯୋଗୁ ଭୂତଳ ଜଳସ୍ତର ମଧ୍ୟ କମି କମି ଯାଉଛି । ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଲାଗି ରହିଲେ ଆଗକୁ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ଭାବେ ଉଭାହେବ । ଏମିତି ଦେଖିଲେ ଓଡ଼ିଶା ସମେତ ଭାରତର ଅଧିକାଂଶ ସ୍ଥାନରେ ପିଇବା ପାଣିର ଅଭାବ । ଏହି ପାଣିକୁ ନେଇ ରାଜ୍ୟ ରାଜ୍ୟ ଓ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଲାଗି ରହିଛି । ସମସ୍ତେ ମଧ୍ୟ ଏହାକୁ ଅନୁଭବ କଲେଣି । ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀରେ ଯେଉଁସବୁ ସଙ୍କଟ ଏବେ ଗୋଟିଏ ପରେ ଗୋଟିଏ ଦେଖାଦେଲାଣି ତାହାକୁ ଟାଳିବା ଲାଗି ସମ୍ମିଳିତ ଉଦ୍ୟମ ଲୋଡ଼ା । ବିଜ୍ଞାନ ମଣିଷକୁ ଆଶ୍ଚର୍ଯ୍ୟଚକିତ କଲା ଭଳି ଉଦ୍ଭାବନ କରିବା ପଛରେ ନଧାଇଁ ପୃଥିବୀ ବଞ୍ଚାଇବାର ବାଟ ଖୋଜୁ । କାରଣ ଗ୍ରହ ତିଷ୍ଠିଲେ ଜୀବଜଗତ ବଞ୍ଚିବ ଓ ମଣିଷ ତା ଜ୍ଞାନର ଠିକ୍ ଉପଯୋଗ କରିପାରିବ । ବୋଧହୁଏ ଜଳବାୟୁ ସଂକ୍ରାନ୍ତ ଜାତିସଂଘ ପ୍ୟାନେଲ ବେଳ ଥାଉଁ ଥାଉଁ ଆମକୁ ଚେତାଇଦେବାକୁ ଯାଇ ଏହି ବାର୍ତ୍ତା ଦେଇଛି ବୋଲି ଧରିନେବାକୁ ହେବ ।

ଭବାନୀପାଟଣା, ଦୂରଭାଷ : ୯୯୩୮୯୦୪୭୭୫

| MARKETS TODAY | ପୁଞ୍ଜିବଜାର ହାଲଚାଲ |
| --- | --- |
| SENSEX | 34825.77<br>-17.74 (-0.05%) |
| NIFTY | 10715.8<br>-25.75 (-0.24%) |
| ସୁନା 24K (MCX) (Rs/10g.) 29,800 | |
| ଟଙ୍କାର ବିନିମୟ ମୂଲ୍ୟ | |
| 1 Dollar = Rs. 64.04 | |

# ଟା’ ବାଲା ସରକାର ସବୁ ଦେଖୁଛି



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ଉତ୍ତରପ୍ରଦେଶର ପ୍ରସାଦ ଏଜୁକେସନ୍ ଟ୍ରଷ୍ଟ ଅନିୟମିତତା ମାମଲାର ସିବିଆଇ ତଦନ୍ତ କରୁଛି । ଏହି ହାଇପ୍ରୋଫାଇଲ୍ ଅନିୟମିତତା ମାମଲାରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆଇ.ଏମ୍.କୁଦ୍ଦୁଶୀ, ଓଡ଼ିଶାର ଦଲାଲ ବିଶ୍ୱନାଥ ଅଗ୍ରୱାଲ ଏବଂ ୟୁପିରେ ମେଡିକାଲ କଲେଜ କରିଥିବା ପ୍ରସାଦ ଏଜୁକେସନ ଟ୍ରଷ୍ଟର ମୁଖ୍ୟ ବି.ପି.ଯାଦବଙ୍କ ମୋବାଇଲ୍ କଥୋପକଥନର ଅଡିଓ ଟେପ୍ ସିବିଆଇ ହାତରେ ଲାଗିଛି । ଏହି କଥୋପକଥନରେ ଟ୍ରାନ୍ସକ୍ରିପ୍ଟ କରାଯାଇଛି । ଏବେ ଏହି ପ୍ରସଙ୍ଗକୁ ନେଇ ସୁପ୍ରିମ୍‌କୋର୍ଟରେ ୪ ଜଣ ବରିଷ୍ଠ ବିଚାରପତି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଟାର୍ଗେଟ୍ କରୁଥିବାବେଳେ ଅଭିଯୁକ୍ତମାନଙ୍କ ମୋବାଇଲ୍ କଥୋପକଥନରୁ ମାମଲାରେ ବଡ଼ ଧରଣର ଲାଞ୍ଚ କାରବାର ହୋଇଥିବା ଜଣାପଡ଼ିଛି ।

ଏହା ଗତବର୍ଷ ସେପ୍ଟେମ୍ବର ୩ ଓ ୪ ତାରିଖରେ ହୋଇଥିବା ମୋବାଇଲ୍ ଆଳାପର ଅଂଶବିଶେଷ । ଉତ୍ତର ପ୍ରଦେଶର ପ୍ରସାଦ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗ୍ଲୋବାଲ୍ ମେଡିକାଲ କଲେଜ ଓ ସୁପର ସ୍ପେଶାଲିଟି ହସ୍ପିଟାଲ୍ ତଥା ଅନୁସନ୍ଧାନ କେନ୍ଦ୍ରର ବଡ଼ କୋଠା ଥିଲେ ମଧ୍ୟ ଏଠାରେ ମେଡିକାଲ ଶିକ୍ଷାଦାନ ପାଇଁ ଉପଯୁକ୍ତ ଭିତ୍ତିଭୂମି ନଥିଲା । ତେଣୁ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ ଏଠାରେ ପିଲାମାନଙ୍କୁ ନାମ ଲେଖା ଯାଇପାରିବ ନାହିଁ ବୋଲି କଟକଣା ଜାରି କରିଥିଲେ । ତେବେ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବାଇପାସ କରି ନାମ ଲେଖାଇବା ପାଇଁ ସମ୍ପୃକ୍ତ ଟ୍ରଷ୍ଟ କିଛି ଦଲାଲଙ୍କୁ ହାତ କରିଥିଲା । ଏଥିଯୋଗୁଁ ଏମ୍‌ସିଆଇର ନିଷ୍ପତ୍ତି ବିରୁଦ୍ଧରେ ଉକ୍ତ ଟ୍ରଷ୍ଟ ଆହ୍ଲାବାଦ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ପିଟିସନ୍ ଦାଖଲ କରିଥିଲା । ଏହି ମାମଲାର ୨୦୧୭ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସୁପ୍ରିମ୍‌କୋର୍ଟରେ ଶୁଣାଣି ହୋଇଥିଲା । ଶୁଣାଣି କରିଥିବା ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିଲେ ପ୍ରଧାନ ବିଚାରପତି ଦୀପକ ମିଶ୍ର ଓ ଅନ୍ୟ ୪ ଜଣ ଜୁନିୟର ଜଜ୍ । ତେବେ ସିବିଆଇ ହାତରେ ଲାଗିଥିବା ମୋବାଇଲ୍ କଥୋପକଥନରୁ ଜଣାପଡ଼ିଛି ଯେ, ଓଡ଼ିଶାର ଦଲାଲ ବିଶ୍ୱନାଥ ଅଗ୍ରୱାଲ ପୂର୍ବତନ ବିଚାରପତି କୁଦ୍ଦୁସୀଙ୍କ ଜରିଆରେ ନ୍ୟାୟପାଳିକାଙ୍କୁ ପ୍ରଭାବିତ କରି ଉକ୍ତ ଟ୍ରଷ୍ଟ ସପକ୍ଷରେ ରାୟ ସୁନିଶ୍ଚିତ କରିବାକୁ କାର୍ଯ୍ୟ କରୁଥିଲା । ତେଣୁ ସେ ଜଷ୍ଟିସ୍ କୁଦ୍ଦୁସୀ ଓ ଟ୍ରଷ୍ଟର ଅଧ୍ୟକ୍ଷ ବି.ପି.ଯାଦବଙ୍କ ସହ ଅନେକ ଥର ମୋବାଇଲ୍ ଯୋଗେ କଥା ହୋଇଥିଲା । ଏହି ଆଳାପରେ ‘ଆହ୍ଲାବାଦର ମନ୍ଦିର ନା ଦିଲ୍ଲୀ ମନ୍ଦିର’ ଭାବେ ଆହ୍ଲାବାଦ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ କଥା ଚର୍ଚ୍ଚା ହୋଇଛି । ସେହିପରି ଲାଞ୍ଚ ବଦଳରେ ‘ପ୍ରସାଦ’ ଶବ୍ଦର ବ୍ୟବହାର କରାଯାଇଛି । ପ୍ରସାଦ ମିଳିବା ସୁନିଶ୍ଚିତ । କାମ ହେବା ପୂର୍ବରୁ ପ୍ରସାଦ ମିଳିଯିବା ଉଚିତ । ଏଭଳି ସର୍ତ୍ତ କୁଦ୍ଦୁଶୀ ରଖୁଥିବାର ଜଣାପଡ଼ିଛି । ମନ୍ଦିର ଆହ୍ଲାବାଦର ହେଉ ବା ଦିଲ୍ଲୀ ପ୍ରସାଦ ମିଳିଲେ କାମ ଅଟକିବନି ବୋଲି ସେ କହିଥିବା ସ୍ପଷ୍ଟ ହୋଇଛି । ପ୍ରସାଦ ମିଳିଲେ କାମ ଶହେ ନୁହେଁ ୫ଶହ ପ୍ରତିଶତ ପକ୍‌କା ବୋଲି ସେ ଅଗ୍ରୱାଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ କାମ ପୂର୍ବରୁ ଲଗେଜ୍ ପହଞ୍ଚିଯିବା ଦରକାର ବୋଲି ସେ କହିଥିଲେ ।

ଏହାର ଜବାବରେ ଅଗ୍ରୱାଲ କହିଥିଲେ ଯେ, ସାହବ ଜୀ, ଚା’ବାଲା ସରକାର ସବୁ ଦେଖୁଛି । ବ୍ୟସ୍ତ ହୁଅନ୍ତୁ ନାହିଁ ଯାହା କହିଛି କାମରେ କରି ଦେଖାଇବି । ଆଗେ ୨ ଦେବି । କାମ ହେଲେ ବାକି .... । ଠିକ୍ ଅଛି ଠିକ୍ ଅଛି ଅଗ୍ରୱାଲ୍ ଜୀ, ତୁମ ଟିକେଟ୍ ମିଳିଯିବ । କାଲି ଆସନ୍ତୁ । କୁଦ୍ଦୁଶୀ ଏଭଳି ପ୍ରତିଶ୍ରୁତି ଦେଉଥିବା ଜଣାପଡ଼ିଛି । ମାମଲା ସୋମବାର କୁ ଲିଷ୍ଟିଂ ହୋଇଛି । ଲଗେଜ୍ ନ ପହଞ୍ଚିଲେ ୩ରୁ୪ ଦିନ ବିଳମ୍ବ କରିଦେବୁ । ସାମାନ୍ ପହଞ୍ଚିଯିବ ସାହବ୍ .... । ପାପା ଅଛନ୍ତି ନା କ୍ୟାପଟେନ୍ ? ପାପା ଥାଆନ୍ତୁ କି କ୍ୟାପଟେନ୍ କାମ ହେଲେ ଗଲା । ଏଭଳି କଥୋପକଥନରୁ ଏହି ମାମଲାରେ କେତେ ବଡ଼ ଧରଣର ଲାଞ୍ଚ କାରବାର ହୋଇଛି ଓ ଏଥିରେ କେଉଁକେଉଁ ବଡ଼ ବଡ଼ ସଂସ୍ଥା ଓ ବଡ଼ ବଡ଼ ମୁଣ୍ଡ ସାମିଲ୍ ଅଛନ୍ତି ତାହାରା ସ୍ପଷ୍ଟ ସଙ୍କେତ ମିଳୁଥିଲେ ମଧ୍ୟ ସିବିଆଇ ପକ୍ଷରୁ ଏଥିନେଇ କୌଣସି ମତ ଦେବାକୁ ମନା କରିଛନ୍ତି ଏହାର ପ୍ରବକ୍ତା ।

## ୯୪୦୦ଟି ଶତ୍ରୁ ସମ୍ପତ୍ତି ନିଲାମ ହେବ



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ୪୯ ବର୍ଷ ପୁରୁଣା ଶତ୍ରୁ ସମ୍ପତ୍ତି ଆଇନ୍‌ରେ ସଂଶୋଧନ ପରେ ଗୃହ ମନ୍ତ୍ରଣାଳୟ ୯୪୦୦ଟି ଶତ୍ରୁ ସମ୍ପତ୍ତି ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଏଥିନେଇ ଗୃହମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ୬୨୮୯ଟି ଶତ୍ରୁ ସମ୍ପତ୍ତିର ସର୍ଭେ ସରିଛି । ୨୯୯୧ଟି ଶତ୍ରୁ ସମ୍ପତ୍ତିର ସର୍ଭେ କରାଯିବା ବାକି ରହିଛି । ଦେଶ ବିଭାଜନ ସମୟରେ ଯେଉଁ ଲୋକମାନେ ପାକିସ୍ତାନ ପଳାଇଥିଲେ ସେମାନଙ୍କ ସମ୍ପତ୍ତିକୁ ‘ଶତ୍ରୁ ସମ୍ପତ୍ତି’ ଭାବେ ପରିଗଣିତ କରାଯାଏ । ସେହିପରି ଚୀନ୍‌ର କିଛି ଲୋକ ଭାରତରେ ଛାଡ଼ିଯାଇଥିବା ସମ୍ପତ୍ତିକୁ ମଧ୍ୟ ଶତ୍ରୁ ସମ୍ପତ୍ତି ଭାବେ ପରିଗଣିତ କରାଯାଉଛି । ମେଘାଳୟରେ ୫୭, ପଶ୍ଚିମବଙ୍ଗରେ ୨୯ ଓ ଆସାମରେ ୭ଟି ସ୍ଥାନରେ ଚୀନ୍ ଲୋକଙ୍କ ଶତ୍ରୁ ସମ୍ପତ୍ତି ରହିଛି । ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଶତ୍ରୁ ସମ୍ପତ୍ତି ଆଇନ୍ ୧୯୬୮ ପ୍ରଚଳିତ ହୋଇଥିଲା । ଶତ୍ରୁ ସମ୍ପତ୍ତିଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହେବ ବୋଲି କୁହାଯାଉଛି ।

## ଜଷ୍ଟିସ୍ ଲୋୟାଙ୍କ ମାମଲାରେ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ

ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ମହାରାଷ୍ଟ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସ୍ୱର୍ଗତ ଜଷ୍ଟିସ୍ ବି.ଏଚ୍.ଲୋୟାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଏକ ଜଉମୁଦା ଲଫାଫାରେ ଦାଖଲ କରାଯାଇଛି । ମହାରାଷ୍ଟ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ, ସ୍ୱର୍ଗତ ଜଷ୍ଟିସ ବି.ଏଚ୍.ଲୋୟାଙ୍କ ମୃତ୍ୟୁ ହୃଦ୍‌ଘାତରେ ହୋଇଥିଲା । ଏଥିରେ କୌଣସି ଦ୍ୱନ୍ଦ୍ୱ ବା ଷଡ଼ଯନ୍ତ୍ର ନାହିଁ । ମେଡିକାଲ୍ ରିପୋର୍ଟ ଆଧାରରେ ମହାରାଷ୍ଟ୍ର ସରକାର ଏହା ଦର୍ଶାଇଛନ୍ତି । ହିଷ୍ଟୋପାଥୋଲୋଜି, ଇଲେକ୍ଟ୍ରୋ କାର୍ଡିଓଗ୍ରାଫି, ଶବ ବ୍ୟବଚ୍ଛେଦ ଓ ମେଡିକୋ ଲିଗାଲ୍ ରିପୋର୍ଟ ଆଧାରରେ ନାଗପୁର ସଦର ପୋଲିସ ଥାନା ଏହି ଘଟଣା ସମ୍ପର୍କରେ ପ୍ରସ୍ତୁତ କରିଥିବା ବିସ୍ତୃତ ରିପୋର୍ଟ ମଧ୍ୟ ଅଦାଲତରେ ଦାଖଲ ହୋଇଛି । ନାଗପୁର ସରକାରୀ ମେଡିକାଲ କଲେଜରେ ଜଷ୍ଟିସ ଲୋୟାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ଉଲ୍ଲେଖ ରହିଛି । ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କ ଶରୀରର ଟିକିନିଖି ସ୍ଥିତାବସ୍ଥା ସମ୍ପର୍କରେ ଦର୍ଶାଯାଇଛି । ପ୍ରକାଶଥାଉ କି, ଗତକାଲି ଜଷ୍ଟିସ ଲୋୟାଙ୍କ ପୁଅ ଦର୍ଶାଇଥିଲେ ଯେ, ତାଙ୍କ ପିତାଙ୍କ ମୃତ୍ୟୁ ହୃଦ୍‌ଘାତରେ ହୋଇଛି । ଏହାକୁ ନେଇ ରାଜନୀତି ବନ୍ଦ ହେଉ । କିଛି ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ମାମଲାକୁ ବିଭ୍ରାନ୍ତ କରିବା ପାଇଁ ଫାଲ୍‌ତୁ ଅଭିଯୋଗ କରିଥିବା ସେ ଦର୍ଶାଇଥିଲେ ।

## ବିଚାରପତି ବିବାଦର ସମାଧାନ ହୋଇନାହିଁ : ଆଟର୍ଣ୍ଣି ଜେନେରାଲ୍

ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟର ବିଚାରପତିମାନଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଓ ବିବାଦ ଲାଗି ରହିଛି ତାହାର ଆପାତତଃ ସମାଧାନ ଘଟିଥିବା ଗତକାଲି ସୁପ୍ରିମ୍‌କୋର୍ଟ ବାର କାଉନସିଲ୍‌ର ଅଧ୍ୟକ୍ଷ ମନନ ମିଶ୍ର ଦର୍ଶାଇଥିଲେ । ଏହି ମାମଲାରେ ଆଟର୍ଣ୍ଣି ଜେନେରାଲ୍ କେ.କେ.ଭେନୁଗୋପାଳ କହିଥିଲେ ଯେ, ଏହା ସୁପ୍ରିମ୍‌କୋର୍ଟଙ୍କ ଆଭ୍ୟନ୍ତରୀଣ ସମସ୍ୟା ଥିଲା ଏବଂ ଚା’କପ୍‌ରେ ହିଁ ଏହି ଝଡ଼ ଥମିଯାଇଛି । ଏପରିକି ପ୍ରଧାନ ବିଚାରପତିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆକ୍ଷେପ କରିଥିବା ୪ ଜଣ ବିଚାରପତି ମଧ୍ୟ କାମରେ ଯୋଗ ଦେଇଥିବା କୁହାଯାଇଥିଲା । କିନ୍ତୁ ଘଟଣା ଏତେ ସରଳ ବୋଲି ଜଣାପଡୁନାହିଁ । ମଙ୍ଗଳବାର ଖୋଦ୍ ଆଟର୍ଣ୍ଣି ଜେନେରାଲ୍ ଭେନୁଗୋପାଳ କହିଛନ୍ତି ଯେ, ବିବାଦର ସମାଧାନ ହୋଇନାହିଁ କିମ୍ବା ଏତେ ଜଲଦି ସମାଧାନ ହେବାର ସମ୍ଭାବନା ନାହିଁ । ଅତିକମ୍‌ରେ ସପ୍ତାହ ମଧ୍ୟରେ ବିବାଦର ସମାଧାନ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଥିବାବେଳେ ପ୍ରଧାନ ବିଚାରପତିଙ୍କ ପକ୍ଷରୁ ଅଭିଯୋଗକାରୀ ବିଚାରପତିଙ୍କୁ ମନାଇବା ପାଇଁ କୌଣସି ଉଦ୍ୟମ ହେଉଛି କି ବୋଲି ଏକ ପ୍ରଶ୍ନକୁ ସେ ଏଡ଼ାଇ ଦେଇଥିଲେ ।

# କଂଗ୍ରେସ କେବଳ ଭିତ୍ତିପ୍ରସ୍ତର ସ୍ଥାପନ କରେ : ମୋଦି



ଜୟପୁର, ୧୬/୧ (ଏଜେନ୍ସି) : ରାଜସ୍ଥାନରେ ପ୍ରତିଷ୍ଠିତ ହୋଇଥିବା ବହୁ ପ୍ରତୀକ୍ଷିତ ବାରମର ତୈଳ ରିଫାଇନରୀ ପ୍ରକଳ୍ପକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏହି ପ୍ରକଳ୍ପ ବର୍ଷ ବର୍ଷ ଧରି ପଡ଼ି ରହିଥିଲା । କଂଗ୍ରେସ ଅମଳରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୨୦୧୩ ସେପ୍ଟେମ୍ବର ୨୨ ତାରିଖରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କିନ୍ତୁ ପ୍ରକଳ୍ପ କାମ କେବଳ ନଡ଼ିଆ ଭଙ୍ଗାରେ ସୀମିତ ହୋଇ ରହିଯାଇଥିଲା । କେବଳ ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ କଂଗ୍ରେସ ଭିତ୍ତିପ୍ରସ୍ତର ସ୍ଥାପନ କରି ଲୋକଙ୍କୁ ଭୁଆଁ ବୁଲାଏ ବୋଲି ସେ ଦର୍ଶାଇଛନ୍ତି । ସେ ଆହୁରି କହିଛନ୍ତି ଯେ, କେନ୍ଦ୍ରରେ ଏନ୍‌ଡିଏ ସରକାର କ୍ଷମତାସୀନ ହେବା ପରେ ୪୩,୧୨୯ କୋଟି ଟଙ୍କାର ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିଥିଲା । ୨୦୧୩ ସେପ୍ଟେମ୍ବର ୨୭ରୁ ରାଜସ୍ଥାନରେ ବିଧାନସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଆଚରଣ ବିଧି ଲାଗୁ ହେବାର ୪ ଦିନ ପୂର୍ବରୁ ସୋନିଆ ଗାନ୍ଧି ଏଠାକୁ ଆସି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । କେବଳ ନାଁ କରିବା ପାଇଁ କଂଗ୍ରେସ ଏଭଳି ଧୂଆଁବାଣ ଛାଡ଼ିଥିଲା । ହେଲେ ଆମେ ଏହି ପ୍ରକଳ୍ପକୁ ପୂରଣ କରିବା ସହ କାର୍ଯ୍ୟକାରୀ କରି ଦେଖାଇଛୁ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ମଧ୍ୟ ଉପସ୍ଥିତ ଥିଲେ ।

## ମଣିପୁର ମିଥ୍ୟା ଏନ୍‌କାଉଣ୍ଟର ଘଟଣାର ତଦନ୍ତ କରୁଥିବା ଏସ୍‌ଆଇଟିଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ମଙ୍ଗଳବାର ମାନ୍ୟବର ସୁପ୍ରିମ୍‌କୋର୍ଟ ମଣିପୁର ମିଥ୍ୟା ଏନ୍‌କାଉଣ୍ଟର ଘଟଣାର ତଦନ୍ତ କରୁଥିବା ଏସ୍‌ଆଇଟିଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ଏହି ଘଟଣାରେ ସେନା, ଆସାମ ରାଇଫଲ ଓ ସ୍ଥାନୀୟ ପୋଲିସର ସୁରକ୍ଷାକର୍ମୀମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ୧୫୨୮ ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ସୁରକ୍ଷାକର୍ମୀଙ୍କ ଏଭଳି ମନଇଚ୍ଛା ଏନ୍‌କାଉଣ୍ଟର ଘଟଣାର ତଦନ୍ତ ପାଇଁ ଗତବର୍ଷ ଜୁଲାଇ ୧୪ ତାରିଖରେ ଜଷ୍ଟିସ୍ ମଦନ ଲୋକୁର ଓ ୟୁ.ୟୁ.ଲଳିତଙ୍କୁ ନେଇ ଏକ ୨ ଜଣିଆ ଖଣ୍ଡପୀଠ ଏସ୍‌ଆଇଟି ଗଠନ କରିଥିଲେ । ଏସ୍‌ଆଇଟିରେ ୫ ଜଣ ସିବିଆଇ ଅଧିକାରୀଙ୍କୁ ମଧ୍ୟ ସ୍ଥାନ ମିଳିଥିଲା । ଏସ୍‌ଆଇଟି ମୋଟ୍ ୩୨ଟି ମାମଲାର ତଦନ୍ତ କରିବାକୁ କୁହାଯାଇଥିଲା । ଆସନ୍ତା ମାସ ୨୮ ତାରିଖ ସୁଦ୍ଧା ତଦନ୍ତ ସାରିବାକୁ କୁହାଯାଇଥିଲା । ତେବେ ଏସ୍‌ଆଇଟିଙ୍କ ରିପୋର୍ଟ ଅଦାଲତରେ ଦାଖଲ ହେବା ପୂର୍ବରୁ ସିବିଆଇ ନିର୍ଦ୍ଦେଶକଙ୍କ ଅନୁମୋଦନ ଆବଶ୍ୟକ ବୋଲି ସର୍ତ୍ତାବଳୀ ରହିଥିଲା । ଏହି ମାମଲାରେ ଏସ୍‌ଆଇଟିଙ୍କ ତଦନ୍ତ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହୋଇଥିବାରୁ ସୁପ୍ରିମ୍‌କୋର୍ଟ ଏସ୍‌ଆଇଟିଙ୍କୁ ଭର୍ତ୍ସନା କରିଛନ୍ତି । ଏପର୍ଯ୍ୟନ୍ତ ଏସ୍‌ଆଇଟି ମାତ୍ର ୧୨ଟି ଏତଲା ଦାୟର କରିଥିବାବେଳେ ତଦନ୍ତରେ ଏସ୍‌ଆଇଟିଙ୍କ ଗାମ୍ଭୀର୍ଯ୍ୟ ନଥିବା ଅଦାଲତ ଦର୍ଶାଇଛନ୍ତି । ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପଇଁ କୋର୍ଟ ଦିନ ଧାର୍ଯ୍ୟକରିଛନ୍ତି ।

## ନେତନ୍ୟାହୁଙ୍କୁ ତାଜମହଲ ପରିଦର୍ଶନ କରାଇଲେ ଯୋଗୀ



ଆଗ୍ରା, ୧୬/୧ (ଏଜେନ୍ସି) : ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଓ ତାଙ୍କ ପତ୍ନୀ ସାରା ଏବଂ ତାଙ୍କ ସହିତ ଆସିଥିବା ଇସ୍ରାଏଲି ଟିମ୍‌କୁ ମଙ୍ଗଳବାର ତାଜମହଲ ପରିଦର୍ଶନ କରାଇଛନ୍ତି । ଆଗ୍ରାର ଖେରିଆ ବିମାନଘାଟିରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ନେତନ୍ୟାହୁ ଓ ତାଙ୍କର ପତ୍ନୀ ପୂର୍ବାହ୍ନ ୧୧ଟା ୧୫ରେ ଆସି ପହଞ୍ଚିଥିଲେ । ଏଠାରେ ଯୋଗୁ ତାଙ୍କୁ ନିଜେ ସ୍ୱାଗତ କରିଥିଲେ । ବିମାନବନ୍ଦରରେ ବ୍ରଜଲୋକ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଏଠାରୁ ନେତନ୍ୟାହୁଙ୍କୁ ହୋଟେଲ୍ ଅମର ବିଳାସକୁ ନିଆଯାଇଥିଲା । ସେଠାରୁ ସେ ତାଜମହଲ ଦେଖିବାକୁ ଯାଇଥିଲେ । ତାଙ୍କ ପାଇଁ ଆଜି ତାଜମହଲରେ ଅନ୍ୟ ଲୋକଙ୍କ ପ୍ରବେଶ ବନ୍ଦ ଥିଲା । ସମସ୍ତ ସହରରେ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ନେତନ୍ୟାହୁ ଓ ତାଙ୍କ ପତ୍ନୀଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ତାଜମହଲ ଯାଇ ତାଙ୍କୁ ବୁଲାଇ ଦେଖାଇବା ପରେ ମଧ୍ୟାହ୍ନ ଭୋଜନରେ ତାଙ୍କୁ ଆପ୍ୟାୟିତ କରିଥିଲେ । ଏହାପରେ ନେତନ୍ୟାହୁ ଦମ୍ପତ୍ତି ଅପରାହ୍ନ ପ୍ରାୟ ୩ଟା ୩୦ରେ ଦିଲ୍ଲୀ ଅଭିମୁଖେ ଫେରିଯାଇଥିଲେ । ସନ୍ଧ୍ୟାରେ ନେତନ୍ୟାହୁ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ରାଇସିନା ଡାଏଲଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ମଧ୍ୟ ଉପସ୍ଥିତ ଥିଲେ ।

## ଷଣ୍ଢକୁ ଭାଗବତ ପଢାଉଛି ଆମେରିକା : ପାକିସ୍ତାନ

ଇସଲାମାବାଦ, ୧୬/୧ (ଏଜେନ୍ସି) : ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖୁରାମ୍ ଦସ୍ତଗିର ଖାନ୍ ମଙ୍ଗଳବାର ଆମେରିକା ଉପରେ ଆକ୍ଷେପ କରି କହିଛନ୍ତି ଯେ,ଆମେରିକା ଆମକୁ ଭାରତ ସପକ୍ଷରେ ପ୍ରବର୍ତ୍ତାଉଛି । ଏହା ଷଣ୍ଢକୁ ଭାଗବତ ପଢ଼ାଇବା ସହ ସମାନ । ଆମେରିକା ଆମକୁ ବିଶ୍ୱାସ ଦେବାକୁ ଚାହୁଁଛି ଯେ, ଭାରତ ତୁମର ଶତ୍ରୁ ନୁହେଁ । ତୁମେ ଭାରତ ପ୍ରତି ନିଜର ଆଭିମୁଖ୍ୟ ପରିବର୍ତ୍ତନ କର । ଗତକାଲି ପାକିସ୍ତାନର ରାଷ୍ଟ୍ରୀୟ ଆସେମ୍ବ୍ଲିରେ ସୁରକ୍ଷା ସ୍ଥିତି ନେଇ ସରକାରଙ୍କ ନୀତିଗତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ପରେ ପ୍ରତିରକ୍ଷାମନ୍ତ୍ରୀ ଦସ୍ତଗିର ଖାନ୍ ଏଭଳି ମନ୍ତବ୍ୟ ଜାରି କରିଛନ୍ତି । ସେ କହିଛନ୍ତି ଯେ, ଭାରତର ନୀତି, ସାମରିକ ଦକ୍ଷତା ଓ ଉଦ୍ଦେଶ୍ୟ କେବଳ ପାକିସ୍ତାନ ସହ ଶତ୍ରୁତା । କିନ୍ତୁ ଆମେରିକା ଆମକୁ ଓଲଟା ପାଠ ପଢ଼ାଉଛି । ସେ କହିଛନ୍ତି ଯେ, ଭାରତ ପାକିସ୍ତାନର ସୀମାରେ ଯେତିକି ସୈନ୍ୟ ଓ ଗୁଳିଗୋଳା ଠୁଳ କରିଛି ତାହା ଆମେରିକା ଦେଖିବା ଦରକାର ।

# ମୋତେ ଏନ୍‌କାଉଣ୍ଟର କରି ମାରି ଦେଇଥାନ୍ତେ : ତୋଗଡିଆ



ଅହମଦାବାଦ, ୧୬/୧ (ଏଜେନ୍ସି) : ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଡକ୍ଟର ପ୍ରବୀଣ ତୋଗଡ଼ିଆ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଭାବବିହ୍ୱଳ ବକ୍ତବ୍ୟ ପ୍ରଦାନ କରିଛନ୍ତି । ସୋମବାର ସକାଳୁ ସେ ୧୧ ଘଣ୍ଟା ପାଇଁ ନିଖୋଜ ହୋଇଯାଇଥିଲେ । ଜୟପୁରସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ସେ ନିଖୋଜ ହେବା ପରେ ରାତିରେ ଅହମଦାବାଦର ଏକ ସ୍ଥାନରେ ଅଚେତ ଅବସ୍ଥାରେ ମିଳିଥିଲେ । ତେବେ କ’ଣ ହେଲା ଓ କାହିଁକି ସେ ନିଖୋଜ ହୋଇଗଲେ ସେଥିନେଇ ସେ ଏହି ପ୍ରେସ୍ କନଫରେନ୍ସରେ ଦର୍ଶାଇବାକୁ ଯାଇ କହିଛନ୍ତି ଯେ, ତାଙ୍କୁ ଏନ୍‌କାଉଣ୍ଟରରେ ମାରିଦେବାକୁ ଷଡ଼ଯନ୍ତ୍ର ହୋଇଥିଲା । ଦୀର୍ଘ ବର୍ଷ ହେଲା ତାଙ୍କ ସ୍ୱର ଚାପିଦେବାକୁ ଉଦ୍ୟମ କରାଯାଉଛି । ସେ ମୃତ୍ୟୁକୁ ଭୟ କରନ୍ତି ନାହିଁ । ରାମ ମନ୍ଦିର ପ୍ରତିଷ୍ଠା, ଗୋମାତାଙ୍କ ରକ୍ଷା ଓ କୃଷକମାନଙ୍କ ସ୍ୱାର୍ଥ ପାଇଁ ସେ ସଂଗ୍ରାମ କରିଆସୁଛନ୍ତି । ତେଣୁ ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ଅଥବା ଏହି ପ୍ରସଙ୍ଗକୁ ନେଇ କେବଳ ରାଜନୈତିକ ଫାଇଦା ପାଇଁ ଉଦ୍ୟମ କରୁଛନ୍ତି ସେମାନଙ୍କ ମୁଖା ଖୋଲି ଦେବା ପାଇଁ ସେ ଅବିରତ ଉଦ୍ୟମ କରୁଥିବାରୁ ତାଙ୍କୁ ଟାର୍ଗେଟ୍ କରାଯାଉଥିବା ସେ କହିଛନ୍ତି ।

ସେ ଦର୍ଶାଇଛନ୍ତି ଯେ, ସୋମବାର ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଆସି କହିଥିଲେ ଆପଣ ଏଠାରୁ ତୁରନ୍ତ ପଳାନ୍ତୁ । ଆପଣଙ୍କୁ ପୋଲିସ ଖୋଜୁଛି । ଏନକାଉଣ୍ଟରରେ ମାରିଦେବ । ହେଲେ ଏହାକୁ ସେ ବିଶ୍ୱାସ କରିନଥିଲେ । ମୃତ୍ୟୁ ପାଇଁ ତାଙ୍କର ଭୟ ନଥିବାରୁ ସେ ଏହାକୁ ହାଲୁକା ଭାବେ ନେଇଥିଲେ । ତେବେ ଝିଡିକି ବାଟେ ଉଣ୍ଡିବାରୁ କାର୍ଯ୍ୟାଳୟ ବାହାରେ ପୋଲିସ ଛିଡ଼ା ହୋଇଥିବା ଦେଖି ସେ ରାଜସ୍ଥାନର ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଏ ସଂକ୍ରାନ୍ତରେ ପଚାରିଥିଲେ । ତେବେ ତାଙ୍କୁ ଗିରଫ କରିବା ନେଇ ପୋଲିସର କୌଣସି ଯୋଜନା ବା ୱାରେଣ୍ଟ ନଥିବା ସେମାନେ ଦର୍ଶାଇଥିଲେ । ଅନ୍ୟପଟେ ରାଜସ୍ଥାନ ପୋଲିସର ଟିମ୍ ତାଙ୍କୁ ଉଠାଇ ନେଇ ବିଭିନ୍ନ ଅଭିଯୋଗରେ ଫସାଇ ଦେବ କିମ୍ବା ତାଙ୍କ ସ୍ୱର ଚାପିଦେବା ପାଇଁ କୌଣସି ଷଡ଼ଯନ୍ତ୍ରରେ ସାମିଲ୍ କରିଦେବା ଭୟରେ ସେ ମୋବାଇଲ୍ ଫୋନ୍ ବନ୍ଦ କରି ସେଠାରୁ ଖସି ପଳାଇଥିଲେ ବୋଲି ଶ୍ରୀ ତୋଗଡ଼ିଆ କହିଛନ୍ତି । ପରେ ସେ କୁଆଡ଼େ ଜାଣିବାକୁ ପାଇଥିଲେ ଯେ,ପୋଲିସ ତାଙ୍କ ରୁମ୍‌ରେ ସର୍ଚ୍ଚ କରିବାକୁ ଆସିଥିଲା । ପାଲଡି ଅଞ୍ଚଳରେ ବିଶ୍ୱହିନ୍ଦୁ ପରିଷଦର ମୁଖ୍ୟାଳୟରେ ରହୁଥିବା ତୋଗଡ଼ିଆଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଇଥାଏ । ଏହା ସତ୍ତ୍ୱେ ତାଙ୍କୁ ଏନ୍‌କାଉଣ୍ଟରକରି ଉଡ଼ାଇ ଦେବାର ସେ କାହିଁକି ଆଶଙ୍କା କଲେ ବୋଲି ଏଯାବତ ସ୍ପଷ୍ଟ ହୋଇନାହିଁ । ତେବେ ଗତକାଲ ଠାରୁ ଧାଁଧାପଡ଼ ଯୋଗୁଁ ତାଙ୍କ ରକ୍ତରେ ଶର୍କରାସ୍ତର ହ୍ରାସ ପାଇବାରୁ ଶ୍ରୀ ତୋଗଡ଼ିଆ ବେହୋସ ହୋଇଯାଇଥିଲେ ଏବଂ ତାଙ୍କୁ ଅହମଦାବାଦର ସାହିବାଗ ଅଞ୍ଚଳରୁ ଉଦ୍ଧାର କରାଯାଇ ଚନ୍ଦ୍ରମଣି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ହସ୍ପିଟାଲ୍ କର୍ତ୍ତୃପକ୍ଷ ଅନୁମତି ଦେଲେ ତାଙ୍କ ରୁମ୍ ସର୍ଚ୍ଚ କରିବା ପାଇଁ ସେ ପୋଲିସର ସହଯୋଗ କରିବେ ବୋଲି କହିଛନ୍ତି । ଆଜି ପର୍ଯ୍ୟନ୍ତ ସେ ଆଇନ୍ ଠାରୁ କେବେ ପଳାୟନ କରିନାହାନ୍ତି ବୋଲି ଦର୍ଶାଇବା ସହ ଭାବବିହ୍ୱଳ ହୋଇ କହିଥିଲେ ଯେ, “ଦେଶର ସେବା ପାଇଁ ମୁଁ ସୁଖ, ସମ୍ପତ୍ତି ସବୁ ଛାଡ଼ି ଆସିଛି । ମୋର ରୁମ୍‌ରେ କିଛି ପୁସ୍ତକ, ଖଣ୍ଡେ ଚାଦର ଓ ତକିଆ ଛଡ଼ା ଆଉ କିଛି ମିଳିବ ନାହିଁ ।

ପ୍ରକାଶଥାଉ କି, ଆଇପିସିର ଧାରା ୧୮ ଅନ୍ତର୍ଗତ ତୋଗଡ଼ିଆଙ୍କୁ ଗିରଫ କରିବା ପାଇଁ ରାଜସ୍ଥାନର ସୋଲା ପୋଲିସ ଥାନାରା ଏକ ଟିମ୍ ଗତକଲି ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲା । ଏହି ଘଟଣାକୁ ନେଇ ତୋଗଡ଼ିଆ ଭୟଭୀତ ହୋଇ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ । ଏହି ଘଟଣା ଜଣାପଡ଼ିବା ପରେ ରାଜସ୍ଥାନ ଓ ଗୁଜରାଟରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରଦର୍ଶନ କରିଛନ୍ତି ।

## କାବୁଲ୍‌ସ୍ଥିତ ଭାରତୀୟ ଦୂତାବାସ ଉପରେ ରକେଟ୍ ମାଡ

କାବୁଲ୍, ୧୬/୧ (ଏଜେନ୍ସି) : ଆଫଗାନିସ୍ତାନର ରାଜଧାନୀ କାବୁଲସ୍ଥିତ ଭାରତୀୟ ଦୂତାବାସ ଉପରେ ଏକ ରକେଟ୍ ମାଡ଼ ହୋଇଛି । ସୋମବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ରେକଟକ ମାଡ କରାଯାଇଥିଲା । ଏଥିରେ ଦୂତାବାସ କୋଠାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୂତାବାସର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି । ସୂଚନା ମୁତାବକ, ରକେଟ୍ ଟି ଦୂତାବାସ ପରିସରର ୩ୟ ମହଲାରେ ଥିବା ଆଇଟିବିପି ବାରାକ୍ ଉପରେ ପଡ଼ିଥିଲା । ତେବେ ଏହି ରକେଟ୍‌ଟି ପ୍ରକୃତରେ କେଉଁଠିକୁ ଟାର୍ଗେଟ୍ କରାଯାଇଥିଲା ତାହା ଜଣାପଡ଼ି ନାହିଁ । କାରଣ ଏଠାରୁ ଅନତି ଦୂରରେ କାନାଡ଼ାର ଦୂତାବାସ ମଧ୍ୟ ଅବସ୍ଥିତ ।

## ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁଁ ମୋଦି ସରକାରଙ୍କ ମୁଣ୍ଡ ବ୍ୟଥା

**ଭାରତୀୟ ଅର୍ଥନୀତି ପାଇଁ ଚାଲେଞ୍ଜ**

ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ଆସନ୍ତା ପହିଲାରେ କେନ୍ଦ୍ରର ମୋଦି ସରକାର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଆଗତ କରିବାକୁ ଯାଉଛନ୍ତି ଅନ୍ତିମ ପୂର୍ଣ୍ଣାଙ୍ଗ ବଜେଟ୍ । ଏହି ବଜେଟ୍ ପାଇଁ ସରକାର ଅଭିବୃଦ୍ଧିକୁ ଗୁରୁତ୍ୱ ଦେବେ ନାଁ ଯୁବକମାନଙ୍କ ପାଇଁ କର୍ମ ନିଯୋଜନ ସୃଷ୍ଟି କରିବକୁ ପଦକ୍ଷେପ ଗ୍ରହଣ କରିବେ ତାହା ସ୍ଥିର କରିପାରୁନଥିବାବେଳେ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଅନୁଦାନ ହ୍ରାସ କରିବା ମଧ୍ୟ ସମ୍ଭବ ନୁହେଁ ବୋଲି କୁହାଯାଇଛି । ସେନାର ଆଧୁନିକୀକରଣ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ହେଲେ ଜିଏସ୍‌ଟି ଯୋଗୁଁ ପ୍ରାଥମିକ କୋହଳ ନୀତି ଅନ୍ତର୍ଗତ ସରକାରଙ୍କ ରାଜସ୍ୱ ହ୍ରାସ ପାଇଛି । ଏଭଳି ସମୟରେ ବ୍ୟକ୍ତିଗତ ଟିକସ୍ ସୀମା ବୃଦ୍ଧି ପାଇଁ ସରକାରଙ୍କ ଉପରେ ଚାପ ପଡୁଛି । କର୍ପୋରେଟ୍ ସଂସ୍ଥାଗୁଡ଼ିକ ମଧ୍ୟ କର୍ପୋରେଟ୍ ଟିକସ ହ୍ରାସ ପାଇଁ ଚାପ ପକାଉଛନ୍ତି । ଏଭଳି ସମୟରେ ଅଶୋଧିତ ତୈଳ ଦରବୃଦ୍ଧି ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ମଙ୍ଗଳବାର ସୁଦ୍ଧା ଦିଲ୍ଲୀରେ ଡିଜେଲ୍ ଲିଟର ପିଛା ପ୍ରାୟ ୬୨ ଟଙ୍କା ଓ ପେଟ୍ରୋଲ୍ ଲିଟର ପିଛା ୭୧ ଟଙ୍କା ୫୦ ପଇସାରେ ପହଞ୍ଚିଯାଇଛି । ଅନ୍ୟପଟେ ଅଶୋଧିତ ତୈଳମୂଲ୍ୟ ବ୍ୟାରେଲ୍ ପିଛା ୭୦ ଡଲାର ଟପିଯାଇଛି । ମଙ୍ଗଳବାର ସୁଦ୍ଧା ଏହା ୭୦.୨୩ ଡଲାରରେ ପହଞ୍ଚିଥିବାବେଳେ ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଏହା ୭୪ ଡଲାର ଟପିଯିବ ବୋଲି ଆଶଙ୍କା କରାଯାଉଛି । ଅନ୍ତରାଷ୍ଟ୍ରୀୟ ବଜାରରେ ତୈଳ ଉତ୍ପାଦନ ହ୍ରାସ ପାଇଥିବାବେଳେ ତୈଳଦର ବୃଦ୍ଧି ପାଉଛି । ତେଣୁ ସରକାରଙ୍କ ରାଜସ୍ୱ ଉପରେ ଅଧିକ ଚାପ ସୃଷ୍ଟି ହୋଇଛି । ସରକାର ସବୁ ବର୍ଗଙ୍କୁ କିଭଳି ସନ୍ତୁଷ୍ଟ କରିବେ ଓ ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତ ହେବେ ତାହା ପ୍ରଧାନମନ୍ତ୍ରୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

## ଚଢାଉ ଭୟରେ ବିଟ୍ କଏନ୍‌ର ମୂଲ୍ୟ ୧୫% ହ୍ରାସ

ଲଣ୍ଡନ, ୧୬/୧ (ଏଜେନ୍ସି) : ବିଭିନ୍ନ ଦେଶରେ ବେଆଇନ୍ ଭାବେ ପରିଗଣିତ କ୍ରିପ୍ଟୋ କରେନ୍ସି ବା ବିଟ୍ କଏନ୍ ଉପରେ ଏବେ କାର୍ଯ୍ୟାନୁଷ୍ଠାନର ଭୟ ସୃଷ୍ଟି ହୋଇଛି । ଏହା ଜାପାନରେ ବୈଧ ଥିବାବେଳେ ଦକ୍ଷିଣ କୋରିଆରେ ମଧ୍ୟ ଟ୍ରେଡିଂ କରାଯାଇଥାଏ । ବିଟ୍ କଏନ୍ କାରବାରରେ ଉତ୍ତର କୋରିଆ ଲିପ୍ତ ଥିବା କୁହାଯାଏ । ଏହାଦ୍ୱାରା ଏହି ଦେଶ ପ୍ରଚୁର ଅର୍ଥ ସଂଗ୍ରହ କରି ଆଣବିକ କାର୍ଯ୍ୟକ୍ରମ ଚଳାଉଥିବା ଅଭିଯୋଗ ହୋଇଛି । ତେଣୁ ବିଟ୍ କଏନ୍‌ର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି କରାଯାଉଥିବାର କୁହାଯାଏ । ତେବେ ବିଟ୍ କଏନ୍ କାରବାର ଉପରେ ଦକ୍ଷିଣ କୋରିଆ କାର୍ଯ୍ୟାନୁଷ୍ଠାନ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ମଙ୍ଗଳବାର ଗୋଟିଏ ଦିନରେ ବିଟ୍ କଏନ୍‌ର ମୂଲ୍ୟ ପ୍ରାୟ ୧୫ ପ୍ରତିଶତ ହ୍ରାସ ପାଇଁ ୧୧,୭୩୦ ଡଲାରରେ ପହଞ୍ଚି ଯାଇଛି । ଗତମାସ ଏହାର ମୂଲ୍ୟ ପ୍ରାୟ ୨୦ ହଜାର ଡଲାର ଥିଲା । ଭାରତରେ ଏହାର କାରବାର ସମ୍ପୂର୍ଣ୍ଣ ଅବୈଧ କରାଯାଇ ନଥିଲେ ମଧ୍ୟ ଏଥିରୁ ଲୋକମାନଙ୍କୁ ଦୂରେଇ ରହିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବାରମ୍ବାର ସତର୍କ ସୂଚନା ଜାରି କରିଆସିଛି ।

# ସୁନ୍ଦରଗଡ ଜିଲ୍ଲା ସମାଚାର

### ପରିବାର ନିୟୋଜନ ଆସ୍ତ୍ରୋପଚାର ପରେ ମହିଳାଙ୍କ ଗର୍ଭଧାରଣ ମାମଲା

## ପୀଡ଼ିତା ମହିଳାଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି



ରାଉରକେଲା, ୧୬।୧ (ଶ୍ରୁ.ମି) : ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଥିବା ଟିମ୍ବର କଲୋନୀରେ ରହୁଥିବା ଶଶିରେଖା ଦାସ ନାମକ ମହିଳାଙ୍କ ପୂର୍ବରୁ ଦୁଇଟି ସନ୍ତାନ ଥିବାବେଳେ ଗତ ୪/୨/୨୦୧୪ରେ ତୃତୀୟ ସନ୍ତାନ ଜନ୍ମ ହେବା ପରେ ଇସ୍ପାତ ଜେନେରାଲ ହସ୍ପିଟାଲରେ ରାଉରକେଲା ସରକାରୀ ଡାକ୍ତରଖାନା ପକ୍ଷରୁ ଲାଗିଥିବା ପରିବାର ନିୟୋଜନ ଅସ୍ତ୍ର ପ୍ରଚାର ଶିବିର ଯୋଗ ଦେଇ ୬/୨/୨୦୧୪ରେ ଅପରେସନ କରାଯାଇଥିଲେ । ସେତେବେଳେ ଡାକ୍ତର ପ୍ରତିଭା ଷଡଙ୍ଗୀ ଏହି ଅସ୍ତ୍ରୋପଚାର କରିଥିଲେ । ତେବେ ବଡ ଆଶ୍ଚର୍ଯ୍ୟ ବିଷୟ ଅଛି ଯେ ପରିବାର ନିୟୋଜନ ଅସ୍ତ୍ରପ୍ରଚାର ପରେ ମଧ୍ୟ ୧୧/୧/୨୦୧୮ ଆରଜିଏଚକୁ ଚିକିତ୍ସା ପାଇଁ ଆସିଥିବାବେଳେ ଶଶିରେଖାଙ୍କ ଅଲଟ୍ରସାଉଣ୍ଡ ହୋଇଥିଲା । ଅଲଟ୍ରାସାଉଣ୍ଡ ରିପୋର୍ଟରେ ଶଶିରେଖା ପୁଣି ଥରେ ଗର୍ଭବତୀ ଜଣାପଡିଥିଲା । ଏହି ଘଟଣା ଜାଣିବା ପରେ ଶଶିରେଖା ମାନସିକ ସ୍ତରରେ ଭାଙ୍ଗିଯାଇଥିବାବେଳେ ଆରଜିଏଚ୍ ଏବଂ ଆଇଜିଏଚ୍ ଡାକ୍ତରମାନଙ୍କ ଯୋଗୁଁ ଆଜି ସେ ଏପରି ଦସା ଭୋଗିବା ପାଇଁ ଯାଉଥିବା ଅଭିଯୋଗ କରି ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଅନ୍ୟଥା ଆରଜିଏଚ୍‌ରେ ଚାକିରି ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଆଜି ବିଜେପି ନାରୀ ନେତ୍ରୀ ପ୍ରମିଳା ଦାସ ସହିତ ଆସି ଶଶିରେଖା ନିଜ ଦାବି ଏକ ସ୍ମାରକପତ୍ର ଆରଜିଏଚର ସିଏମଓଙ୍କ ରାମଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଥିବା ଜଣାପଡିଛି ।

## ଭିନ୍ନ ଭିନ୍ନ ସଡ଼କ ଦୁର୍ଘଟଣାରେ ୨ ମୃତ ୧ ଆହତ

ରାଉରକେଲା, ୧୬।୧ (ଶ୍ରୁ.ମି) : ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳରେ ଥିବା ବେଦବ୍ୟାସ ମନ୍ଦିର ରୋଡରେ ରହୁଥିବା ଅରୁଣ (ଟୁଟୁ) ପ୍ରଧାନ ନାମକ ଜଣେ ଯୁବକ ମୋଟର ସାଇକେଲରେ ଯାଉଥିବାବେଳେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଶ୍ରୀ ପ୍ରଧାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ସେହିପରି ପାଣ୍ଡେ କଲୋନୀ ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ କେଦାରନାଥ ପାଣ୍ଡେ ନାମକ ଜଣେ ବ୍ୟକ୍ତି ଆହତ ହୋଇଥିଲେ । ରାଜଗାଙ୍ଗପୁର ଥାନା ଅଞ୍ଚଳର କୁନ ମୁର୍ମୁ ବଡଗୁଡିଆଠାରେ ହୋଇଥିବା ଏକ ଦୁର୍ଘଟଣାରେ ସଞ୍ଜୟ ମିଞ୍ଜି (୩୭) ନାମକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

## ବ୍ରାହ୍ମଣୀ ନଦୀରେ ବୁଡି ଧୀବରଙ୍କ ମୃତ

ଲହୁଣୀପଡା, ୧୬।୧ (ଶ୍ରୁ.ମି) : ଚାନ୍ଦିପୋଷ ଅଞ୍ଚଳରେ ଥିବା ଲଧୁଣି ଗ୍ରାମରେ ରହୁଥିବା ଅନ୍ଧାରୁ ଧୀବର ଗତକାଲି ମାଛ ଧରିବା ପାଇଁ ନଦୀରେ ପଶିଥିବାବେଳେ ଅସାବଧାନ ବଶତଃ ପାଣି ବୁଡି ଯାଇଥିଲା । ଏ ସମ୍ବନ୍ଧରେ ଖବର ପାଇଁ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣାସ୍ଥଳରେ ଥିବା ଅନ୍ୟ ଧୀବରମାନଙ୍କ ସହାୟତାରେ ପାଣି ଭିତରୁ ଅନ୍ଧାରୁଙ୍କ ମୃତ ଦେହ ଉଦ୍ଧାର କରିଥିବା ଜଣାପଡିଛି ।

## ଚୋରା ମଦ ଆଡ୍ଡାରେ ଚଢାଉ : ୮ ଗିରଫ

ସୁନ୍ଦରଗଡ଼, ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ ଅବକାରୀ ବିଭାଗ ଏବଂ ଭସ୍ମା ପୋଲିସ ମିଳିତ ଭାବେ କୁନ୍ଦୁକେଲା, ଆମପାଲି, ତଲସରା, ସମଲେଇ ଦେବୀ, ମହିପାନି, କୁରୁକେଲା, ବଡରନ୍ତିଆ ଆଦି ଗ୍ରାମରେ ଚାଲୁଥିବା ଚୋରା ଦେଶୀ ଓ ବିଦେଶୀ ମଦ ଉପରେ ଚଢାଉ କରିଥିଲେ । ଏହି ଚଢାଉରେ ଚୋରା ମଦ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଭୀଷଣ ନାୟକ, ବିନୋଦ ପଟେଲ, ବ୍ରାଛ ତପୋ, ରାନ୍ତୁ ନାୟକ, ବାସନ୍ତୀ ତନ୍ତୀ, ନିରଞ୍ଜନ ଟିପୋ ଏବଂ ନିତୁ ପାଣ୍ଡେ ସମେତ ୮ ଜଣଙ୍କୁ ଗିରଫ ପୋଲିସ କୋର୍ଟଚାଲଣ କରିଛି ।

## ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଦାବି

ଲହୁଣୀପଡା ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ଼ ରାଜସ୍ୱ ଜିଲ୍ଲା ଅଧୀନରେ ଥିବା ବଣେଇଗଡ଼ ଉପଖଣ୍ଡ ଅଞ୍ଚଳର ଲହୁଣୀପଡା ବ୍ଲକର ବାଲିସୁଡା ଗ୍ରାମ ଗତ ୨୦୦୭ ମସିହା ଏକ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହୋଇଥିଲେ । ଆଜି ଏହି ଅଙ୍ଗନୱାଡି କେନ୍ଦ୍ରରେ ପ୍ରାୟ ୨୫-୩୦ ଜଣ ପିଲା ପାଠପଢୁଥିବାବେଳେ କେନ୍ଦ୍ରର ନିଜସ୍ୱ ଗୃହ ନଥିବ କାରଣରୁ ଅଙ୍ଗନୱାଡି ଦିଦି ନିଜ ଘର ବାରଣ୍ଡାରେ କେନ୍ଦ୍ରକୁ ଚାଲୁ ରଖିଛନ୍ତି । ଦୀର୍ଘ ୧୦ ବର୍ଷ ପରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ର ପାଇଁ ଘରଟିଏ ନିର୍ମାଣ ହୋଇ ନପାରିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କ ଭବିଷ୍ୟତକୁ ଦେଖି ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବଶ୍ୟକ ଥିବା ନୂତନ ଗୃହ ତୁରନ୍ତ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଟିକସ ଫାଙ୍କିର ଭୂସ୍ୱର୍ଗ ପାଲଟିଛି ଗ୍ରାମାଞ୍ଚଳ ରାସ୍ତା

ନୂଆଁଗାଁ, ୧୬।୧ (ଶ୍ରୁ.ମି) : ରାଜ୍ୟରେ ବ୍ୟବସାୟୀମାନଙ୍କଠାରୁ ବାଣିଜ୍ୟ କର ବାବଦରେ ରାଜସ୍ୱ ଆଦାୟ ପାଇଁ ସରକାର ରାଜ୍ୟର ବିଭିନ୍ନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ମୁଖ୍ୟ ପ୍ରବେଶ ଦ୍ୱାରା ନିକଟରେ ତନଖି ଫାଟକ ଲଗାଇବା ସହିତ ଟିକସ ଫାଙ୍କି କାରବାର କରୁଥିବା ବ୍ୟବସାୟୀ ମାନଙ୍କ ଉପରେ ମଧ କଡା ନଜର ପାଇଁ ଫାଇନ୍‌ସ୍କ୍ୱାର୍ଡ ଗଠନ କରିବା ସହିତ ଅନେକ ଯୋଜନା ନେଇଛନ୍ତି । ତେବେ ସରକାରଙ୍କ ଏହି ଯୋଜନାକୁ ଜଞ୍ଜାଳି ଦେଇ ବ୍ୟବସାୟୀମାନେ ସୀମାନ୍ତରେ ଥିବା ବିଭିନ୍ନ ଛୋଟ ଛୋଟ ଗ୍ରାମ ଦେଇ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ପାଖ ରାସ୍ତାକୁ ବ୍ୟବହାର କରି ବେଶ୍ ସୁରୁଖୁରରେ ଟିକସ ଫାଙ୍କି ନିଜ ବ୍ୟବସାୟ କରିଚାଲିଛନ୍ତି । ମିଳିଥିବା ସୂଚନାନୁସାରେ ସୁନ୍ଦରଗଡ ରାଜସ୍ୱ ଅଧୀନରେ ଥିବା ନୂଆଁଗାଁ ବ୍ଲକର ଜାହାରିଟୋଲି, ଗୋଟିଟାଙ୍ଗର ଏବଂ କରଡେଗା ଆଦି ସୀମାନ୍ତରେ ଥିବା ଗ୍ରାମର ଛୋଟ ଛୋଟ ରାସ୍ତା ଦେଇ ସାମଗ୍ରୀମାନ ନେବା ଆଣିବା କରି ବ୍ୟବସାୟୀମାନେ ଟିକସ ଫାଙ୍କୁଥିବାବେଳେ ଏଥିପାଇଁ ଓଡ଼ିଶା କୋଟି କୋଟି ଟଙ୍କାର ରାଜସ୍ୱ ମଧ ହରାଉଛି ।

## ଅଞ୍ଚଳବାସୀଙ୍କ ପାଇଁ ପୋଖରୀ ପାଲଟିଛି ମରଣଯନ୍ତା

ଲହୁଣୀପଡ଼ା, ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ ରାଜ୍ୟସ୍ୟ ଜିଲ୍ଲା ଅଧୀନରେ ଥିବା ଲହୁଣପଡ଼ା ବ୍ଲକର ରଜାମୁଣ୍ଡା ଗ୍ରାମପଞ୍ଚାୟତର ଶରଧାପୁର-ଥିମକଲା ରାସ୍ତା ମଝିରେ ଥିବା ବଥୁରାମ କାରଖାନା ନିକଟରେ ଥିବା ଏକ ପୋଖରୀ ଗ୍ରାମବାସୀ ତଥା ଆଖପାଖରେ ଥିବା ଗୃହପାଳିତ ପଶୁମାନଙ୍କ ପାଇଁ ମରଣ ଯନ୍ତା ପାଲଟିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ପୋଖରୀଟି ଦୀର୍ଘଦିନ ହେଲା ଅବ୍ୟବହୃତ ଅବସ୍ଥାରେ ଥିବା ସହିତ ରାସ୍ତା କଡ଼ରେ ଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଧନ ଜୀବନ ନଷ୍ଟ ହୋଇ ଆସୁଥିବାରୁ ପୋଖରୀଟିକୁ ପୋତି ଦେବା ପାଇଁ ଗ୍ରାମବାସୀମାନେ ଦାବି କରି ଆସୁଥିଲେ । ଗ୍ରାମବାସୀମାନଙ୍କ ଦାବିକୁ ଦେଖି ପୋଖରୀ ମାଲିକ ଗତବର୍ଷ ଧାନକୁଣ୍ଡା ଆସି ରାସ୍ତା କଡରେ ପୋଖରୀକୁ ଲଗାଇ ପକାଇ ଦେଇଥିଲେ । ବର୍ଷା ହେବା ଫଳରେ କୁଣ୍ଡା ସବୁ ଫୁଲିଯାଇ ଉପରକୁ ଉଠି ସମତଳ ଭୂମିଭଳି ଦେଇଥିଲା । ଫଳରେ ଏହି ବାଟ ଦେଇ ଯାଇ ଅନେକ ଲୋକ ଏବଂ ଗୃହପାଳିତ ପଶୁ ସବୁ ପୋଖରୀରେ ଫଶି ଯାଇଥିଲେ । ଗତକାଲି କେତୋଟି ଗାଈ ଯାଉଥିବାବେଳେ ପୋଖରରେ ପଡିଯାଇଥିଲେ । ଗ୍ରାମବାସୀମାନେ ଗାଈକୁ ଉଦ୍ଧାର କରିଥିଲେ । ଅପରପକ୍ଷେ ନିୟମିତ ଘଟୁଥିବା ଦୁର୍ଘଟଣାକୁ ଦେଖି ପୋଖରୀଟିକୁ ପୋତି ଦେବା ପାଇଁ ପ୍ରଶାସନ ନିକଟରେ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ସାମଗ୍ରୀ ଯୋଗାଣ ନାମରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

ସୁନ୍ଦରଗଡ଼, ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ଼ ପୋଲିସ ଜିଲ୍ଲା ଅଧୀନରେ ଥିବା ଟାଉନ ଥାନା ଅଞ୍ଚଳର ଦିଲ୍ଲୀପ ପଟେଲ ଜଣେ ବ୍ୟକ୍ତି ନିଜ କମ୍ପାନୀ ପାଇଁ ସାମଗ୍ରୀ କିଣିବା ପାଇଁ ବୌଦ୍ଧ ଅଞ୍ଚଳର ଶୁଭେନ୍ଦୁ କୁମାର ଶତପଥୀ ଏବଂ ଶ୍ୟାମ ସୁନ୍ଦର ଅଗ୍ରୱାଲ ନାମକ ଦୁଇ ଜଣ ବ୍ୟକ୍ତି ଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଚେକ୍ ମାଧରେ ପ୍ରାୟ ୮୦ ଲକ୍ଷ ଟଙ୍କା ଦେଇଥିଲେ । ତେବେ ନିର୍ଦ୍ଧାରିତ ସମୟସୀମା ମଧରେ ସାମଗ୍ରୀ ଯୋଗାଇ ଦେବା ବଦଳରେ ଟଙ୍କା ନେଇଥିବା ଦୁଇଜଣ ବ୍ୟକ୍ତି ଦିଲ୍ଲୀପଙ୍କ ସହିତ ସମ୍ପର୍କ ମଧ ଛିନ୍ନ କରିଦେଇଥିଲେ । କୌଣସି ଉପାୟ ନପାଇ ଶେଷରେ ଦିଲ୍ଲୀପ ସୁନ୍ଦରଗଡ ଟାଉନ ଥାନା ଶୁଭେନ୍ଦୁ ଏବଂ ଶ୍ୟାମ ସୁନ୍ଦର ନାମରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## ଆଇଏଏସ୍ ରଶ୍ମିତା ଆରଏମ୍‌ସି ନୂତନ କମିଶନର



ରାଉରକେଲା, ୧୬।୧ (ଶ୍ରୁ.ମି) : ୨୦୧୦ ବ୍ୟାଚର ଆଇଏଏସ୍ ଅଫିସର ରଶ୍ମିତା ପଣ୍ଡା ରାଉରକେଲା ମହା ନଗର ନିଗମର ନୂତନ କମିଶନର ଭାବେ ନିଯୁକ୍ତି ପାଇଥିବା ଜଣାପଡିଛି । ଏହା ସହିତ ସ୍ମାର୍ଟ ସିଟିର ସିଇଓ ଏବଂ ଆରଡିଏର ଉପାଧ୍ୟକ୍ଷ ଭାବେ ମଧ ଦାୟିତ୍ୱ ତୁଲାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିବା ଜଣାପଡିଛି ।

### ରାସ୍ତା କାମରେ ଅନିୟମିତତା ଅଭିଯୋଗ

## ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ୬ ମାସ ଗଲା ନାହିଁ

ସୁନ୍ଦରଗଡ଼, ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ଼ ପୌର ପାଳିକ ୱାର୍ଡ ନଂ -୬ରେ ଥିବା ନିରଞ୍ଜନ ନଗରରେ ୨୦୧୬-୧୭ ଆର୍ଥିକ ବର୍ଷରେ ଏଫ୍‌ଡିଟିଡିଏସ ଯୋଜନାରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ରାସ୍ତା ନିର୍ମାଣ ହୋଇଥିଲା । ତେବେ ରାସ୍ତା ନିର୍ମାଣ ବେଳେ ବିଭାଗ ଅଧିକାରୀମାନେ ରାସ୍ତା କାମର ମାନ ଯାଞ୍ଚ କରିନଥିବାରୁ ଠିକାଦାର ନିଜ ମନ ଇଛା ନିମ୍ନ ମାନର ସାମଗ୍ରୀମାନ ବ୍ୟବହାର କରି ରାସ୍ତା କାମ ସଂପୂର୍ଣ୍ଣ କରିଥିଲା । ଫଳରେ ଆଜି ରାସ୍ତା କାମ ହେବାର ୬ ମଧରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି । ତେଣୁ ରାସ୍ତା କାମର ମାନ ତଦାରଖ କରି ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହାନଦୀ କୋଲଫିଲ୍ଡର ବିଭିନ୍ନ କ୍ଷେତ୍ରରେ ଖଣି କାର୍ଯ୍ୟ ବନ୍ଦକୁ ନେଇ ତ୍ରିପାକ୍ଷିକ ଆଲୋଚନା

ଅନୁଗୋଳ - ୧୬/୦୧/୨୦୧୮ ମହାନଦୀ କୋଲଫିଲ୍ଡର ଭରତପୁର କୋଇଲା କ୍ଷେତ୍ରରେ ନକେଇପଶି ଗ୍ରାମବାସୀଙ୍କ ଦ୍ୱାରା ଗତକାଲି ଖଣି ବନ୍ଦ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଜି ଆଜି ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ତ୍ରୀପାକ୍ଷିକ ବୈଠକ ଆହ୍ୱାନ କରାଯାଇଥିଲା । ଏହି ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ବ୍ରିଜେଶ କୁମାର ରାୟ ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଗତ ବର୍ଷ ଅକ୍ଟୋବର ୨୫ ତାରିଖରେ ବୁର୍ଲାଠାରେ ଏକ ବୈଠକ ମାଧ୍ୟମରେ ଏମସିଏଲ କର୍ତ୍ତୃପକ୍ଷ ନକେଇପଶି ଗ୍ରାମର କ୍ଷତିଗ୍ରସ୍ଥ ପ୍ରଜା ୪୬୮ଜଣଙ୍କୁ ଗତ ବର୍ଷ ଡ଼ିସେମ୍ବର ୩୧ ତାରିଖ ସୁଦ୍ଧା ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିଲେ । ଖିନ୍ତୁ ଏହି ନିଷ୍ପତ୍ତି ପାଳନ ନ ହେବାରୁ ଗତକାଲି ନକେଇପଶି ଗ୍ରାମର କ୍ଷତିଗ୍ରସ୍ଥ ପ୍ରଜାମାନେ ଖଣି କାର୍ଯ୍ୟ ବନ୍ଦ କରିଥିଲେ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ, ଗ୍ରାମବାସୀ ଓ ଏମ ସି ଏଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଆଲୋଚନା କରିଥିଲେ । ଗ୍ରାମବାସୀମାନେ ଖଣି କାର୍ଯ୍ୟରେ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ନକେଇପଶି ଗ୍ରାମର ସମୁଦାୟ ୪୬୮ ଜଣ କ୍ଷତିଗ୍ରସ୍ଥ ପ୍ରଜାଙ୍କ ମଧ୍ୟରୁ ଆନୁଷଙ୍ଗିକ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିଥିବା ୪୧୩ଜଣଙ୍କୁ ଏକକାଳୀନ ଚଳିତବର୍ଷ ମେ ମାସ ୩୧ ତାରିଖ ସୁଦ୍ଧା ନିଯୁକ୍ତି ଦେବାକୁ ଏମସିଏଲ କର୍ତ୍ତୃପକ୍ଷ ପ୍ରତିଶୃତି ଦେଇଛନ୍ତି । କ୍ଷତିଗ୍ରସ୍ତ ପ୍ରଜାମାନେ ଖଣି କାର୍ଯ୍ୟବନ୍ଦରୁ ନିବୃତ୍ତ ରହି ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ଜଗନ୍ନାଥ କୋଇଲା କ୍ଷେତ୍ର ଅଧିନରେ ଥିବା ହିନୋଇ ଓ ଏକତାଳ ଗ୍ରାମର କ୍ଷତିଗ୍ରସ୍ଥ ପ୍ରଜାଙ୍କୁ ଚଳିତ ମାସ ୩୧ ତାରିଖରେ ନିଯୁକ୍ତି ଦେବା ପୂର୍ବରୁ ଜମିର କ୍ଷତିପୂରଣ କାର୍ଯ୍ୟ ଆରମ୍ଭ କରିବାକୁ ଏମସିଏଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ୩ମାସ ପରେ କ୍ଷତିପୂରଣ କାର୍ଯ୍ୟର ଅଗ୍ରଗତିକୁ ବିଚାରକୁ ନେଇ ପୁନର୍ବାର ବୈଠକ ମାଧ୍ୟମରେ ସଂପୂର୍ଣ୍ଣ ପକ୍ରିୟା ଶେଷ କରିବାକୁ ନିଷ୍ପତ୍ତି ନିଆଯିବ । ଉଭୟ ଗ୍ରାମର ନିଯୁକ୍ତି ଓ ଜମି କ୍ଷତିପୂରଣ ପ୍ରକ୍ରିୟା କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ଶେଷ କରବାକକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ତାଳଚେର ଉପଜିଲ୍ଲାପାଳ ଶ୍ରୀ ମିହିର ପ୍ରସାଦ ମହାନ୍ତି ଗ୍ରାମବାସୀମାନଙ୍କର ବିଭିନ୍ନ ଦାବୀ ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମସିଏଲ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶ୍ରୀ ମାଙ୍ଗୀଲାଲ ପ୍ରଧାନ, ତାଳଚେର ଏସ ଡ଼ି ପି ଓ ଶ୍ରୀ ହେମନ୍ତ କୁମାର ପଣ୍ଡା, ଏମସିଏଲର ନିର୍ଦ୍ଦେଶକ ବୈଷୟିକ ଜେ.ପି. ସିଂଙ୍କ ସମେତ ନକେଇପଶି, ହିନୋଇ ଓ ଏକତାଳ ଗ୍ରାମର ଗ୍ରାମବାସୀ ଓ ଗ୍ରାମ ସଭାପତି, ଭରତପୁର ଓ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକମାନେ ଯୋଗ ଦେଇଥିଲେ ।

## କନ୍ଧକୋଇଲି, ସିଟିକୋଇଲି ଗ୍ରାମବାସୀଙ୍କ ସହ ପ୍ରଶାସନର ବୈଠକ ଦାବି ପୂରଣ ପାଇଁ ନିଆଯିବ ପଦକ୍ଷେପ

ଅନୁଗୋଳ - ୧୬/୦୧/୨୦୧୮ ଅନୁଗୁଳ ବ୍ଲକ ଅନ୍ତର୍ଗତ ମାଣିକଯୋଡି ପଞ୍ଚାୟତର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ରାଜସ୍ୱ ଗ୍ରାମଦ୍ୱୟ କନ୍ଧକୋଇଲି, ସିଟିକୋଇଲି, ନିକଟସ୍ଥ ସରଧାପୁର ପଞ୍ଚାୟତର ବିକାଶ ଠାରୁ ବହୁ ଦୂରରେ ଥିବା ବେତର ଗ୍ରାମର ଗ୍ରାମବାସୀ ମାନେ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ଦାବିନେଇ ଆସନ୍ତା ୧୫ତାରିଖ ଜିଲ୍ଲାପାଳ ଅଁଫିସ ଘେରାଓ କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଅନୁଗୁଳ ଉପଜିଲ୍ଲାପାଳଙ୍କ ଆମନ୍ତ୍ରଣ କ୍ରମେ ତାଙ୍କ ପ୍ରକୋଷ୍ଠରେ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଗ୍ରାମ୍ୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ମାଣିକଯୋଡି ଠାରୁ କନ୍ଧକୋଇଲିଦେଇ ଲେମ୍ବୁତଇଲା ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ, ବେତରକୁ ରାସ୍ତା ନିର୍ମାଣ କରିବା, ବିଜୁଳି ଆଲୁଅ ପହଞ୍ଚାଇବା, ପାନୀୟ ଜଳ, ହାତୀ ସମେତ ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା ପାଇଁ ସୌର ବୈଦ୍ୟୁତିକ ତାରବାଡ ନିର୍ମାଣ କରିବା, ସ୍କୁଲ ଘର ନିର୍ମାଣ କରିବା ଓ ଶିକ୍ଷା ସମସ୍ୟା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ଆସନ୍ତା ଦେଢ଼ମାସ ମ୍ଭରେ ବିଦ୍ୟୁତ୍ ସଂଯୋଗ କରାଯିବା ସହ ବ୍ଲକ ପ୍ରଶାସନ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କର ଏକ ମିଳିତ ଦଳ ଉପରୋକ୍ତ ଗ୍ରାମଗୁଡିକୁ ୧୫ଦିନ ମଧ୍ୟରେ ପରିଦର୍ଶନ କରି ରାସ୍ତାଘାଟ, ଶିକ୍ଷା ସମସ୍ୟା, ପାନୀୟଜଳ, ଜଳସେଚନ ଓ ଅନ୍ୟାନ୍ୟ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । କିନ୍ତୁ ଉପରୋକ୍ତ ଦାବିରେ ଗତ ଦୁଇବର୍ଷ ମଧ୍ୟରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଆଖିଦୃଶିଆ ସଂଳତା ପାଇନଥିବାରୁ ଗ୍ରାମବାସୀମାନେ ସଂଶୟ ଭିତରେ ଥିଲେ ମଧ୍ୟ ଆନ୍ଦୋଳନକୁ ସ୍ଥଗତି ରଖି ପ୍ରଶାସନର ପଦକ୍ଷେପକୁ ଅପେକ୍ଷା କରିବେ ବୋଲି ପ୍ରକାଶ କରିଛନ୍ତି । ଉପରୋକ୍ତ ଦାବିଗୁଡିକ ପୂରଣ ନହେଲେ ସମଗ୍ର ଅଞ୍ଚଳବାସୀ ମିଳିତ ହୋଇ ପୁନର୍ବାର ଆନ୍ଦୋଳନ ସଂଗଠିତ କରିବେ ବୋଲି ଆଲୋନଚାରେ ସାମିଲ ଥିବା କନ୍ଧକୋଇଲି ଗ୍ରାମସଭାପତି କୁମୁଦ ପଧାନ, ସିଟିକୋଇଲି ଗ୍ରାମସଭାପତି ତୀର୍ଥବାସୀ ବିଶ୍ୱାଳ, ଅକ୍ଷୟ ଦେହୁରୀ, ପ୍ରକାଶ ଚିରିଗୁଣି, ପ୍ରଫୁଲ୍ଲ ଦେହୁରୀ, ପ୍ରଦୀପ ଦେହୁରୀ, ଶ୍ରୀପତି ଭୋଇ, ଗୋବର୍ଦ୍ଧନ ମହାକୁଡ, ଲେମ୍ବୁତଇଲାର ଦୁଃଖବନ୍ଧୁ ସାହୁ, ବେତର ଗ୍ରାମର ହାଡିବନ୍ଧୁ ବେହେରା, ଦକ୍ଷ ବେହେରାଙ୍କ ସମେତ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କର୍ମକର୍ତ୍ତା ମାନସ ପାଳ, ଦିଲ୍ଲୀପ ଦେଓ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଢ଼େରଜାଙ୍ଗ ପର୍ଯ୍ୟଟନସ୍ଥଳୀ ଉନ୍ନତିକରଣ ପାଇଁ ଆଲୋଚନା

ଅନୁଗୋଳ -୧୬/୧ (ଶ୍ରୁ.ମି) : ୨୦୧୦ରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଢ଼େରଜାଙ୍ଗ ଜଳଭଣ୍ଡାର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ପାଇଁ ଏକ ପ୍ରତିନିଧି ଦଳ ବୁଲି ଦେଖିଛନ୍ତି । ପର୍ଯ୍ୟଟନ ବିଭାଗର ନିର୍ବାହୀଯନ୍ତ୍ରୀ ତୁଷାରକାନ୍ତ ପଣ୍ଡା, ଆର୍କିଟେକ୍ଟ ସ୍ୱାଗତ ଜେନା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ନାୟ, ଟାମ୍‌ଡ଼ା ଅଧକ୍ଷ ଶକ୍ତିପ୍ରାସଦ ପଟ୍ଟନାୟକ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଢ଼େରଜାଙ୍ଗ ପିକନିକ୍ ସ୍ଥଳ ଉନ୍ନତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଶେଷକରି ଫାଟକ ନିର୍ମାଣ, ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାନ, ଶିଶୁ ଉଦ୍ୟାନ, ପରିମଳ, ପାନୀୟ ଜଳ, ଲାଇଟ ଏବଂ ନିରାପତ୍ତା ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଠାରେ ସୂଚନାଥାଉକି, ଗତ ମେ ୨୬ ତାରିଖରେ ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ପାଇଁ ଟାମ୍‌ଡ଼ା ଅଧକ୍ଷ ଶ୍ରୀ ପଟ୍ଟନାୟକ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ଚିଠି ଲେଖିବା ପରେ ୧ କୋଟି ଟଙ୍କା ଅନୁଦାନ ମିଳିଥିଲା । ସେହିଭଳି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ହସ୍ତକ୍ଷେପ ପରେ ଅନୁଗୋଳ ଅର୍‌ସିସିଏଫ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

## ନୂଆ ରାଇଗୋଡ଼ାରେ ପହଞ୍ଚିଲା ବ୍ୟାଙ୍କ ଭ୍ରାମ୍ୟମାଣ ଗାଡ଼ି

ଅନୁଗୋଳ - ୧୬/୧ (ଶ୍ରୁ.ମି) : ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରେ କୋର ଏରିଆ ମଧ୍ୟରେ ଥିବା ରାଇଗୋଡ଼ା ଗ୍ରାମ ନୂଆଖେତାର ସାରୁଆଲିକୁ ସ୍ଥାନାନ୍ତର ହେବା ପରଠାରୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ନୂଆ ରାଇଗୋଡ଼ାରେ ବସତି ସ୍ଥାପନ କରିଥିବା ସମସ୍ତ ୬୮ଟି ପରିବାରକୁ ବନ ବିଭାଗ ଦ୍ୱାରା ପରିବାର ପିଛା ପ୍ରଦାନ କରାଯାଇଥିବା ୭ଲକ୍ଷ ଟଙ୍କା ସ୍ଥାୟୀ ଜମାର ମାସିକ ସୁଧ ଟଂକାଙ୍କୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆଇସିଆଇସିଆଇ ବ୍ୟାଙ୍କ ତରଫରୁ ଏକ ଭ୍ରାମ୍ୟମାଣ ଗାଡ଼ିର ବ୍ୟବସ୍ଥା କରାଯାଇଛି । ଏହି ଗାଡ଼ିକୁ ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବ୍ୟାଙ୍କ ଦ୍ୱାରା ଲୋକମାନଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଇ ଯୋଗାଇ ଦିଆଯାଇଛି । ସେଥିରୁ ୭ଲକ୍ଷ ସ୍ଥାୟୀ ଜମା, ୨ଲକ୍ଷ ୫୦ ହଜାର ଜମି କ୍ରୟ ଓ ୫୦ ହଜାର ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚ ବାବଦରେ ବ୍ୟାଙ୍କରେ ଜମା କରାଯାଇଛି । ୭ଲକ୍ଷ ଜମା ଟଙ୍କାର ମାସିକ ସୁଧ ହାରାହାରି ୪ ହଜାର ହେଉଥିବା ବେଳେ ଏହାକୁ ପତ୍ୟେକ ମାସର ୧୦ ତାରିଖରେ ଏହି ଭ୍ରାମ୍ୟମାଣ ଗାଡ଼ି ମାଧ୍ୟମରେ ପ୍ରଦାନ କରାଯିବ । ଜମି କ୍ରୟ ପାଇଁ ବ୍ୟାଙ୍କରେ ଜମାଥିବା ୨ ଲକ୍ଷ ୫୦ ହଜାର ଟଙ୍କାର ବାର୍ଷିକ ସୁଧ ହିତାଧିକାରୀମାନେ ଏକ ବର୍ଷ ପରେ ଉଠାଇ ପାରିବେ । ସେହିପରି ୫୦ ହଜାର ଦୈନନ୍ଦିନ ଖର୍ଚ୍ଚର ସୁଧ ଓ ମୂଳ ଜମା ଟଙ୍କାକୁ ଯେ କୌଣସି ସମୟରେ ଉଠାଇ ପାରିବେ । ବ୍ୟାଙ୍କ ସେବାକୁ ଅପହଞ୍ଚ ଇଲାକାରେ ପହଞ୍ଚାଇବାରେ ପ୍ରୟାସରେ ଏହି ନୂଆରାଇଗୋଡ଼ା ଗ୍ରାମରୁ ଆରମ୍ଭ କରାଯାଉଛି ବୋଲି ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ଶ୍ରୀ ଜିତେନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶ୍ରୀନିବାସ ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଡ଼ିଏଫଓ(ବନ୍ୟପ୍ରାଣୀ) ଏସ ଏମ୍ ଟି ରେହମାନ, ଏଲ ଡ଼ି ଏମ୍ ଗୀତା ମେହେର ଓ ଭ୍ରାମ୍ୟମାଣ ଗାଡ଼ି ଦାୟିତ୍ୱରେ ଥିବା ନିଶା ବ୍ୟାଙ୍କର ପରିଚାଳକ ଶ୍ରୀ ଜ୍ୟୋର୍ତିମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାର୍ଷିକ ଉତ୍ସବ ବାତିଲ ପ୍ରତିବାଦରେ ଆନ୍ଦୋଳନ

ଅନୁଗୋଳ - ୧୬/୧ (ଶ୍ରୁ.ମି) : ଗଣ୍ଡଗୋଳ ଆଶଙ୍କା କରି ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦର ସମସ୍ତ କାର୍ଯ୍ୟକ୍ରମ ବାତିଲ କରି ଦିଆଯାଇଥିଲା । ଷ୍ଟାଫ କାଉନ୍‌ସିଲ ବୈଠକରେ ନିଷ୍ପତ୍ତିକ୍ରମେ କଲେଜ ଅଧକ୍ଷ ଡ଼. ମନୋଜ କୁମାର ଦାସ ଗତ ୯ ତାରିଖରେ ଏ ନେଇ ନୋଟିସ ଜାରି କରିଥିଲେ । ଏହାର ପ୍ରତିବାଦରେ ଛାତ୍ର ସଂସଦ ଉପସଭାପତି ସନ୍ତୋଷ କୁମାର ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ କଲେଜ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ବାର୍ଷିକ ଉତ୍ସବ, କ୍ରୀଡ଼ା ଉତ୍ସବ କରିବା ଲାଗି ଦାବି କରିଥିଲେ । ଦୀର୍ଘ ସମୟ କଲେଜରେ ଅଚଳାବସ୍ଥା ଲାଗି ରହିବାରୁ ବାଧ ହୋଇ ନିଷ୍ପତ୍ତିର ପୁନର୍ବିଚାର ଲାଗି ପୁଣିଥରେ ଷ୍ଟାଫ୍ କାଉନ୍‌ସିଲ ବୈଠକରେ ସହମତି ପ୍ରକାଶ ନପାଇବାରୁ ପୂର୍ବ ବୈଠକରେ ନିଷ୍ପତ୍ତି ବଳବତ୍ତର ରହିଥିଲା । ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡ଼ା, ନାଟ୍ୟ ସଂସଦ ବାର୍ଷିକ ଉତ୍ସବ ଆଦି କୌଣସି ଉତ୍ସବ ହେବ ନାହିଁ ବୋଲି କାଉନ୍‌ସିଲର ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ କଲେ କର୍ତ୍ତୃପକ୍ଷ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ନିଷ୍ପତ୍ତି ସମ୍ପର୍କେ ଅବଗତ କରାଇ ବୁଝାସୁଝା କରିବାରୁ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ । ଅନୁଗୋଳ ସରକାରୀ କଲେଜ ଛାତ୍ର ପ୍ରତିନିଧିମାନେ ସଂପ୍ରତି ୪ଟି ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । କୌଣସି କାର୍ଯ୍ୟକ୍ରମ ଆୟୋଜନ ବେଳେ ଭିନ୍ନ ଭିନ୍ନ ମତ ପୋଷଣ କରୁଛନ୍ତି ।, କୌଣସି ଗୋଷ୍ଠୀ କାହା ସହିତ ସହମତ ନୁହଁନ୍ତି । ଫଳରେ ଆଗାମୀ ଦିନରେ କାର୍ଯ୍ୟକ୍ରମ ଆୟୋଜନ ହେଲେ ଅପ୍ରୀତିକାର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି । ଏହି କାରଣୁ ଦୁଇ ଥର ଷ୍ଟାଫ କାଉନ୍‌ସିଲ ବୈଠକରେ ଆଲୋଚନା ପରେ କାର୍ଯ୍ୟକ୍ରମ ବନଦ କରାଯାଇଥିବା କଲେଜ ଅଧକ୍ଷ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ଅମାନ୍ତ, ସାଧାରଣ ସମ୍ପାଦକ ଶୁଭ୍ରକାନ୍ତ ସାହୁ ଓ ଉପସଭାପତି ଶ୍ରୀ ଲେଙ୍କାଙ୍କ ନେତୃତ୍ୱରେ କଲେଜ ଛାତ୍ରଛାତ୍ରୀ ୩ଟି ଗୋଷ୍ଠୀରେ ପରିଣତ ହୋଇଛନ୍ତି ।ଏମାନଙ୍କୁ ସମର୍ଥନ କରୁନଥିବା ଛାତ୍ରଛାତ୍ରୀ ଅନ୍ୟ ଏକ ଗୋଷ୍ଠୀରେ ପରିଣତ ହୋଇଛନ୍ତି । ସଭାପତି, ସମ୍ପାଦକଙ୍କ ମଧରେ ଅନେକ ସମୟରେ ମତଭେଦ ରୁଥିବାରୁ ଉତ୍ସବ ଆୟୋଜନ ନ କରିବାକୁ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ।

## ରୋଜଗାର ବୃଦ୍ଧି ପାଇଁ ସଚେତନତା ସଭା

ଅନୁଗୋଳ - ୧୬/୧ (ଶ୍ରୁ.ମି) : ଅନୁଗୋଳ ବ୍ଲକ ନୂଆ ରାଇଗୋଡ଼ା ଗାଁରେ ଗ୍ରାମବାସୀଙ୍କ ଜୀବନ ଜୀବିକାର ଉନ୍ନତି ଏବଂ ରୋଜଗାରଧର୍ମୀ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ମହିଳାଙ୍କ ଦ୍ୱାରା ଗଠିତ ସ୍ୱୟଂସହାୟକ ଗୋଷ୍ଠୀର ବାସ୍ତବ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ବନ ବିଭାଗ ଏବଂ ପକତୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ ଏହି ସଭାରେ ଗ୍ରମାର ୪ଟି ମହିଳା ଗୋଷ୍ଠୀର ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ । ମହିଳାମାନେ ଗୋଷ୍ଠୀର ସଭ୍ୟ ଚାନ୍ଦା ନିୟମିତ ପଇଠ କରିବା, ମାସକୁ ମାସ ସଭା କରିବା, ହିସାବପତ୍ରରେ ସ୍ୱଚ୍ଛତା ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ମହିଳାମାନଙ୍କ ଦକ୍ଷତା ଅଭିବୃଦ୍ଧି ପାଇଁ ଅଭିବୃଦ୍ଧି ପାଇଁ ତାଲଇମ ପ୍ରଦାନ କରାଯିବା ,ବ୍ୟାଙ୍କ ସମିତି କାରବାର ବଢ଼ାଇବା, ଏସ୍‌ଏଚ୍‌ଜି ପାଇଁ ରହିଥିବା ସରକାରୀ ସହାୟତା ଠିକ ସମୟରେ ମିଳିବା ସମ୍ପର୍କରେ ଅବଗତ କରାଯାଇଥିଲା । ଗାଁର ପୁରୁଷ ଲୋକମାନେ ମଧ ଜୀବନ ଜୀବିକାର ଉନ୍ନତି ପାଇଁ ଉପଯୁକ୍ତ କତାଲଇମ ନେବାକୁ ଇଛା ପ୍ରକାଶ କରିଥିଲେ । ସଭାରେ ବନ୍ତଳା ରେଞ୍ଜର ଅଫିସର, ରାଇଗୁଡ଼ା ରେଞ୍ଜର, ବନ କର୍ମଚାରୀ, ବନ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ ଧର ଏବହ ନିଯୁଜ ଅନୁଷ୍ଠାନର ଟିମଲିଟର ବିଜୟ ଜେନା, ବାବିନ୍ଦ୍ର ନାହାକ ଓ ସୁବ୍ରତ କୁମାର ପ୍ରଧାନ ଯୋଗଦେଇ ଆଲୋଚନା କରିଥିଲେ ।

## ଗୋପିନାଥପୁରରେ ମକର ମେଳା



ଅନୁଗୋଳ, ୧୬।୧ (ଶ୍ରୁ.ମି) : ଠାକୁରଗଡ଼ ଥାନା ଅନ୍ତର୍ଗତ ଗୋପିନାଥପୁର ଗାଁରେ ମହା ଧୁମ୍‌ଧାମ୍‌ରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୨ ବର୍ଷହେଲା ଗ୍ରାମବାସୀଙ୍କ ଦ୍ୱାରା ମକର ମେଳା ଅନୁଷ୍ଠିତ ହୋଇ ଆସୁଅଛି । ଏହି ମେଳାର ମହାତ୍ମ୍ ହେଲା ହରପାର୍ବତୀଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା । ଚଳିତ ବର୍ଷ ମଧ ରବିବାର ଦିନ ୭ ଘଟିକା ସମୟରେ ଧଣ୍ଡା ନିମନ୍ତ୍ରଣ ଓ ଦିବା ୧୦ ଘଟିକା ବେଳେ ବିଶାଳ କଳସଯାତ୍ରାରେ ଯାଇ ପ୍ରଭୁ ହରପାର୍ବତୀଙ୍କୁ ଗାଁ ଲୋକମାନେ ନିମନ୍ତ୍ରଣ କରିଥିଲେ । ଏବଂ ଦିବା ୨ ଘଟିକା ବେଳେ ପୂଜାରମ୍ଭ ଓ ଯଜ୍ଞ ଅନୁଷ୍ଠାନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଏହି ମକର ମେଳା ଦେଖିବା ପାଇଁ କନ୍ତପଡ଼ା, ମଇମୁରା, ଅନ୍ତୁଳିଆ, କୋଠଭୂଇଁ ଓ ପାଇକସାହି ଆଦି ପଞ୍ଚାୟତର ହଜାର ହଜାର ଜନସାଧାରଣ ଯୋଗଦେଇଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ମକର ମେଳା ଉପଲକ୍ଷେ ଜନସାଧାରଣଙ୍କ ନିମିତ୍ତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏବଂ ମକର ମେଳା ଦେଖିବାକୁ ଆସୁଥିବା ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିଲା । ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଅଂଶଗ୍ରହଣ କରି ଭଲ ବ୍ୟବସାୟୀ କରିଥିବା ମଧ ଜଣାଯାଇଛି ।

# ବର୍ଷ ତମାମ ଝରଣା ଉପରେ ନିର୍ଭର କରିବାକୁ ବାଧ

**◆ ବେଣା ଗ୍ରାମ ଅବହେଳିତ**
**◆ ବିଭିନ୍ନ ଯୋଜନା ହେଉଥିଲେ ହେଁ ସାମାନ୍ୟ ପୋଲ ନିର୍ମାଣ କରାଯାଇନଥିବା ଅଭିଯୋଗ**

ତେଲକୋଇ,୧୬।୧(ଶ୍ରୁ.ମି.) : ତେଲକୋଇ ବ୍ଲକ ଅଧିନର ଖୁଂଟାପଡା ପଂଚାୟତ ରେ ରହିଛି ବେଣା ଗ୍ରାମ । ଉକ୍ତ ଗ୍ରାମରେ ୬ଶହ ପରିବାର ରୁ ଉର୍ଦ୍ଧ ଲୋକେ ରହୁଛନ୍ତି । ୧୨ଶହରୁ ଉର୍ଦ୍ଧ ଲୋକେ ବସବାସ କରନ୍ତି । ତେବେ ପଂଚାୟତ ମୁଖ୍ୟାଳୟକୁ ୨କିମି ରାସ୍ତା ରହିଛି । ଗ୍ରାମ ପାଖରେ ଏକ ସବୁଦିନିଆ ଝରଣା ଉକ୍ତ ଗ୍ରାମପାଇଁ ଦୁଃଖ ର କାରଣ ହୋଇଥିବା ଅଭିଯୋଗ ହୋଇଛି । ଏଥିପାଇଁ ଗ୍ରାମର ଛାତ୍ର ଛାତ୍ରୀ ପ୍ରତ୍ୟକ ଦିନ ଉକ୍ତ ଝରଣା ପାଣି ଦେଇ ଯାତାୟତ କରିବାକୁ ବାଧ ହୋଇଛନ୍ତି । ଉପରିସ୍ଥଳେ ଉକ୍ତ ଗ୍ରାମକୁ ୧୦୮,୧୦୨ ଆମ୍ବୁଲାନ୍ସ ଯିବା ଅସମ୍ଭବ ହୋଇପଡିଥିବା ଯୋଗୁଁ ଗୁରୁତର ରୋଗୀ ଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏନେଇ ଗ୍ରାମବାସୀ ମାନେ ବିଭିନ୍ନ ସମୟରେ ପଂଚାୟତ ପ୍ରତିନିଧି ଙ୍କ ଆଶ୍ୱାସନା ବାଣୀ ଶୁଣି ନୟାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି । ଏଥିପାଇଁ ଗ୍ରାମବାସୀ ମାନେ ସ୍ଥାନୀୟ ବିଡିଓଙ୍କ ଠାରେ ଉକ୍ତ ଝରଣା ଉପରେ ପୋଲ ନିର୍ମାଣ କରିବାକୁ ଦାବୀ କରିଛନ୍ତି ଏସମ୍ବନ୍ଧରେ ଖୁଂଟାପଡା ସରପଂଚ ଗଙ୍ଗା ଦେହୁରୀ ଙ୍କୁ ପଚାରିବାରୁ ସେ କହିଲେ ଯେ ଏହା ପାଇଁ ଏମଏନଆରଜିଏ ଯୋଜନା ରେ ପୋଲ ନିର୍ମାଣ ପାଇଁ ଚୁଡାନ୍ତ କରାଯାଇଛି । ତେବେ ବ୍ଲକ କାର୍ଯ୍ୟ ଆରମ୍ଭ ହୋଇନଥିବା ଯୋଗୁଁ କାର୍ଯ୍ୟ ହୋଇପାରିନାହିଁ ।



## ଓଡିଆ ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୧୬।୧(ଶ୍ରୁ.ମି.) : ପଟ୍ଟାମୁଣ୍ଡାଇ କଲେଜ ଓଡିଆ ବିଭାଗ ପକ୍ଷରୁ ଲୋକ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ କଲେଜ ଅଧକ୍ଷ ପ୍ରଫେସର ରମେଶ କୁମାର ସାହୁ ଉଦଘାଟନ କରିଥିଲେ । ଅଧାପକ ପ୍ରସନ୍ନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକ ସାହିତ୍ୟ ଓ ଢଗ ଢମାଳି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଓଡିଆ ବିଭାଗ ମୁଖ୍ୟ ଅଧାପକ ଗାତ୍ରିକ ଡ. ନୀଳମଣି ଲେଙ୍କା ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅଧାପକ ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତଭାଷଣ ଓ ଅଧାପିକା ଲକ୍ଷ୍ମିପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନଶ୍ରେଣୀର ଛାତ୍ରଛାତ୍ରୀ ରାଜେଶ୍ୱରୀ ସିଂହ, ପ୍ରତିଭା ପଣ୍ଡା, ମାନସୀ ରାୟ, ସସ୍ମିତା ପାଢୀ, ଚନ୍ଦ୍ରକାନ୍ତୀ ସେଠୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ ।

## ମାଟିଆ ୧୭ ନଂ. ୱାର୍ଡ ଉପନିର୍ବାଚନ; ୯୦% ମତଦାନ



ପଟ୍ଟାମୁଣ୍ଡାଇ ୧୬।୧(ଶ୍ରୁ.ମି.) : ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ୧୭ନଂ. ୱାର୍ଡର କାଉନସିଲର ଚର୍ତୁଭୂଜ ମଳିକଙ୍କ ଅକାଳ ବିୟୋଗରେ କାଉନସିଲର ପଦବୀ ଖାଲି ପଡିଥିଲା । ଏଥି ପାଇଁ ଆଜି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଗତକାଲି ସନ୍ଧ୍ୟାରେ କେନ୍ଦ୍ରାପଡା ଜିଲ୍ଲାପାଳ ରେଘୁଜୀ ମାଟିଆ ୧୭ନଂ. ୱାର୍ଡକୁ ଯାଇ ନିର୍ବାଚନ ପରିଚାଳନା ବ୍ୟବସ୍ଥା ତଦାରଖ କରିଥିଲେ । ଏହି ଉପନିର୍ବାଚନରେ ବିଜେଡି ପକ୍ଷରୁ ଯୁବନେତା ରଞ୍ଜିତ ମଳିକ, କଂଗ୍ରେସ ପକ୍ଷରୁ ଯୁବନେତା ସୁବାଷ ମଳିକ, ବିଜେପି ପକ୍ଷରୁ ଯୁବନେତା ବିପିନ ବିହାରୀ ମଳିକ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ଉପନିର୍ବାଚନ ଉଭୟ ବିଜେଡି, କଂଗ୍ରେସ ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇପଡିଛି । ଆଜି ଅନୁଷ୍ଠିତ ଉପନିର୍ବାଚନ ପାଇଁ ମାଟିଆ-ଅରଡା ସ୍କୁଲ ଠାରେ ମତଦାନ କେନ୍ଦ୍ର କରାଯାଇଥିଲା । ସକାଳ ୭ଟା ଠାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୧୭ନଂ. ୱାର୍ଡର ମହିଳା ଓ ପୁରୁଷ ଭୋଟରମାନେ ମତଦାନ ଅଧିକାର ସାବ୍ୟସ୍ତ କରିବା ପାଇଁ ଲମ୍ବାଧାଡିରେ ଠିଆ ହୋଇଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ସରୋଜ କୁମାର ସ୍ୱାଇଁ ଓ ଥାନା ଅଧିକାରୀ ପ୍ରମୋଦ କୁମାର ମଳିକ ମତଦାନ କେନ୍ଦ୍ରରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । କାଁଭାଁ ହୋହାଲ୍ଲାକୁ ଛାଡି ଦେଲେ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା । ମାଟିଆ ଉପନିର୍ବାଚନ ପାଇଁ ଆଜି ୯୦ % ମତଦାନ ହୋଇଥିବା ସରକାରୀ ଭାବେ ଜଣାପଡିଛି । ଆସନ୍ତାକାଲି ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ଠାରେ ଭୋଟ ଗଣନା କରାଯାଇ ଫଳାଫଳ ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଛି ।

*ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିଙ୍କ ୨ନଂ ପ୍ଲାଟଫର୍ମ ଯିବାକୁ ସମସ୍ୟା :*

## ସ୍ଥାୟୀ ଲୋକଅଦାଲତରେ ୨ଟି ଟ୍ରେନ୍‌କୁ ୨ନଂ ପରିବର୍ତ୍ତେ ୧ନଂ ପ୍ଲାଟଫର୍ମରୁ ଛାଡ଼ିବାକୁ ରାୟ

ଢେଙ୍କାନାଳ, ୧୬।୧(ଶ୍ରୁ.ମି.) : ଢେଙ୍କାନାଳ ରେଳଷ୍ଟେସନ୍‌ରେ ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ୧ନଂ ରୁ ୨ନଂ ପ୍ଲାଟଫର୍ମକୁ ଯିବା ଆସିବା କରିବାନିମନ୍ତେ କୌଣସି ସୁବିଧା ନଥିବାରୁ ଅସ୍ଥାୟୀ ଭାବରେ ୨ନଂ ପ୍ଲାଟଫର୍ମ ବଦଳରେ ୧ନଂ ରୁ ଅନୁଗୁଳ-ପୁରୀ ଫାଷ୍ଟ ପାସେଞ୍ଜର ଓ ସୁରତ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ଛାଡ଼ିବାକୁ ଷ୍ଟେସନ୍ ମାଷ୍ଟରଙ୍କୁ ସ୍ଥାୟୀ ଲୋକ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।ଢେଙ୍କାନାଳ ରେଳ ଷ୍ଟେସନ୍‌ରେ ୧ନଂ ରୁ ୨ନଂ ପ୍ଲାଟଫର୍ମକୁ ଯିବାପାଇଁ ଗୋଟିଏ ମାତ୍ର ଫୁଟ୍‌ଓଭର୍ ବ୍ରିଜ୍ ରହିଛି । ଏଥିରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କୁ ଯିବା ଆସିବାରେ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ଢେଙ୍କାନାଳ ସହରର ବରିଷ୍ଠ ତଥା ଭିନ୍ନକ୍ଷମ ସମାଜସେବୀ ସ୍ୱର୍ଗତ ଶରତ କୁମାର ତୁଙ୍ଗ ଜୁଲାଇ ୨୦୧୭ରେ ସ୍ଥାୟୀ ଲୋକ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ଷ୍ଟେସନ୍ ପ୍ଲାଟ୍‌ଫର୍ମରେ ଥିବା ଫୁଟ୍‌ଓଭର୍ ବ୍ରିଜ୍ ଚଢ଼ିବା କ୍ଷେତ୍ରରେ ସେମାନଙ୍କ ପାଇଁ ସମସ୍ୟା ଉପୁଜୁଥିବାରୁ ସମାଧାନ ପାଇଁ ଉଲ୍ଲେଖ କରାଯାଇଥିଲା । ୨ନଂ ପ୍ଲାଟ୍‌ଫର୍ମରେ ସମସ୍ତ ସୁବିଧା ଉପଲବ୍ଧ ହେବା ପର୍ଯ୍ୟନ୍ତ ଅନୁଗୋଳ-ପୁରୀ ଫାଷ୍ଟ ପାସେଞ୍ଜର, ତାଳଚେର-ପୁରୀ ପାସେଞ୍ଜର, ସମ୍ବଲପୁର-ପୁରୀ ଇଣ୍ଟରସିଟି, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି, ସୁରତ-ପୁରୀ ସୁପରଫାଷ୍ଟ ଟ୍ରେନ୍, ଅମ୍ରିତସର-ବିଶାଖାପାଟଣା ଏକ୍ସପ୍ରେସ୍ ଟ୍ରେନ୍ ଗୁଡ଼ିକରେ ଅଧିକାଂଶ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ କାର୍ଯ୍ୟରେ ଭୁବନେଶ୍ୱର, କଟକ ଯିବାପାଇଁ ଏହି ଟ୍ରେନ୍ ଗୁଡ଼ିକ ଉପରେ ନିର୍ଭର କରିଥାନ୍ତି । ତେଣୁ ସୁବିଧା ଉପଲବ୍ଧ ନହେବାପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍ ଗୁଡ଼ିକୁ ୨ନଂ ପରିବର୍ତ୍ତେ ୧ନଂ ପ୍ଲାଟ୍‌ଫର୍ମରେ ଲଗାଯିବାପାଇଁ ସେ ଆବେଦନ କରିଥିଲେ । ଶ୍ରୀ ତୁଙ୍ଗଙ୍କ ତରଫରୁ ଆଡ଼ଭୋକେଟ୍ ଦିପ୍ତୀଶ ପ୍ରସାଦ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ । କିଛିଦିନ ପରେ ସମାଜସେବୀ ଶରତ କୁମାର ତୁଙ୍ଗଙ୍କର ପରଲୋକ ହୋଇଯାଇଥିଲା । ପରେ ଏହି ମାମଲାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ରମାକାନ୍ତ ମିଶ୍ର ଏଥିରେ ପକ୍ଷଭୁକ୍ତ ହୋଇ ମାମଲାକୁ ଜାରି ରଖିଥିଲେ । ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା ଡିଭିଜନ୍‌ର ଅଧିକାରୀମାନେ ବିଭିନ୍ନ ସମୟରେ ଅଦାଲତରେ ହାଜର ହୋଇ ସେମାନଙ୍କର ପକ୍ଷ ରଖିଥିଲେ । ଏଥିସହିତ ସେମାନେ ତାଳଚେର-ପୁରୀ ପାସେଞ୍ଜର ଓ ସୁରତ-ପୁରୀ ଏକ୍ସପ୍ରେସ୍‌କୁ ୨ନଂ ପରିବର୍ତ୍ତେ ୧ନଂ ପ୍ଲାଟଫର୍ମକୁ ଆଣିବାପାଇଁ ଓ ଇତିମଧ୍ୟରେ ୨ନଂ ପ୍ଲାଟଫର୍ମରେ ଅନେକ କିଛି ସୁବିଧା ଓ ହ୍ୱିଲ୍ ଚେୟାର ବ୍ୟବସ୍ଥା କରିଥିବା ଦର୍ଶାଇଥିଲେ । ଏହି ଦୁଇଟି ଟ୍ରେନ୍‌କୁ ଆଣିବାପାଇଁ ସେ ଯୁକ୍ତି ଉପସ୍ଥାପନ କରିଥିଲେ । ଏହି ମାମଲାର ବିଚାର ସମୟରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ବିରଞ୍ଚି କୁମାର ରଥ, ସଭ୍ୟ ବିରଞ୍ଚି ନାରାୟଣ ପାଣି ଓ ବିଭୁଦେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅନୁଗୋଳ-ପୁରୀ ଫାଷ୍ଟ ପାସେଞ୍ଜର ଓ ସୁରତ-ପୁରୀ ଏକ୍ସପ୍ରେସ୍‌କୁ ୨ନଂ ପରିବର୍ତ୍ତେ ୧ନଂ ପ୍ଲାଟଫର୍ମରୁ ଛାଡ଼ିବାପାଇଁ ଢେଙ୍କାନାଳ ରେଳଷ୍ଟେସନ୍ ମାଷ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାୟ ପ୍ରକାଶ ପାଇବାପରେ ଟ୍ରେନ୍ ଯାତ୍ରୀଙ୍କ ମଧ୍ୟରେ ଆସ୍ୱସ୍ତିଭାବ ସୃଷ୍ଟିହେବାସହ ସ୍ଥାୟୀ ଲୋକ ଅଦାଲତର ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ ସ୍ୱାଗତ କରାଯାଇଛି ।

## ସମଲ ମୁଣ୍ଡା ହଟିଂର ଶତାଧିକ ଶ୍ରମିକ ଲେବର କାର୍ଡ଼ରୁ ବଞ୍ଚିତ



ତାଳଚେର,୧୬/୧(ଶ୍ରୁ.ମି): କଣିହାଁ ବ୍ଲକ ଅନ୍ତର୍ଗତ ସମଲ ମୁଣ୍ଡା ହଟିଂରେ ବାସ କରୁଥିବା ପ୍ରାୟ ୧୫୦ଜଣ ଖଟିଖିଆ ଶ୍ରମିକ ବାସ କରୁଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ଲେବର କାର୍ଡ଼ ମିଳିପାରିନାହିଁ । ପ୍ରତ୍ୟେକ ଦିନ ସେମାନେ କଠିନ ପରିଶ୍ରମ କରି ପରିବାର ପ୍ରତିପୋଷଣ କରିଥାନ୍ତି । ସରକାରଙ୍କ ତରଫରୁ ବିଭିନ୍ନ ଶ୍ରମିକଙ୍କୁ ଜବ୍ ଲେବର କାର୍ଡ଼ ପ୍ରଦାନ କରାଯାଉଛି । ଲେବର କାର୍ଡ଼ ପାଇବା ନିମନ୍ତେ ଅନେକ ବାର ଶ୍ରମ କାର୍ଯ୍ୟାଳୟକୁ ଆସି ଆବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏଣୁ ଲେବର କାର୍ଡ଼ ମାଧ୍ୟମରେ ମିଳୁଥିବା ବିଭିନ୍ନ ସୁବିଧାରୁ ସେମାନେ ବଂଚିତ ହେଉଛନ୍ତି । ଶ୍ରମ କାର୍ଯ୍ୟାଳୟକୁ ଅନେକବାର ଆସି କେବଳ ହଇରାଣ ହୋଇ ଫେରୁଛନ୍ତି । ଏଣୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରି ଯୋଗ୍ୟ ଶ୍ରମିକଙ୍କୁ ଲେବର କାର୍ଡ଼ ପ୍ରଦାନ ନିମନ୍ତେ ସେମାନେ ସମାଜସେବୀ ବାପି ମହାନ୍ତିଙ୍କ ସହଯୋଗରେ ଗତ ସୋମବାର ଦିନ ତାଳଚେର ପଂଚାୟତ ସମିତି ସଭାଘରଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ନିବେଦନ କରିଛନ୍ତି ।

## ମୁମୂର୍ଷୁ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଲେ ସମାଜସେବୀ

ତାଳଚେର,୧୬/୧(ଶ୍ରୁ.ମି): ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡିଥିବା ଜନୈକ ଯୁବକଙ୍କୁ ସମାଜସେବୀ କ୍ଷୀରୋଦ ସାହୁ ଉଦ୍ଧାର କରି ତାଙ୍କୁ ତୁରନ୍ତ ୧୦୮ଆମ୍ବୁଲାନ୍ସରେ ତାଳଚେର ଡାକ୍ତରଖାନାରେ ଚିକିତ୍ସିତ କରାଇଛନ୍ତି । ସୂଚନାରୁ ପ୍ରକାଶ,ତାଳଚେର ନିକଟସ୍ଥ ସରାଙ୍ଗ ଆଇ.ଜି.ଆଇ.ଟି ସ୍ୱପ୍ନେଶ୍ୱର ମନ୍ଦିର ସମ୍ମୁଖସ୍ଥ ଜାତୀୟ ରାଜପଥ ୧୪୯ ପାର୍ଶ୍ୱରେ ପ୍ରାୟ ୩୦ବର୍ଷ ବୟସର ଜଣେ ଅଚିହ୍ନା ଯୁବକ ବୁଦୁବୁଦିଆ ଜଙ୍ଗଲରେ ପଡ଼ି ରହିଥିଲେ ଏବଂ ଯୁବକଙ୍କ ପାଖରେ ଏକ ସାଇକେଲ ମଧ ପଡିଥିଲା । ତେବେ ଉକ୍ତ ରାସ୍ତା ଦେଇ ସମାଜସେବୀ ଶ୍ରୀ ସାହୁ ପରଜଙ୍ଗ ଆଡକୁ ଯାଉଥିବା ବେଳେ ଏହା ଦେଖି ତୁରନ୍ତ ଅଚିହ୍ନା ବ୍ୟକ୍ତିକୁ ଉଦ୍ଧାର କରିବା ସହିତ ଏ ସମ୍ପର୍କରେ ନିକଟସ୍ଥ ପୁଲିସ ଫାଣ୍ଡିକୁ ଜଣାଇଥିଲେ । ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ମହାଳିକ ଘଟଣାସ୍ଥଳକୁ ଆସି ତୁରନ୍ତ ଶ୍ରୀ ସାହୁଙ୍କ ସହାୟତାରେ ୧୦୮ଆମ୍ବୁଲାନ୍ସ ବ୍ୟବସ୍ଥା କରି ଆଶୁ ଚିକିତ୍ସା ନିମନ୍ତେ ତାଳଚେର ଡାକ୍ତରଖାନାକୁ ପଠାଇଥିଲେ । ଚିକିତ୍ସା ପରେ ଯୁବକଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାସହ ସେ ଚେତା ଫେରି ପାଇଥିଲେ । ଏହାପରେ ତାଙ୍କର ନିଜ ଘର ଦେବଗଡ ଜିଲ୍ଲାରେ ଏବଂ ସେ ଜଟିଆ ଗ୍ରାମରେ ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାର ସେ ପ୍ରକାଶ କରିଥିଲେ । ଏହି ସୂଚନାକୁ ଭିତି କରି ଉକ୍ତ ଯୁବକଙ୍କୁ ତାଙ୍କର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା ।

## *ସିଡିଏମଓଙ୍କୁ ସେଲ୍ୟୁଟ ତରଫରୁ ସମ୍ବର୍ଦ୍ଧନା*

*ବଲାଙ୍ଗିର,୧୬/୧. ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ ) ଭାବେ ଯୋଗ ଦେଇଥିବା ଡା.ଜ୍ୟୋତିର୍ମୟୀ ସାହୁଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଲ୍ୟୁଟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ପ୍ୟାଲେସ ଲାଇନଠାରେ ଥିବା ଦୁର୍ଗାମଣ୍ଡପ ପରିସରରେ ଆୟୋଜିତ ହୋଇଥିବା ଏକ ଉତ୍ସବରେ ଡା.ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗିର ସଦର ବ୍ଲକରେ ଥିବା ଶିକାଛିଡା ଗାଁରେ ଏକ ଜରା ନିବାସ ଖୋଲିବା ପାଇଁ ସାଲ୍ୟୁଟ ତରଫରୁ ବିଧିବଦ୍ଧ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।*

## ଜିଲ୍ଲାରେ କୁଷ୍ଠ ରୋଗ ନିରାକରଣ ପାଇଁ ସ୍ପର୍ଶ ସଚେତନତା ଅଭିଯାନ ଆରମ୍ଭ



ବାଲେଶ୍ୱର, ୧୬/୦୧(ଶ୍ରୁ.ମି.) : ଜିଲ୍ଲାରେ କୁଷ୍ଠ ନିରାକରଣ ପାଇଁ ଏକ ସ୍ୱତନ୍ତ୍ର ସ୍ପର୍ଶ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ଏକ ଟାସ୍କଫୋର୍ସ ବୈଠକ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ୩୦ ତାରିଖ ଦିନକୁ କୁଷ୍ଠ ନିରୋଧ ଦିବସ ଭାବେ ପାଳନ କରାଯିବା ପାଇଁ ବୈଠକରେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ଡଃ କ୍ଷୀରୋଦ ଚନ୍ଦ୍ର ପାଣି ରୋଗ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଜାନୁଆରୀ ୩୦ ତାରିଖ ଦିନ ପ୍ରତି ଗ୍ରାମସଭାରେ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ବାର୍ତା ପଠନ କରାଯିବା ସହ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ନିୟମିତ ଔଷଧ ସେବନ ଦ୍ୱାରା କିପରି ଶରୀରକୁ ବିକଳାଙ୍ଗ ହେବାରୁ ରକ୍ଷା କରିପାରିବେ, ସେ ନେଇ ସଚେତନତା ଜାଗ୍ରତ କରାଯିବ । ଏଥିପାଇଁ ଲୋକକଳା ଯଥା ଦାସକାଠିଆ, ପାଲା, ପଥପ୍ରାନ୍ତ ନାଟକ ପ୍ରଭୃତିର ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ବିଶେଷ ଭାବେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସଚେତନ କରି ତାଙ୍କ ମାଧ୍ୟମରେ ତାଙ୍କ ସାହି, ପଡିଆରେ ଥିବା ରୋଗୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଓ ସେମାନଙ୍କ ନିକଟକୁ ପହଂଚିବା ପାଇଁ ପଦକ୍ଷେପ ନିଆଯିବା ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ଗ୍ରାମ କଲ୍ୟାଣ ସମିତି ତରଫରୁ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯାଇ ସେଠାରେ ଏ ସଂକ୍ରାନ୍ତ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରାଯିବ । କୁଷ୍ଠ ରୋଗ ପ୍ରତି ସମାଜର ଦୃଷ୍ଟିକୋଣ ଓ ପାତର ଅନ୍ତର ମନୋଭାବକୁ ହ୍ରାସ କରିବା ଏବଂ ଆଗୁଆ ସୂଚନା ଦ୍ୱାରା ରୋଗ ପ୍ରତିହତ କରିବା ଉପରେ ଏଥିରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଠକରେ ଉପଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ସି.ଏମ.ଓ. ଡା. ଅର୍ଚ୍ଚନା ଗାଏନ, ଏ.ଡି.ଏମ.ଓ. ଡା. ପରେଶ ଚନ୍ଦ୍ର ନନ୍ଦୀ, ଜିଲ୍ଲା ଶିକ୍ଷାଧିକାରୀ ଡଃ ହୃଷୀକେଶ କାଣ୍ଡି, ଡି.ପି.ସି. ଶ୍ରୀ ସୁରେନ୍ଦ୍ରନାଥ ଶଙ୍ଖୁଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୁବାଷ ଚନ୍ଦ୍ର ନିଆଳ ଡି.ପି.ଏମ. ଶ୍ରୀ ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ସମେତ ବିଭିନ୍ନ ବ୍ଲକର ବି.ଇ.ଓ. ଏବଂ ସି.ଡି.ପି.ଓ. ପ୍ରମୁଖ ଯୋଗ ଦେଇଥିଲେ ।

**ପୁସ୍ତକ ସମୀକ୍ଷା**

## ନୀହାରିକା



**ସମ୍ପାଦକ : ଡକ୍ଟର ପ୍ରମୋଦ କୁମାର ଦାଶ**
**ପ୍ରକାଶକ : ଅଧାପିକା ନୀହାରିକା ଦାସ ସ୍ମୃତି ନ୍ୟାସ**
**ନଦିଆ ନିବାସ, ଝାଞ୍ଜିରୀ ମଙ୍ଗଳା, କଟକ-୯**
**ଦ୍ୱିତୀୟ ସଂସ୍କରଣ, ମୂଲ୍ୟ : ୨୦ ଟଙ୍କା**

ନୀହାରିକା : ଏକ ସ୍ମୃତି ପଖଳା ମଲ୍ଲିମାଳ; ସୌଜନ୍ୟ ସୁଗନ୍ଧିତ ଇତିବୃତ୍ତ । ନାରାୟଣ ହୃଦ-କଦମ୍ବ-ବନ-ନିଃସୃତ ଅପୂର୍ବ ବଂଶୀସ୍ୱନ । ଦିବ୍ୟପ୍ରେମର ନିତ୍ୟରୋମାଞ୍ଚ । ଗୁଣଗ୍ରାହୀ ଶ୍ରଦ୍ଧା-ନିର୍ଝରର କଳନାଦୀ ପ୍ରବାହ । ସେ ଗଙ୍ଗା, ଯମୁନା ଓ ସରସ୍ୱତୀର ତ୍ରିବେଣୀ ସଂଗମ । ବାହ୍ୟ ଦୃଷ୍ଟିରେ ସମ୍ବେଦନଶୀଳ ବାଙ୍ମୟ ପ୍ରକାଶ : ଏକ ମୁଦ୍ରିତ ସଂକଳନ । ଅନ୍ତର୍ଦୃଷ୍ଟିରେ ଆକଳନ କଲେ ଚିତ୍ତ ଚମକାଇ ଝଲସି ଉଠେ ବିଦଗ୍ଧ ପ୍ରୀତିର ଅପରୂପ ତାଜମହଲ । ସେହି ଶୁଭ୍ରପୁଲକିତ, ଜ୍ୟୋତ୍ସ୍ନାବିଧୌତ ମହଲର ଅଧିଷ୍ଠାତ୍ରୀ ନୀହାରିକା : କମନୀୟ ସୃଷ୍ଟିର ନମନୀୟ ପ୍ରତିମା ।

ଇତିହାସ ଅଧାପିକା ନୀହାରିକା ଯେତେବେଳେ ସମୟସ୍ରୋତରେ ଅବଲୀଳାକ୍ରମେ ହୋଇଗଲେ ଇତିହାସ, ସେତେବେଳେ ବନ୍ଧୁ-ପରିଜନ ଗହଣରେ ସୃଷ୍ଟି ହେଲା ବ୍ୟଥା-ବେଦନା ସମ୍ବଳିତ ମାନସ-ମନ୍ଥନ । ସେଇ ମାନସ-ମନ୍ଥନର ପରିଣାମ ହେଉଛି ଅମୃତଭାଣ୍ଡ ସଦୃଶ ଆଲୋଚ୍ୟ ସ୍ମୃତି-ସଂକଳନ—ନୀହାରିକା । ପୁରାଣପ୍ରସିଦ୍ଧ ସମୁଦ୍ରମନ୍ଥନରେ ରହିଥିଲା ଦେବାସୁରଙ୍କ ସହଭାଗିତା । ପ୍ରାପ୍ତ ଅମୃତ ନାରାୟଣଙ୍କ ମୋହିନୀ ମାୟାରେ ଦେବତାମାନଙ୍କୁ ସୁଲଭ ହେଲା ସିନା, ଅସୁରମାନେ ହେଲେ ଚିରବଞ୍ଚିତ । ମାତ୍ର 'ନୀହାରିକା' ରୂପୀ ଅମୃତ କଳସ କେବଳ ଦେବୋପମ ବ୍ୟକ୍ତିସତ୍ତାର ସପ୍ରେମ ବିଭୂତିମଣ୍ଡିତ ହୋଇ ନାରାୟଣଙ୍କ ମୋହିନୀ ସ୍ପର୍ଶରେ ହୋଇଛି ଲୋକାର୍ପିତ ।

ଏହି ସଂକଳନ ଶତାଧିକ ଶ୍ରଦ୍ଧାଳୁଙ୍କ ଶୋକଚ୍ଛ୍ୱାସର ଅମଳିନ ମୂକସାକ୍ଷୀ, ତ୍ରିଂଶାଧିକ ଗୁଣଗ୍ରାହୀଙ୍କ ଗୁଣଗ୍ରାହିତାର ଚିରନ୍ତନ ଅଭିବ୍ୟକ୍ତି । ଏଥିରେ ଅଛି ନୀହାରିକାଙ୍କ ଚେତନାର ଚଉହଦୀ ଘେରା ଜୀବନ ସଙ୍ଗୀତ, ସାମାଜିକ ପ୍ରତିବଦ୍ଧତାର ଅନବଦ୍ୟ ଉଚ୍ଚାରଣ । ରହିଛି ମଧ କର୍ତ୍ତବ୍ୟନିଷ୍ଠାର ଶିଳାଲିପି ଆଉ ପାର୍ଥିବ ସ୍ମୃତିର ସ୍ଥିରଚିତ୍ର । ସଂକଳନଟି ସମ୍ପୂର୍ଣ୍ଣ ପାଠକଲା ପରେ ମନେହେଲା ସତେଯେମିତି ସମସ୍ତ ଶବ୍ଦଶିଳ୍ପୀଙ୍କ ସର୍ଜନଶୀଳ ନିହଣ ସ୍ପର୍ଶରେ ନୀହାରିକାଙ୍କ ବ୍ୟକ୍ତିତ୍ୱ ବିକଶିତ ଓ ପ୍ରସାରିତ ହୋଇଯାଇଛି ମୋନାଲିସାଙ୍କ ରହସ୍ୟମୟ ସ୍ମିତହାସ୍ୟ ପରି । ତରଳି ଯାଉଥିବା ବିରହ-ବିଧୁର ନାରାୟଣଙ୍କୁ ସେହି ହାସ୍ୟରେଖା ସତେଯେମିତି ଯୋଗାଇ ଦେଇଛି ଅବଶିଷ୍ଟ କାଳ ପାଇଁ କଳା-କଳନାରେ ଜୀଇଁବାର କଳା । ପରିଶିଷ୍ଟରେ ତେଣୁ ସଂଯୋଜିତ ହୋଇଛି ନାରାୟଣ-ନୀହାରିକାଙ୍କ ଚାହାଣି ଓ ଚମକର ବୃତ୍ତଖଣ୍ଡ । ସେଇ ବୃତ୍ତଖଣ୍ଡରେ ସମାହିତ ହୋଇଛି ଦର୍ଶନ ଓ ଇତିହାସ ।

ଉଭୟ ଜୀବନର ଅନ୍ତଃସଲିଳା ଫଲ୍‌ଗୁ ଧାରା ଆତ୍ମପ୍ରକାଶ କରି ହୋଇଛି ମୂର୍ତ୍ତିମନ୍ତ । ଅନାବିଳ ଭାବବିଭୋରତାରେ ନାରାୟଣଙ୍କ ଗୃହାଙ୍ଗନରେ ସ୍ଥାପିତ ହୋଇଛି ନୀହାରିକାଙ୍କ ଲାବଣ୍ୟପ୍ରତିମା ବୋଲି ସୂଚାଇ ଦେଇଛି ଏହି ସଂକଳନ । ୧୯୯୫ରେ ପ୍ରଥମ ସଂସ୍କରଣ ଆତ୍ମପ୍ରକାଶ କରି ୨୦୧୬ରେ ଦ୍ୱିତୀୟ ସଂସ୍କରଣର ପ୍ରକାଶନ ଏହାର ଆଦୃତି ଓ ପରିବର୍ଦ୍ଧନର ଦୀପ୍ତି ନୀହାରିକାଙ୍କ ଔଜ୍ଜ୍ୱଲ୍ୟର ଦ୍ୟୋତକ ବୋଲିବାକୁ ହେବ । ନୀହାରିକାଙ୍କୁ ଭଲକରି ଚିହ୍ନାଇ ଦେବାପାଇଁ ଆମ ସମୟର ସ୍ପଷ୍ଟବାଦୀ ଚିନ୍ତାନାୟକ ତଥା ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଧନେଶ୍ୱର ସାହୁ ଯାହା ଶ୍ରଦ୍ଧାସୁମନରେ ଫୁଟାଇଛନ୍ତି, ତାହା ଅବଶ୍ୟ ପ୍ରଣିଧାନ୍ୟଯୋଗ୍ୟ । ତାଙ୍କ ଭାଷାରେ, "ଆଜି ଜୀବନର ସକଳ ମୂଲ୍ୟବୋଧ ନିମ୍ନଗାମୀ ହେଉଥିବାବେଳେ ଜଣେଜଣେ ମଣିଷଙ୍କୁ ଦେଖିଲେ ମନରେ ଶ୍ରଦ୍ଧା ଆସେ, ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀଟି ଦୃଢ଼ ହୋଇଥାଏ । ଆମ ସମାଜର କ୍ଷୟଶୀଳ ପରିବେଶ ଭିତରେ ତଥାପି ମଣିଷପଣିଆ ଅଛି, ମାନବିକ ସ୍ନେହମମତା ରହିଛି – ଏହି ଆତ୍ମବିଶ୍ୱାସ ଆସିଥାଏ । ୰ ନୀହାରିକା ଦେବୀଙ୍କୁ ମନେପକାଇବା ଭିତରେ ଏହି ବିଶ୍ୱାସଟି ନିଜ ଭିତରେ ଅତୁଟ ରହୁଛି ।" ଏହି ବିଶ୍ୱାସଟି ସତେ ଅବା ସର୍ବଜନୀନ ହୋଇ ସମସ୍ତଙ୍କ କଳ୍ପନାର ଶବ୍ଦଚିତ୍ରରେ ବିମ୍ବିତ ହୋଇଛି । ନୀହାରିକା ରୂପୀ ମମତାର ତାଜ ଯେଉଁମାନଙ୍କ ସମ୍ବେଦନଶୀଳ ବାଙ୍ମୟରେ ଲଳିତମଧୁର, ବେଦନାବିଧୁର ହୋଇଛି ସେମାନଙ୍କ ମଧ୍ୟରେ ଡକ୍ଟର ଧନେଶ୍ୱର ମହାପାତ୍ର, ଡକ୍ଟର ନଟବର ଶତପଥୀ, ଡକ୍ଟର ସୁଲୋଚନା ଦାସ, ଶ୍ରୀ ଯୋଗେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରନ୍ତି ।

ଡକ୍ଟର ପ୍ରମୋଦ କୁମାର ଦାଶ ଓ ଅଧାପକ ତପନକାନ୍ତି ପଟ୍ଟନାୟକଙ୍କ ସଂପାଦନାରେ ସଂକଳିତ 'ନୀହାରିକା' ସମ୍ବେଦନଶୀଳ ତଥା ସଂସ୍କୃତି ସମୃଦ୍ଧ ଭାବଭୂମିରେ ବିଳସିତ ହେବା ସହିତ ରୁଚିକର ପରିପାଟୀରେ ଆତ୍ମପ୍ରକାଶ କରି ସୁହୃଦମାନସକୁ କରିପାରିଛି ଆମୋଦିତ, ରୋମାଞ୍ଚିତ । ଅଧାପିକା ନୀହାରିକା ଦାସ ସ୍ମୃତିନ୍ୟାସ ଏ ସଫଳତାର ଶ୍ରେୟ ଲାଭ କରିବା ନିଶ୍ଚିତ ହେଲେ ମଧ ଦାମ୍ପତ୍ୟପ୍ରେମର ବାଦଶାହ ନାରାୟଣ ମହାନ୍ତି ବିସ୍ମୃତ ହୋଇପାରିବେ ନାହିଁ ।

ଚଳନ୍ତି ସମୟରେ ଦାମ୍ପତ୍ୟଜୀବନ ବହୁଳାଂଶରେ ଦିଗହରା ହୋଇଯାଉଥିବାବେଳେ ଏକ ସମୃଦ୍ଧ, ସୁସଂସ୍କୃତ ଆକର୍ଷଣୀୟ ପତି-ପତ୍ନୀର ପ୍ରେମାପ୍ଲୁତ ଜୀବନଧାରାର ସଙ୍କେତ ବହନ କରିଥିବା ଏହି ସଂକଳନ ଦିଗବାରିଣୀ ରୂପେ ବିବେଚିତ ହେବ ଏବଂ ମାର୍ଜିତ ଦିଗନିର୍ଣ୍ଣୟରେ ଦିଗହରାମାନଙ୍କୁ ସହାୟକ ହେବ ।

*ତହସିଲଦାରଙ୍କ ଅଚାନକ ବଦଳି ପରେ*

## ଅନିଶ୍ଚିତତା ଭିତରେ ଗତି କରିବ ସାତଭାୟା ଥଇଥାନ ପ୍ରକଳ୍ପ

ରାଜନଗର,୧୬।୧; ରାଜନଗର ତହସିଲଦାର କ୍ଷୀରୋଦକୁମାର ବେହେରାଙ୍କୁ ଅଚାନକ ବଦଳି ହୋଇଥିବା ଖବର ପ୍ରକାଶିତ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜଣେ ଦକ୍ଷ ଓ ସଚ୍ଚୋଟ ଅଫିସର ଭାବରେ ଶ୍ରୀ ବେହେରା ଜନସାଧାରଣଙ୍କ ନିକଟରେ ପ୍ରଶଂସିତ ହେଉଥିବା ବେଳେ କିଛି ରାଜନୈତିକ ନେତାଙ୍କର ବୋଲକାରା ନହେବାରୁ ତାଙ୍କୁ ତୃତୀୟ ମହଲାର ଅଧିକାରୀଙ୍କୁ ଧରି ବଦଳି କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତାଙ୍କୁ ପୂର୍ବରୁ ପଟ୍ଟାମୁଣ୍ଡାଇର ବିଡିଓ ଭାବରେ ଦାୟିତ୍ୱ ଦିଆଯାଇଥିଲା । ସାତଭାୟା ଥଇଥାନ ପ୍ରକଳ୍ପ କୁ ତ୍ୱରାନ୍ୱିତ କରିବାକୁ ପୁନର୍ବାର ତାଙ୍କୁ ତହସିଲଦାର ତଥା ସାତଭାୟା ଥଇଥାନ ପ୍ରକଳ୍ପର ନୋଡାଲ ଅଫିସର ଭାବରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦିପ୍ତ ମହାପାତ୍ରଙ୍କ ସୁପାରିଶ କ୍ରମେ ରାଜନଗର ଆସିଥିଲେ । ସାତଭାୟା ଥଇଥାନ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଉଥିବା ତାଙ୍କର ଅଚାନକ ବଦଳି ଯୋଗୁଁ ବହୁ ପ୍ରତିକ୍ଷୀତ ଥଇଥାନ ସମ୍ପୂର୍ଣ୍ଣ ହେବା ନେଇ ଅଶଙ୍କା ସୃଷ୍ଟି ହୋଇଛି । ସାତଭାୟାର ଥଇଥାନ ହେବାକୁ ଥିବା ୫୭୧ପରିବାର ମଧ୍ୟରୁ ୨୮୧ଘର ଛାତ ପଡିଥିବା ବେଳେ ମୋଟ ୩୦୦ପରିବାର ଏଠାରେ ରହିସାରିଲେଣି । ଆହୁରି ୨୭୧ପରିବାରଙ୍କ ଘରକାର୍ଯ୍ୟ କେବଳ ଫାଉଣ୍ଡେସନ ପଡି ରହିଛି । ଏବେବି ସେମାନେ ସାତଭାୟାର ବଙ୍ଗୋପସାଗର କୂଳରେ ଭାଗ୍ୟକୁ ଆଦରି ପଡିରହିଛନ୍ତି । ଏଭଳି ଅବସ୍ଥାରେ ଶ୍ରୀ ବେହେରାଙ୍କର ବଦଳିକୁ ନେଇ ସାତଭାୟାର ମୁରବୀ ସୁଦର୍ଶନ ରାଉତ, ନିରଂଜନ ସ୍ୱାଇଁ, ନଳିନୀକାନ୍ତ ବିଶ୍ୱାଳ, ଅକ୍ଷୟ ପରିଡା, କାଶୀନାଥ ବେହେରା, ସଂଗ୍ରାମ ସାହାଣୀ, ଜ୍ଞାନରଂଜନ ପଣ୍ଡା, ମଦୁସୂଦନ ମୁଦୁଲି, ଅଖିଳ ବିଶ୍ୱାଳ ପ୍ରମୁଖ ସାତଭାୟା ଥଇଥାନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ଏହି ବଦଳିର ପୁର୍ନବିଚାର କରି ତହସିଲଦାର ଶ୍ରୀ ବେହେରାଙ୍କୁ ଥଇଥାନ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ବଦଳି ଆଦେଶକୁ ରଦ୍ଦ କରିବାକୁ ଦାବି କରିଛନ୍ତି । ନଚେତ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସେମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରାଜୀବଲୋଚନ ନାୟକ ତହସିଲଦାର ଶ୍ରୀ ବେହେରା ଶାସକ ଦଳର ସଖୀ କଣ୍ଢେଇ ନହେଲେ ବୋଲି ତାଙ୍କୁ ବଦଳି କରାଯାଇଛି । ସାତଭାୟା ଥଇଥାନ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲିଯିବ । ଆଗାମୀ ଦିନରେ ସାଧାରଣ ଜନତା ଏହାର ଉଚିତ ଜବାବ ଦେବେ ବୋଲି କହିଛନ୍ତି ।

## ଅର୍ପିତା ଓ ମାର୍ଗଦର୍ଶକ ଶିକ୍ଷକଙ୍କ ପ୍ରକଳ୍ପ ରିପୋର୍ଟ ଜାତୀୟସ୍ତରକୁ ମନୋନୀତ

ଢେଙ୍କାନାଳ, ୧୬।୧(ଶ୍ରୁ.ମି.) : ସ୍ଥାନୀୟ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପ୍ରାର୍ଥନା ସଭାରେ ପୂର୍ବାଂଚଳ ଭାରତସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ଓ ଇଞ୍ଜିନିୟରିଂ ମେଳା-୨୦୧୮ରେ ସ୍ୱତନ୍ତ୍ର ପୁରସ୍କାର ଓ ପ୍ରଶଂସାପତ୍ର ପାଇଁ ଉଚ୍ଚ ପ୍ରଶଂସିତ ହୋଇଥିବା ୮ମ ଶ୍ରେଣୀର ଛାତ୍ରୀ ଅର୍ପିତା ବରାଳ ଓ ମାର୍ଗଦର୍ଶକ ଶିକ୍ଷକ ଡା. ଦେବୀପ୍ରସାଦ ମିଶ୍ରଙ୍କ ପ୍ରକଳ୍ପ ରିପୋର୍ଟ ସର୍ବଭାରତୀୟସ୍ତରୀୟ ଜବାହାରଲାଲ ନେହେରୁ ଜାତୀୟ ବିଜ୍ଞାନ ପ୍ରଦର୍ଶନୀ-୨୦୧୮କୁ ମନୋନୀତ ହୋଇଛନ୍ତି । ଏହା ବିରଳା ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଟେକ୍ନୋଲୋଜିକାଲ୍ ମ୍ୟୁଜିୟମ, କଲିକତା ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଅରୁଣାଂଚଳପ୍ରଦେଶ, ମେଘାଳୟ, ମଣିପୁର, ମିଜୋରାମ୍, ନାଗାଲାଣ୍ଡ, ସିକିମ୍, ତ୍ରିପୁରା ଓ ଆଣ୍ଡାମାନ ନିକୋବର ଦୀପପୁଞ୍ଜର ୪୫୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଏହା ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଯୁବ ବିଭାଗ ଓ ବିରଳା ଇଣ୍ଡଷ୍ଟ୍ରିୟାଲ୍ ଏବଂ ଟେକ୍ନୋଲୋଜିକାଲ ମ୍ୟୁଜିୟମ, ଜାତୀୟ କାଉନସିଲ୍ ବିଜ୍ଞାନ ମ୍ୟୁଜିୟମ୍ ଓ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିବି ହାଇସ୍କୁଲ ପ୍ରାର୍ଥନା ସଭାରେ ବରିଷ୍ଠ ଶିକ୍ଷିକା ବିଜୟରଶ୍ମି ମିଶ୍ର, ଅର୍ପିତା ବରାଳ ଓ ମାର୍ଗଦର୍ଶକ ଶିକ୍ଷକ ଡା. ଦେବୀପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ପ୍ରାର୍ଥନାସଭାରେ ବିବି ହାଇସ୍କୁଲର ବରିଷ୍ଠ ଶିକ୍ଷକ ଦେବରାଜ ରାଉତ, ସୁରେଶ କୁମାର ପଣ୍ଡା, ବିଜୟରଶ୍ମି ମିଶ୍ର, ଜୟଶ୍ରୀ ମିଶ୍ର, ସୁଲୋଚନା ଭୂତିଆ, କ୍ଷୀରାବ୍ଧି ତନୟା ମହାପାତ୍ର, ଡ. ଅନୁପମା ମିଶ୍ର, ଇତିଶ୍ କୁମାର ବରାଳ, କିଶୋର ଚନ୍ଦ୍ର ସାମଲ, ଅକ୍ଷୟ କୁମାର ପଣ୍ଡା, ଅନୁପମା ପଣ୍ଡା, ସୁଚିତ୍ରା ସାହୁ, ସୁଜାତା ପଣ୍ଡା, ପୂର୍ଣ୍ଣପ୍ରଭା ନାୟକ, ପୂର୍ଣ୍ଣପ୍ରଭା ସାହୁ, ସ୍ୱର୍ଣ୍ଣମୟୀ ଶତପଥି, ଶ୍ୱେତପଦ୍ମା ମିଶ୍ର, ସୁନିତାବାଳା ଷଡଙ୍ଗୀ, କାର୍ଯ୍ୟାଳୟ ସହକାରୀ ପ୍ରିୟଦର୍ଶୀ ମିଶ୍ର, ଚତୁର୍ଥଶ୍ରେଣୀ କର୍ମଚାରୀ ପ୍ରଭାତ କୁମାର ପ୍ରଧାନ, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ କୁମାର ଜେନା ଓ ନରହରି ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ




ବାଲେଶ୍ୱର, ୧୬/୦୧(ଶ୍ରୁ.ମି.) : ବାଲେଶ୍ୱର ମଧ୍ୟମ ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ଦାସ ପାଣି ପଂଚାୟତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ଆଜିଠାରୁ ଆସନ୍ତା ୩୦ ତାରିଖ ଯାଏଁ ଜିଲ୍ଲାର ବିଭିନ୍ନ ଜଳସେଚନ ଡିଭିଜନ ଅଂଚଳ ଗସ୍ତ କରି ଚାଷୀମାନଙ୍କ ମଧ୍ୟରେ ସଚେତନତା ବାର୍ତା ପ୍ରସାର କରିବ । ତା ଛଡା ବିଭିନ୍ନ ପାଣି ପଂଚାୟତର ଚାଷୀମାନଙ୍କ କ୍ଷୁଦ୍ର ସଭା ଆୟୋଜନ କରି ସେମାନଙ୍କୁ ଜଳର ଉତମ ବିନିଯୋଗ,ଜଳ ସଂରକ୍ଷଣ, ଜଳର ଗୁଣବତା, ନୂତନ ଜ୍ଞାନକୌଶଳର ପ୍ରୟୋଗ, ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ଚାଷ ଜମିକୁ ଜଳଯୋଗାଣ, କେନାଲର ରକ୍ଷଣାବେକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ । ଏଥି ସହିତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ବାର୍ତା ପ୍ରଦାନ କରାଯିବ । ପାଣି ପଂଚାୟତ ପକ୍ଷ ପାଳନ ନିମନ୍ତେ ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ ଚାନ୍ଦ ମୁର୍ମୁଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି । ସେ ପାଣି ପଂଚାୟତ ଉପରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଆଦି ଆୟୋଜନ କରି ବିଜେତାଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ ହେବା ପାଇଁ ପଦକ୍ଷେପ ନେବେ । ତା ଛଡା ଶ୍ରେଷ୍ଠ ଚାଷୀ ମନୋନୟନ କରାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ବିଶେଷ ଭାବେ କମ ପାଣିରେ ଉନ୍ନତ କିସମର ଫସଲ ଉତ୍ପାଦନ କ୍ଷେତ୍ରରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏଥର ରଥ ଜନ ସଚେତନତା ସୃଷ୍ଟି କରିବ ବୋଲି ଜଣାପଡିଛି । ରଥ ଶୁଭାରମ୍ଭ ବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ ରମେଶ କୁମାର ସାବତ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଳ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଉରକେଲା ଇସ୍ପାତ କାରଖାନାର ରାଜଭାଷା ଅଧିକାରୀଙ୍କ ବୈଠକ ଅନୁଷ୍ଠିତ



ରାଉରକେଲା, ୧୬/୧(ଶ୍ରୁ.ମି.) : ରାଜଭାଷା କାର୍ଯ୍ୟଧାରାକୁ ସୁଦୃଢ କରିବା ତଥା ଏହାର ପ୍ରସାର ନିମନ୍ତେ ପ୍ରୟାସର ଅଂଶସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗର ମନୋନୀତ ହିନ୍ଦୀ ଅଧିକାରୀଙ୍କ ଏକ ବୈଠକ ଜାନୁଆରୀ ୧୬ ତାରିଖରେ କାରଖାନାର କାର୍ମିକ ବିଭାଗୀୟ ସମ୍ମେଳନ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆରଏସପି ଲୋକସମ୍ପର୍କ ବିଭାଗର ଡିଜିଏମ ତଥା ସଞ୍ଚାର ମୁଖ୍ୟ ଏବଂ ରାଜଭାଷା ଇନ ଚାର୍ଜ ଶ୍ରୀ ରମେନ୍ଦ୍ର କୁମାର ଅଧକ୍ଷତା କରିଥିଲେ । ଏଥିରେ ଆରଏସପିର ବିଭିନ୍ନ ଜୋନର ୩୨ ଜଣ ହିନ୍ଦୀ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଲୋକସମ୍ପର୍କ ଓ ରାଜଭାଷା ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ରାଜଭାଷା ଅଧିକାରୀମାନଙ୍କର ଏହା ପ୍ରଥମ ଅନୁରୂପ ବୈଠକ ଥିଲା । ନିଜର ପ୍ରାରମ୍ଭିକ ବକ୍ତବ୍ୟରେ ଶ୍ରୀ କୁମାର ବୈଠକ ଆୟୋଜନର ଉଦ୍ଦେଶ୍ୟ ଏବଂ ରାଜଭାଷାର ପ୍ରସାର ନିମନ୍ତେ ସୃଜନଶୀଳ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରିଥିଲେ । ରାଜଭାଷା ଅଭିଯାନକୁ ପ୍ରତିଷ୍ଠାନରେ ସୁଦୃଢ କରିବା ନିମନ୍ତେ ସୁଚିନ୍ତିତ ମତାମତ ପ୍ରଦାନ କରିବା ନିମନ୍ତେ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଆରଏସପିର କାର୍ଯ୍ୟଧାରାକୁ ପ୍ରଦର୍ଶିତ କରିବା ନିମନ୍ତେ ଆଧୁନିକ ଜ୍ଞାନକୌଶଳ ଏବଂ ସୋସିଆଲ ମେଡିଆର ଉପଯୋଗ କରିବା ଉପରେ ଶ୍ରୀ କୁମାର ଗୁରୁତ୍ୱାରୋପ କରିଥିଲେ । ବୈଠକ ଅବସରରେ ଲୋକସମ୍ପର୍କ ଓ ରାଜଭାଷା ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଲଲାଟି ଟପ୍ପୋ ରାଜଭାଷାର ସାମଗ୍ରିକ କାର୍ଯ୍ୟଧାରା, ଲକ୍ଷ୍ୟ, ପ୍ରାବଧାନ, ସୁବିଧା, ପ୍ରଶିକ୍ଷଣ ସୁଯୋଗ ଏବଂ ହିନ୍ଦୀ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଆଧାରିତ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ବୈଠକରେ ରିପୋର୍ଟଗୁଡିକର ମହତ୍ତ୍ୱ ଏବଂ ଭାରତ ସରକାରଙ୍କର ବୈଧାନିକ ଆବଶ୍ୟକତା ଅନୁପାଳନ ସନ୍ଦର୍ଭରେ ମଧ ଆଲୋଚନା ଅନୁଷ୍ଠିତ ହୋଇଥିଲା । ପରେ ପରେ ଅନୁଷ୍ଠିତ ମତବିନିମୟ ଅଧିବେଶନରେ ବିଭାଗୀୟ ହିନ୍ଦୀ ଅଧିକାରୀମାନେ ବହୁ ଉପାଦେୟ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ଲୋକସମ୍ପର୍କ ବିଭାଗର ସିନିୟର ମ୍ୟାନେଜର ଶ୍ରୀମତୀ ଅର୍ଚ୍ଚନା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ସୁଶ୍ରୀ ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଭାରତ ସମ୍ମୁଖରେ ୨୮୭ ଲକ୍ଷ୍ୟ

## ଦକ୍ଷିଣ ଆଫ୍ରିକା ୩୩୫ ଓ ୨୫୮, ଭାରତ ୩୦୭ ଓ ୧୬/୨



ସେଞ୍ଚୁରିଅନ, ୧୬/୧(ଏଜେନ୍ସି) : ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେଉଥିବା ଚଳିତ ତିନିଟିକିଆ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ବିଜୟ ପାଇଁ ୨୮୭ ରନ୍‌ର ଲକ୍ଷ୍ୟ ରହିଛି । ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତୀୟ ଦଳ ୧୬ ରନ୍‌ରେ ଦୁଇଟି ୱିକେଟ୍ ହରାଇଛି । ବିଜୟ ପାଇଁ ଆଉ ୨୭୧ ରନ୍ ଆବଶ୍ୟକ ଅଛି । ଭାରତର ଓପନର ମୁରଲୀ ବିଜୟ ୯ ରନ୍ ଓ ଲୋକେଶ ରାହୁଲ ମାତ୍ର ୪ ରନ୍ କରି ଆଉଟ୍ ହୋଇ ଯାଇଛନ୍ତି । ଚେତେଶ୍ୱର ପୂଜାର ୨ ଓ ବିରାଟ୍ କୋହଲି ଶୂନ୍ୟ ରନ୍ କରି ଅପରାଜିତ ଅଛନ୍ତି । କୋହଲି ପ୍ରଥମ ଇନିଂସରେ ୧୫୩ ରନ୍ କରିଥିବାବେଳେ ଦଳ ତାଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇଛି । ତେବେ ଏହି ସିରିଜରେ ରୋହିତ ଶର୍ମା ଆଦୌ ଫର୍ମରେ ନଥିବା ଦେଖିବାକୁ ମିଳିଛି । ତିନୋଟି ଇନିଂସରେ ସେ ୧୦,୧୧ ଓ ୧୦ କରିଛନ୍ତି । ଆଜି ଦକ୍ଷିଣ ଆଫ୍ରିକା ଏହାର ଦ୍ୱିତୀୟ ଇନିଂସରେ ୨୫୮ ରନ୍ କରି ଅଲ୍ ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଡେଭିଲିୟର୍ସ ସର୍ବାଧିକ ୮୦, ଡୁପ୍ଲିସିସ୍ ୪୮, ଫିଲାଣ୍ଡର ୨୬ ଓ ଡିକ୍କ ୧୨ ରନ୍ କରିଥିବାବେଳେ ମର୍କେଲ ଅପରାଜିତ ଥିଲେ ମଧ ମାତ୍ର ୧୦ ରନ୍ କରିଥିଲେ । ଭାରତର ମହମ୍ମଦ ଶାମୀ ୧୬ ଓଭର ବୋଲିଂ କରି ୪୯ ବିନିମୟରେ ୪ଟି ୱିକେଟ୍ ପାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୁମରା ୩, ଇଶାନ୍ତ ଶର୍ମା ୨ ଓ ରବିଚନ୍ଦ୍ରନ୍ ଅଶ୍ୱିନୀ ଗୋଟିଏ ୱିକେଟ୍ ପାଇଥିଲେ ।

# କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର ୨୦୧୭

## ସ୍ପେନ୍ ଓ ଥାଇଲାଣ୍ଡକୁ ପଛରେ ପକାଇଲା ଭାରତର କିସ୍




ଭୁବନେଶ୍ୱର, ୧୬।୧(ଶ୍ରୁ.ମି.) : କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର ୨୦୧୭ ପ୍ରଦାନ କରାଯାଇଛି । ଇରାନ୍‌ର ରାଜଧାନୀ ତେହେରାନ୍‌ଠାରେ ମଙ୍ଗଳବାର ଆୟୋଜିତ ଏକ ଭବ୍ୟ ଉତ୍ସବରେ ବିଶ୍ୱର ଏହି ଲୋକପ୍ରିୟ ତଥା ସମ୍ମାନଜନକ ପରିବେଶ ପୁରସ୍କାରର ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତର କିସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ବିଶ୍ୱର ୧୭୮ଟି ଦେଶର ୨ହଜାର ପ୍ରକଳ୍ପ ବିଭିନ୍ନ ବର୍ଗ ଯଥା ଭୂମି, ଅଗ୍ନି, ଜଳ, ବାୟୁ ଓ ଯୁବ ଆଦିରେ ପ୍ରତିଯୋଗିତା କରିଥିଲେ । ଚୂଡ଼ାନ୍ତ ପର୍ଯ୍ୟାୟରେ ଅଗ୍ନି ବର୍ଗରେ ଥାଇଲାଣ୍ଡ ଓ ସ୍ପେନ୍‌କୁ ପଛରେ ପକାଇ ଭାରତର କିସ୍ ଏହି ପୁରସ୍କାର ଲାଭ କରିଛି । କିସ୍‌ର ପ୍ରତିନିଧି ଏହି ପୁରସ୍କାର ଆଜି ଗ୍ରହଣ କରିଥିଲେ । ଏହି ପୁରସ୍କାର ପ୍ରଦାନ ଉତ୍ସବରେ ୬୦ଟି ଦେଶ ଯୋଗଦେଇଥିବା ବେଳେ ବିଶ୍ୱବ୍ୟାପୀ ଏହାର ପ୍ରାସାରଣ କରାଯାଇଥିଲା । କିସ୍‌ରେ ବାୟୋଗ୍ୟାସ୍ ପ୍ଲାଣ୍ଟ ଯୋଗେ ଅତ୍ୟାଧୁନିକ ଉପାୟରେ ୨୭ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି, ବାଷ୍ପ ଭିତ୍ତିକ ରନ୍ଧନ ବ୍ୟବସ୍ଥା, ସୌରଶକ୍ତି ଚାଳିତ ଜଳତାପନ ବ୍ୟବସ୍ଥା ଏବଂ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ କିସ୍‌କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶ୍ୱର ଏହି ସର୍ବୋଚ୍ଚ ଓ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । କିସ୍ ତାର ସବୁଜ ପ୍ରକଳ୍ପ ମାଧ୍ୟମରେ ଏ ସବୁ ବ୍ୟବସ୍ଥା କରି ପରିବେଶ ଜନିତ ସମସ୍ୟା ସମାଧାନ କରିବାରେ ସକ୍ଷମ ହୋଇପାରିଛି । କିସ୍‌କୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସୁଥିବା ରାଷ୍ଟ୍ରନେତା, ରାଷ୍ଟ୍ରଦୂତ, ନୀତି ନିର୍ଦ୍ଧାରକ, ପ୍ରଶାସକ, ନୋବେଲ୍ ପୁରସ୍କାର ବିଜେତାମାନେ କିସ୍‌ର ସବୁଜ ପ୍ରକଳ୍ପରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଆସୁଛନ୍ତି । କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର ୨୦୧୭ ମିଳିବା ପରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, ଏହା କେବଳ କିସ୍ ଓ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ସେ କହିଛନ୍ତି କିସ୍ ସର୍ବଦା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଆସୁଛି । ବର୍ତ୍ତମାନ ସମୟରେ ବିଶ୍ୱ ତାପନ ଯୋଗୁଁ ପରିବେଶ ଜନିତ ସମସ୍ୟା ଉଗ୍ର ହୋଇଥିବା ବେଳେ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି । ସମସ୍ତେ ପରିବେଶ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

# ଆଇଜି ପାର୍କରେ ଏଭିୟାନ ଇନଫ୍ଲୁଏଞ୍ଜା ନିୟନ୍ତ୍ରଣ ପାଇଁ ଆରଏସପି ଦ୍ୱାରା ପ୍ରତିଷେଧକ ବ୍ୟବସ୍ଥା




ରାଉରକେଲା, ୧୬/୧(ଶ୍ରୁ.ମି.) : ଇନ୍ଦିରା ଗାନ୍ଧୀ ପାର୍କରେ ପଶୁପକ୍ଷୀଙ୍କ ମଧ୍ୟରେ ଏଭିୟାନ ଇନଫ୍ଲୁଏଞ୍ଜା ସଂକ୍ରମଣ ରୋକିବା ପାଇଁ ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଦ୍ୱାରା ବିବିଧ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ପାର୍କରେ ସମ୍ପ୍ରତି ବ୍ୟାପକ କୀଟାଣୁ ଶୋଧନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପାର୍କର ପଶୁପକ୍ଷୀ ଏନକ୍ଲୋଜର ଅଞ୍ଚଳରେ ୪.୦% ଫର୍ମାଲଡିହାଇଡ ମିଶ୍ରିତ ସଲ୍ୟୁସନ ସ୍ପ୍ରେ କରାଯାଉଛି । ଏତଦ୍‌ବ୍ୟତୀତ ଭିର୍କନ-ଏସ ନାମକ ଏକ ଭୂତାଣୁ ପ୍ରତିରୋଧକ ଔଷଧ ପେଲିକାନ ଏନକ୍ଲୋଜର ତଥା ଅନ୍ୟ ପଶୁପକ୍ଷୀ ଏନକ୍ଲୋଜର ମଧ୍ୟରେ ସ୍ପ୍ରେ କରାଯାଉଛି । ପରିଦର୍ଶକଙ୍କ ଦ୍ୱାର ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ପ୍ରବେଶ ପଥରେ ପୋଟାସିଅମ ପରମାଙ୍ଗାନେଟ ସଲ୍ୟୁସନରେ ଫୁଟବାଥ ବ୍ୟବସ୍ଥା କରାଯାଇଛି । ଏହି ସଲ୍ୟୁସନକୁ ସମସ୍ତ ଏନକ୍ଲୋଜରରେ ରଖାଯାଇଛି ଯାହାଦ୍ୱାରା ସଂକ୍ରମଣ ରୋକାଯାଇପାରିବ । ସମସ୍ତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ପ୍ରତି ନିୟମିତ କଡା ଦୃଷ୍ଟି ରଖାଯାଉଛି ଏବଂ ଦିନରେ ଦୁଇଥର ସେମାନଙ୍କର ସ୍ୱାସ୍ଥ୍ୟ ସୂଚନା ଲିପିବଦ୍ଧ ରହୁଛି । ବାୟୁ ବାହିତ ରୋଗ ରୋକିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଫଗିଙ୍ଗ ମଧ କରାଯାଉଛି । ସମ୍ପ୍ରତି ଆଇଜି ପାର୍କ ଚିଡିଆଖାନାରେ ୨୪ଟି ଭିନ୍ନ ଭିନ୍ନ ପ୍ରଜାତିର ୧୬୫ଟି ପଶୁପକ୍ଷୀ ରହିଛନ୍ତି ।

## ସାଇଟ ୫୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ବରକାନି ଓ ଲୋଇସିଂହା ବିଜୟୀ

ବଲାଙ୍ଗିର, ୧୬।୧ (ଶ୍ରୁ.ମି.) : ବଲାଙ୍ଗିର ନିକଟସ୍ଥ ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ୫୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ଅନୁଷ୍ଠିତ (୧୯ବର୍ଷରୁ ତଳ) ପ୍ରଥମ ଖେଳ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇ ବରକାନି ଜିପିଏଫଏ ୩-୨ ଗୋଲରେ ଟିଟିଲାଗଡ ସହିଦ ଜିମ୍ନାସିୟମକୁ ହରାଇ ବିଜୟୀ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ଟିଟିଲାଗଡ ଦଳର ବଳରାମ ପୁଟେଲ ଓ ଛବି ବାଗ ଗୋଲ ବଳରେ ଦଳ ୨-୦ ରେ ଆଗୁଆଥିଲା, ଦ୍ୱିତୀୟାର୍ଦ୍ଧରେ ବରକାନି ଦଳର ରାମ ତରିଆ, ରାଜେଶ ମିର୍ଦ୍ଧା ଓ ଅର୍ଜୁନ ଘିବେଲା ଗୋଲ ଦେବାରୁ ବରକାନି ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ଖେଳରେ ଲୋଇସିଂହା ଏପିଜେଏ ବନାମ ଆରକେଷ୍ଟିଲ ଖେଳ ସଂଘର୍ଷ ପୂର୍ଣ୍ଣ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଥିଲା । ଆରକେଷ୍ଟିଲ ତରଫରୁ ପ୍ରିତମ ତାଣ୍ଡି ଗୋଲ ଦେଇଥିବା ବେଳେ, ଲୋଇସିଂହା ତରଫରୁ ବିଟୁ ମୁଦଲି ଗୋଲ ଦେଇଥିଲେ । ଟ୍ରାଇବ୍ରେକରରେ ଲୋଇସିଂହା ୨-୧ ଗୋଲରେ ବିଜୟୀ ହୋଇଥିଲା । ସାଙ୍ଗଠନିକ ସମ୍ପାଦକ ଡ. ସିଦ୍ଧେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥିଭାବରେ ସ୍ୱତନ୍ତ୍ର ସରକାରୀ ଓକିଲ ତଥା କ୍ରିଡାସଂସଦ ସଭ୍ୟ ଜୟରାମ ମିଶ୍ର, ବରିଷ୍ଠ ସାମ୍ବାଦିକ ପାର୍ଥ ମହାପାତ୍ର ଓ ସୁଶ୍ରୀ ଆଇଟିଆଇ ଅଧକ୍ଷ ଇଂ ସନ୍ତୋଷ କୁମାର ବ୍ରହ୍ମା ଯୋଗଦେଇଥିଲେ । ଉଭୟ ଖେଳକୁ ଦେବରାଜ ନାହାକ, ନିସାରକାନ୍ତ ନାଗ, ସୁଧାଂଶୁ ସେଠ ଓ ଶରତ କୁମାର ନନ୍ଦ ପରିଚାଳନା କରିଥିଲେ । ସାଇଟ ସମ୍ପାଦକ ମନୋଜ କୁମାର ମିଶ୍ର, ହରିଶଙ୍କର ସାଏ, ଇଶ୍ୱର ମଛଖଣ୍ଡ, ଜୟନ୍ତ ପଟେଲ, ଅଶୋକ ପ୍ରଧାନ, ଗରୁଡଧ୍ୱଜ ସାଏ ପ୍ରମୁଖ ଉପସ୍ଥିତ ଥିଲେ । ୧୭ ତାରିଖରେ ପ୍ରଥମ କ୍ୱାଟରଫାଇନାଲ ଚନ୍ଦନ ଭାଟି ବନାମ ଆଗଲପୁର ଓ ଦ୍ୱିତୀୟ କ୍ୱାଟର ଫାଇନାଲ ସାଇଟ ସଦାଇପାଲି ବନାମ କାଲସାଏପାଲି ମଧ୍ୟରେ ହେବ ।

# ତୈଳ ଓ ଗ୍ୟାସ ସଂରକ୍ଷଣ ସଚେତନତା ଅଭିଯାନ – ସକ୍ଷମ’ ୧୮ ଉଦଯାପିତ

ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ସକ୍ଷମ ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ ଓ ଏହାକୁ ପେଟ୍ରୋଲିୟମ କଂଜର୍ଭେସନ ରିସର୍ଚ୍ଚ ଆସୋସିଏସନ (ପିସିଆରଏ) ଓ ତୈଳ ଉଦ୍ୟୋଗ ପକ୍ଷରୁ ମିଳିତ ଭାବେ ଆୟୋଜିତ କରାଯାଇଥାଏ । ତୈଳ ଓ ଗ୍ୟାସ ସଂରକ୍ଷଣ ବିଷୟରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ତିଆରି କରିବା ଏହାର ମୂଳ ଉଦ୍ଦେଶ୍ୟ । ଏହି ସମୟ ମଧ୍ୟରେ ପରିବହନ, ଶିଳ୍ପ, କୃଷି ଓ ପରିବାର ମାନଙ୍କରେ ବିଭିନ୍ନ ଗତିବିଧି ମାନ ଆୟୋଜିତ କରା ଯାଇ ଇନ୍ଧନ ସଂରକ୍ଷଣକୁ ନେଇ ବାର୍ତ୍ତା ଦିଆ ଯାଇଥାଏ । ତୈଳ ଓ ଗ୍ୟାସ ସଂରକ୍ଷଣ ସଚେତନତା ଅଭିଯାନ – ସକ୍ଷମ’୧୮ ର ଉଦଘାଟନୀ କାର୍ଯ୍ୟକ୍ରମ ଭୁବନେଶ୍ୱରର ଜୟଦେବ ବିହାର ଠାରେ ଅନୁଷ୍ଠିତ ହେବ ଓ ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ଏସସି ଜମୀର ଏହାକୁ ଉଦଘାଟନ କରିବେ । ୨୦୧୭ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ତୈଳ ଉଦ୍ୟୋଗର ସହାୟତାରେ ପିସିଆରଏ ଇନ୍ଧନ ସଂରକ୍ଷଣର ବିଷୟ ନେଇ ଦେଶ ସାରା ସ୍କୁଲ ପିଲା ମାନଙ୍କ ମଧ୍ୟରେ ପ୍ରବନ୍ଧ, ପେଂଟିଙ୍ଗ, କ୍ୱିଜ ପ୍ରତିଯୋଗିତା ଆଦିର ଆୟୋଜନ କରିଥିଲା ଓ ଏଥିରୁ ୪୦ ଲକ୍ଷରୁ ଉର୍ଧ ଛାତ୍ର – ଛାତ୍ରୀ ଭାଗ ନେଇଥିଲେ । ଏହାର ଗୁରୁତ୍ୱକୁ ବୁଝି ପେଟ୍ରୋଲିୟମ ମନ୍ତ୍ରଣାଳୟ ଏହି ଅଭିଯାନକୁ ପ୍ରତ୍ୟେକ ବର୍ଷ ଏକ ମାସ ଧରି କରିବାକୁ ନିଷ୍ପତି ଗ୍ରହଣ କରିଛି । ଏହି କାର୍ଯ୍ୟକ୍ରମ ଗୁଡିକ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଓ ପିସିଆରଏ ( ପେଟ୍ରୋଲିୟମ କଂଜର୍ଭେସନ ରିସର୍ଚ୍ଚ ଆସୋସିଏସନ)ର ଗାଇଡଲାଇନ ଅନୁସାରେ ହେବ । ଚଳିତ ବର୍ଷ ସଂରକ୍ଷଣ କ୍ଷମତା ମହୋତ୍ସବ ( ସକ୍ଷମ-୧୮) ଜାନୁଆରୀ ୧୬, ୨୦୧୮ରୁ ୧୫ ଫେବୃଆରୀ ୨୦୧୮ ଯାଏ ଅନୁଷ୍ଠିତ ହେବ । ସାରା ଦେଶରେ ପାଳନ ହେବାକୁ ଥିବା ଏହି ଅଭିଯାନରେ ନିମ୍ନୋକ୍ତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ।

ଜନ ସଚେତନତା

ତୈଳ ଓ ଗ୍ୟାସର ସଂରକ୍ଷଣର ବାର୍ତ୍ତା ପ୍ରଚାର ପାଇଁ ସାରା ଦେଶରେ ସାଇକ୍ଲୋଥନ ଆୟୋଜନ କରାଯିବ । ଓଡିଶାରେ ଫେବୃଆରୀ ୪, ୨୦୧୮ରେ ଏହି କାର୍ଯ୍ୟକ୍ରମ ପାଇଁ ଯୋଜନା ।

କାର ମାଲିକଙ୍କ ପାଇଁ ଇନ୍ଧନ ସଂଚୟ ସମ୍ପର୍କିତ ଡ୍ରାଇଭିଂ ପ୍ରତିଯୋଗିତାର ଆୟୋଜନ



ସ୍କୁଲ ଓ କଲେଜ ମାନଙ୍କରେ କ୍ୱିଜ/ ପ୍ରବନ୍ଧ /ପେଂଟିଙ୍ଗ/ ବାକ୍ ପ୍ରତିଯୋଗିତାର ଆୟୋଜନ

ସାଇକେଲ ର୍‍ୟାଲୀ/ ସର୍ବସାଧାରଣ ର୍‍ୟାଲୀ/ ମାରାଥନ/ ପଥ ପ୍ରାନ୍ତ ନାଟକ /ମାନବ ଶୃଙ୍ଖଳର ଆୟୋଜନ

ଟେଲିଭିଜନ / ରେଡିଓରେ ସାକ୍ଷାତକାର / ଟକ୍

ଘର ଓ ପରିବାର କ୍ଷେତ୍ର

ଇନ୍ଧନ ସଂଚୟ କରିବାର ଟିପ୍ସକୁ କୁ ନେଇ ବାୟୋମାସ / ଏସକେଓ ତୁଳନାରେ ଏଲପିଜି / ପିଏନଜି ସମ୍ବନ୍ଧରେ ସାମୁହିକ ଟକ୍ ।

ଶିଳ୍ପ

ବିଭିନ୍ନ ଶିଳ୍ପର ଟେକ୍ନିକାଲ ମିଟ /କର୍ମଶାଳା/ ସେମିନାରର ଆୟୋଜନ

ପରିବହନ ଟ୍ରକ ବସ, ଏମସିଭି, ଏଲସିଭି, ଏଚଏମଭି, ରାଜ୍ୟ ପରିବହନ ଓ ଅନ୍ୟ ଫ୍ଲିଟ ଅପରେଟର ( ଉଦାହରଣ ସ୍ୱରୂପ ବସ, ଟ୍ରକ ୟୁନିୟନ)ର ଶ୍ରମିକ/ ଇଂଜିନିୟର/ ମ୍ୟାନେଜର ମାନଙ୍କ କର୍ମଶାଳା

ଏହାର ଥିମ ଇନ୍ଧନ ସଂରକ୍ଷଣ କି ଜିମ୍ମେଦାରୀ, ଜନ ଗଣ କି ଭାଗିଦାରୀ ସକ୍ଷମ’୧୮ ଉଦଘାଟନୀ କାର୍ଯ୍ୟକ୍ରମ ।

# ଲାଞ୍ଜିବେର୍ଣ୍ଣା ଖଣି ପକ୍ଷରୁ ମକର ଭେଟଘାଟ ପାଳିତ

କୁତ୍ରା, ୧୬/୧(ଶ୍ରୁ.ମି.) : ଓସିଏଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ପରିଚାଳିତ ଲାଞ୍ଜିବେର୍ଣ୍ଣ ଲାଇମ୍ ଷ୍ଟୋନ୍ ଏବଂ ଡୋଲମାଇଟ ଖଣି ପକ୍ଷରୁ ପବିତ୍ର ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଅଧିବାସୀଙ୍କୁ ନେଇ ମକର ଭେଟଘାଟ ଆୟୋଜିତ ହୋଇଯାଇଛି । ଏଥିରେ ଓସିଏଲ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଗଣେଶ ଜିରକୁଣ୍ଡୱାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଲାଞ୍ଜିବେର୍ଣ୍ଣା ଖଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଲାଞ୍ଜିବେର୍ଣ୍ଣା ଖଣି ମୁଖ୍ୟ ସରୋଜ କୁମାର ରାଉତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଆଖପାଖ ଗ୍ରାମରେ ପ୍ରାୟ ୧୬୦୦-୨୦୦୦ ସ୍ଥାନୀୟ ଗ୍ରାମବାସୀ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଏହି ଅବସରରେ ଏକତ୍ର ହୋଇ ଆୟୋଜିତ ପ୍ରୀତିଭୋଜନର ଆନନ୍ଦ ଉଠାଇଥିଲେ । ଓସିଏଲ୍ ଅନେକ ବରିଷ୍ଠ ଅଧିକାରୀ ଏବଂ ଖଣି ଅଧିକାରୀ ମଧ ଏହି ଭୋଜିରେ ଉପସ୍ଥିତ ଥିଲେ ।



Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
**Editor-Sarbeswar Mishra**
ସମ୍ପାଦକ:ସର୍ବେଶ୍ୱର ମିଶ୍ର